R.N.I. REGN. No. 65000/96 POSTAL REGN. No. OR/BN-32/12-14
ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୦
ତିଥି : ଅଷ୍ଟମୀ
୦୨ ନଭେମ୍ବର ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA
ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ
30th ANNIVERSARY
Bhubaneswar | Balasore | Angul | Berhampur | Sambalpur

TATA ଉତ୍ପାଦନ
TANISHQ
Adhyantara
ମହାଜାଗତିକ ଆଶ୍ଚର୍ଯ୍ୟ, ଆପଣଙ୍କ ପାଇଁ ସୃଜିତ
ଠାରୁ ₹301 ଛାଡ଼*
ପ୍ରତି ଗ୍ରାମ ସୁନା ଅଳଙ ୍କାର ଉପରେ
20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ
ଡାଇମଣ୍ଡ ମୂଲ୍ୟ ଉପରେ
ଆପଣଙ୍କ ପାଇଁ ଏକ ବିଜୟ।
ଭାରତ ପାଇଁ ଏକ ବିଜୟ।
સોનાનાં એક્સચેન્જની સૌથી પારદર્શક પ્રક્રિયા, જે તમને તમારા જૂનાં સોનાં માટે શ્રેષ્ઠ મૂલ્ય આપે છે અને ભારતને તેની આયાત ઘટાડવામાં મદદરૂપ થાય છે.
—WIN-WIN—
EXCHANGE
0%
ଫ୍ଲାଟ୍ 0% କଟାଣ*
ଯେକୌଣସି ଜ୍ୱେଲରୀଙ୍କର
(18 କ୍ୟାରେଟ ଏବଂ ତା'ଠାରୁ ଅଧିକ)
ପୁରୁଣା ସୁନା ସକାଶେ।
କୌଣସି ଲୁଚାଛପା କଟାଣ ନାହିଁ
ବର୍ଷସାରା ବିନିମୟ
ଏକ ବ୍ୟାପକ ସମ୍ଭାରର ନୂତନ ଏବଂ ସ୍ୱତନ୍ତ୍ର ଡିଜାଇନ୍ ସହିତ ନିଜକୁ ଅପଗ୍ରେଡ୍ କରନ୍ତୁ
ବାହାଘର, ପର୍ବପର୍ବାଣୀ ଓ ବିଶେଷ ଅବସର ଲାଗି ବିନିମୟ କରନ୍ତୁ
ଗୋଲ୍ଡ ରେଟ୍ ପ୍ରୋଟେକ୍ସନ୍ – ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ*
UP TO ₹7,500 INSTANT DISCOUNT# SBI card
#Min. Trxn.: ₹1,00,000. Valid on one transaction per card.
Validity: 02 Nov - 08 Nov 2026. T&C Apply.
Talk to our jewellery expert to know more 1800 2966 677
Buy online at tanishq.co.in or Download our App *Conditions apply.
Scan for an immersive cosmic experience
Bhubaneswar : Chandrasekharpur - 7205050700 | Master Canteen Square - 9238307043 | Saheed Nagar - 0674-3545757
Amalapada, Lane - 2, Anugola - 9090066000, 8147485152 | Cantonment Road, Kataka - 9238307044



ଶୈଶବରେ ନିଅନ୍ତୁ ମସ୍ତିଷ୍କର ଯତ୍ନ

ପିଲାଙ୍କୁ ଗଢିବାର ବୟସ ହେଲା ଶୈଶବ । ଏହି ବୟସରେ ସେମାନଙ୍କ ମସ୍ତିଷ୍କର ଦୃତ ଗତିରେ ବିକାଶ ଘଟିଥାଏ । ତେଣୁ ଏହି ସମୟରେ ପିଲାଙ୍କ ସହିତ ଟିକେ ସଂଯମତାର ସହ ବ୍ୟବହାର କରିବାକୁ ହୋଇଥାଏ । ସେମାନଙ୍କୁ ଗାଳି ଦେଲେ କିମ୍ବା ବାଡେଇଲେ ଏହାର ନକରାତ୍ମକ ପ୍ରଭାବ ସାଙ୍ଗେ ସାଙ୍ଗେ ମସ୍ତିଷ୍କ ଉପରେ ପଡିଥାଏ । କର୍ନାଲ ଅଫ୍ ବାୟୋଲୋଜିକାଲ ସାଇକ୍ରିଆଟିକ୍ ମାଗାଜିନ୍‌ରେ ପ୍ରକାଶିତ ତଥ୍ୟ ଅନୁସାରେ ଆମ ମସ୍ତିଷ୍କରେ ଥିବା ଆମିଗୋଡାଲା ଓ ହିପୋକାମ୍ପସ୍ ଶୈଶବର ଭାବନା ସହିତ ସ୍ମୃତିଶକ୍ତି ପ୍ରଖର କରିବାରେ ସହାୟକ ହୁଅନ୍ତି । ବୟସ ବଢ଼ିବା ସହିତ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଦୁଇଟିର ବିକାଶ ଘଟିଥାଏ । ପିଲାଙ୍କ ଉପରେ ଚାପ ପଡିଲେ ଏହା ଠିକ୍ ଭାବେ ବିକାଶ ହୁଏ ନାହିଁ। ତେଣୁ ପିଲାଙ୍କୁ ସର୍ବଦା ସକରାତ୍ମକ କଥା କହିବା ଦରକାର। ସେମାନଙ୍କୁ ଚାପ ମୁକ୍ତ ରଖିବାର ଆବଶ୍ୟକ ରହିଛି । ଯାହା ସେମାନଙ୍କ ମସ୍ତିଷ୍କକୁ ଠିକ୍ ରୂପେ ବିକଶିତ ହେବାରେ ସାହାଯ୍ୟ କରିବା ସର୍ବଦା ସେମାନଙ୍କୁ ଉତ୍ତମ ପରିବେଶ ଦେବାକୁ ଚେଷ୍ଟା କରନ୍ତୁ । ଏହାସହିତ ସେମାନଙ୍କ ଖାଦ୍ୟର ମଧ୍ୟ ଧ୍ୟାନ ରଖନ୍ତୁ ।

ଇତିହାସ

୧୭୭୪- ଇଂରେଜ ଅଧିକାରୀ କମାଣ୍ଡର ଇନ୍ ଚିଫ୍ ଅଫ୍ ବ୍ରିଟିଶ ଇଣ୍ଡିଆ ରବର୍ଟ କ୍ଲାଇବ୍ ଇଂଲଣ୍ଡରେ ଆତ୍ମହତ୍ୟା କଲେ ।

୧୯୧୪- ରୁଷ୍ ଦ୍ୱାରା ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା ।

୧୯୫୦- ଜର୍ଜ ବର୍ଣ୍ଣାଡ୍ ଶ'ଙ୍କ ୯୭ ବର୍ଷ ବୟସରେ ପରଲୋକ ।


୧୯୬୫- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସକ୍ରିୟ ମହିଳା ଯୋଦ୍ଧାଙ୍କ ମଧ୍ୟରେ ସାମିଲ ଥିବା ରସୁନା ସୟଦଙ୍କର ପରଲୋକ ।

୧୯୮୪- ଆମେରିକାରେ ପ୍ରଥମ ଥର ପାଇଁ ବେଲ୍‌ମା ବାରଫିଲ୍ଡ ନାମ୍ନୀ ଜଣେ ମହିଳାଙ୍କୁ ଫାଶିଦଣ୍ଡ ଦିଆଗଲା ।

୧୯୯୯- ପାକିସ୍ତାନ ରାଜଧାନୀ ଇସଲାମାବାଦରେ ସଂଯୁକ୍ତ ରାଷ୍ଟ୍ରସଂଘ ଏବଂ ଆମେରିକୀୟ କେନ୍ଦ୍ର ଉପରେ ଅଜଣା ଲୋକଙ୍କ ଦ୍ୱାରା ରକେଟ୍ ମାଡ଼ ।

୨୦୦୮- ଅବସର ନେବା ପରେ ପେନ୍‌ସନ୍ ପାଣ୍ଠିରୁ ଅର୍ଥ ବାହାର କରିବା ସୁବିଧାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ରଦ୍ଦ କରାଗଲା ।

ଇଟା ପାଲଟିଛି ପୋଷା ଜୀବ



ଚୀନ୍‌ରେ ବର୍ତ୍ତମାନ କୁକୁର କିମ୍ବା ବିଲେଇ ପୋଷିବା ବଦଳରେ ଇଟାକୁ ପାଳିତ ଜୀବଭାବେ ଗ୍ରହଣ କରିବାର ଏକ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳିଛି । ଯେଉଁଥିରେ ଲୋକମାନେ ଏକ ଇଟାକୁ ଟ୍ରେ କିମ୍ବା ବାସନରେ ରଖି ଦିନକୁ ଏକାଧିକଥର ପାଣି ସିଞ୍ଚନ କରୁଛନ୍ତି । କିଛି ସପ୍ତାହ ମଧ୍ୟରେ ଇଟାର ପୃଷ୍ଠଭାଗରେ ସବୁଜ ଘାସ ପରି ବଢ଼ିବାକୁ ଲାଗୁଛି ଏବଂ ଲୋକମାନେ ଯାହାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଚୀନ୍‌ର ଯୁବପିଢ଼ି ଏହି ଟ୍ରେଣ୍ଡକୁ 'ଲେଟିଂ ଫ୍ଲାଟ୍' ବୋଲି କହୁଛନ୍ତି, ଯାହାର ଅର୍ଥ ହେଉଛି ଚାକିରି, କ୍ୟାରିୟର ଓ ଦାୟିତ୍ୱର ଅସଂପୂର୍ଣ୍ଣ ପ୍ରତିଯୋଗିତାରୁ ଦୂରେଇ ରହିବା । କାରଣ ଇଟାର ଯତ୍ନ ନେବାରେ ବହୁତ କମ୍ ପରିଶ୍ରମ ପଡ଼ିଥାଏ, କୌଣସି ଅପେକ୍ଷା ନଥାଏ ଏବଂ ବିନା ଦାୟିତ୍ୱର ଚାପରେ ଏହା ଏକ ସାଥୀର ଅନୁଭୂତି ଦେଇଥାଏ। ଚୀନ୍‌ର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଶିଆଓହୋଙ୍ଗସୁ' ଏବଂ 'ୱେଇବୋ'ରେ ଏହି ଟ୍ରେଣ୍ଡ ଖୁବ୍ ଲୋକପ୍ରିୟ ହୋଇଛି । ଯେଉଁଥିରେ ୱେଇବୋରେ ସମ୍ପୃକ୍ତ ହ୍ୟାସଟ୍ୟାଗକୁ ୫୦ ଲକ୍ଷରୁ ଅଧିକ ଭିୟୁ ମିଳିସାରିଛି । ତେବେ କ୍ରମାଗତ ଆର୍ଦ୍ରତା ଯୋଗୁଁ ଇଟାରେ ଫଙ୍ଗସ୍ ଧରିବାର ଆଶଙ୍କା ଥିବାରୁ, ଏହାକୁ ୱେଲ୍-ଭେଣ୍ଟିଲେଟେଡ୍ ସ୍ଥାନରେ ରଖିବା ସହ ଏହାକୁ ଛୁଇଁବା ବେଳେ ମାସ୍କ ଓ ଗ୍ଲୋଭସ୍ ପିନ୍ଧିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

ରାଜମା ବର୍ଗର



ସାମଗ୍ରୀ- ଗୋଟେ ବର୍ଗର ବନ୍, ସିଝା ଆଳୁ ଏକଟା, ଅଧାକପ ସିଝା ରାଜମା, ଅଧା କପ୍ ମଟର, ଅଧା ଚାମଚ ଲଙ୍କା ଗୁଣ୍ଡ, ଅଳ୍ପ ମରିଚ ଗୁଣ୍ଡ, କଟାହୋଇଥିବା ପିଆଜ ଓ ଟମାଟୋ, ବ୍ରେଡ୍‌କ୍ରମ, କର୍ଣ୍ଣଫ୍ଲୋର୍ ।

ପ୍ରଣାଳୀ - ଗୋଟିଏ ପାତ୍ରରେ ରାଜମା,ଆଳୁ, ମଟର, ଛୋଟ ଛୋଟ ପାଉଁରୁଟି ଖଣ୍ଡ ସହିତ ବିଭିନ୍ନ ମସଲା ପକାଇ ଗୋଳାନ୍ତୁ । ଏହାକୁ ଟିକି ଆକାରରେ କରି କର୍ଣ୍ଣଫ୍ଲୋର ଆଣରେ ବୁଡାଇ ବ୍ରେଡ୍‌କ୍ରମ ଲଗାଇ ଛାଣନ୍ତୁ । ଏହାପରେ ବନ୍‌କୁ ଅଳ୍ପ ସମୟ ପାଇଁ ଟୋଷ୍ଟ କରନ୍ତୁ । ପରେ ସମସ୍ତ ଜିନିଷକୁ ମିଶାଇ ବର୍ଗର ପ୍ରସ୍ତୁତ କରନ୍ତୁ । ପ୍ରଥମେ ବନ୍‌ରେ ପସନ୍ଦ ହିସାବରେ ସସ୍ ଲଗାନ୍ତୁ ଏହାପରେ ଟିକିକୁ ରଖନ୍ତୁ । ଏହାପରେ ଟମାଟୋ, ପିଆଜ ରଖନ୍ତୁ ଓ ବନ୍‌ର ଅପରପାଶ୍ୱର୍କୁ ଏହା ଉପରେ ରଖି ପ୍ରସ୍ତୁତ କରନ୍ତୁ ରାଜମା ପାର୍ଟି ବର୍ଗର ।

ହସକଥା




କାଳିଆ: ଭାଇ, ବାହାଘର ପରେ ଜୀବନ କେମିତି ଚାଲିଛି ?

ହରିଆ: ପୂରା "ସାଇଲେଣ୍ଟ ମୋଡ୍"ରେ!

କାଳିଆ: ସାଇଲେଣ୍ଟ ମୋଡ୍ ମାନେ?


ହରିଆ: ମାନେ, ସ୍ତ୍ରୀର ଗାଳି "ଭାଇବ୍ରେସନ୍"ରେ ଶୁଣିବାକୁ ପଡ଼େ ଆଉ ମୁଁ ନିଜେ "ମ୍ୟୁଟ୍" ହୋଇ ରହେ !

ପାଣିରେ ଭାସୁଛି କାର୍



ଏଲନ୍ ମସ୍କ ନିକଟରେ ଏକ ଉଡ଼ନ୍ତା କାର୍ ଆବିଷ୍କାର କରିଥିବାବେଳେ ଚୀନର ଏକ କମ୍ପାନୀ ପାଣିରେ ଚାଲିପାରୁଥିବା ଏକ ଅନନ୍ୟ କାର୍ ବିକଶିତ କରିଛି । କାରଟି ବନ୍ୟାଜଳରେ ଫସିଗଲେ ବୁଡ଼ିଯିବା ବଦଳରେ ଏକ ଡଙ୍ଗା ପରି ଭାସି ଆଗକୁ ବଢ଼ିପାରୁଛି । ଚୀନର 'ଜିଲି' କମ୍ପାନୀ ଦ୍ୱାରା ନିର୍ମିତ ଏହି 'ବ୍ୟାଟ୍‌ଲସିପ୍ ୭୦୦' ନାମକ ଏସୟୁଭିର ପଛପଟେ ଦୁଇଟି ୧୧.୫-ହର୍ସପାୱାର୍ ପ୍ରପେଲର୍ ଲଗାଯାଇଛି, ଯାହା ପାଣି ଭିତରେ କାର୍‌କୁ ଘଣ୍ଟାପ୍ରତି ପ୍ରାୟ ୬.୪ କିମି ବେଗରେ ଆଗକୁ ଠେଲିବାରେ ସାହାଯ୍ୟ କରିବ । ଏହାସହ ଜଳତଳେ ଜିନିଷପତ୍ର ଚିହ୍ନଟ କରିବା ପାଇଁ ଏଥିରେ ଏକ ସୋନାର୍ ସିଷ୍ଟମ ମଧ୍ୟ ରହିଛି । କମ୍ପାନୀରୂପେ ଏହି ଏସୟୁଭିଟି ପାଣିରେ ପ୍ରାୟ ୪୦ ମିନିଟ୍ ଧରି ଚାଲିପାରିବା ସହିତ ଦୁଇ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ଭାସି ରହିପାରିବ ବୋଲି ଜଣାପଡ଼ିଛି । ଏହାକୁ ମନୋରଞ୍ଜନ ନିମନ୍ତେ ନୁହେଁ, ବରଂ ବନ୍ୟା ଭଳି ଜରୁରୀକାଳୀନ ପରିସ୍ଥିତିରେ ଲୋକଙ୍କୁ ନିରାପଦରେ ସ୍ଥାନାନ୍ତର କରିବା ପାଇଁ ଡିଜାଇନ୍ କରାଯାଇଛି । ଚୀନରେ 'ବିୱାଇଡି' ମଧ୍ୟ 'ୟାଙ୍ଗୱାଙ୍ଗ ୟୁ୮' ନାମକ ଏପରି ଏକ ଭାସମାନ ଏସୟୁଭି ପ୍ରସ୍ତୁତ କରିଛି ।

ସୋସିଆଲ କୋଟ୍ସ



ପୂଜାର ଜନ୍ମ ସମୟରେ ମୁଁ ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲି । ବହୁତ କଷ୍ଟରେ ୧୫୦୦ ଟଙ୍କା ଯୋଗାଡ କରିଥିଲି` ପୂଜା ମୋ ପାଇଁ ବହୁତ ଲକି । ସେ ଆମ ଭାଗ୍ୟ ବଦଳାଇବାକୁ ଜନ୍ମ ହୋଇଥିଲା ।

ମହେଶ ଭଟ୍ଟ, ଫିଲ୍ମ ମେକର



ଆମ ବିବାହ ବିଚ୍ଛେଦ ସମ୍ପୂର୍ଣ୍ଣଭାବେ ମୋ ସ୍ୱାମୀଙ୍କର ନିଷ୍ପତ୍ତି ଥିଲା । ସେ ଏହି ବିବାହକୁ ଆଗକୁ ନେବାକୁ ଚାହୁଁ ନଥିଲେ, ତେଣୁ ଡିଭର୍ସ ଫାଇଲ କରିଥିଲେ । ଏହା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି ଥିଲା ।

ପୂଜା ଭଟ୍ଟ, ଅଭିନେତ୍ରୀ



ଡ୍ରିମ ଗର୍ଲ -୨ ପାଇଁ ଗୋବିନ୍ଦା ଓ କମଲ ହସନଙ୍କ ଠାରୁ ପ୍ରେରଣା ନେଇଥିଲି । ଏହି ଫିଲ୍ମ ପାଇଁ ମୁଁ ବହୁତ ପରିଶ୍ରମ କରିଥିଲି । ଏହି ଫିଲ୍ମରେ କରିଥିବା ଚରିତ୍ର ସବୁବେଳେ ମୋ ପାଇଁ ଖାସ ରହିବ`

ଆୟୁଷ୍ମାନ ଖୁରାନା, ଅଭିନେତା

ପାକିସ୍ତାନରେ ରଣବୀରଙ୍କ ପୋଷ୍ଟର



ରଣବୀର କପୁରଙ୍କ ଆଗାମୀ ଚଳଚ୍ଚିତ୍ର 'ରାମାୟଣ'କୁ ନେଇ ପାକିସ୍ତାନରେ ମଧ୍ୟ ବେଶ ଉତ୍ସାହ ଦେଖିବାକୁ ମିଳିଛି । ଯାହାର ଏକ ଝଲକ କରାଚୀର ଏକ ମନ୍ଦିରରେ ଫିଲ୍ମର ପୋଷ୍ଟର ଲଗାଯିବାରୁ ସାମ୍ନାକୁ ଆସିଛି । ୟୁଟ୍ୟୁବରେ ଭାଇରାଲ ହୋଇଥିବା ଏକ ଭିଡିଓରେ ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ମନ୍ଦିରରେ "ଜୟ ଶ୍ରୀ ରାମ" ନାରା ଦେଉଥିବା ଦେଖାଯାଇଛି । ପ୍ରଭୁ ରାମ, ସୀତା ଓ ରାବଣ ଭୂମିକାରେ ଯଥାକ୍ରମେ ରଣବୀର କପୁର, ସାଇ ପଲ୍ଲବୀ ଓ ଯଶଙ୍କ ଚିତ୍ର ଥିବା ପୋଷ୍ଟର ମଧ୍ୟ ନଜର ଆସିଛି । ସେହିଭଳି କିଛି ଲୋକ ଫିଲ୍ମର ସଫଳତା କାମନା କରିବା ସହ ଏହା ଓସ୍କାର ଜିତିବ ବୋଲି ଆଶା ପ୍ରକାଶ କରିଛନ୍ତି । ତେବେ ପାକିସ୍ତାନରେ ଏହାକୁ ନେଇ ଚର୍ଚ୍ଚା ଚାଲିଥିଲେ ବି ସେଠାରେ ଫିଲ୍ମର ମୁକ୍ତିଲାଭ ନେଇ କୌଣସି ଆନୁଷ୍ଠାନିକ ଘୋଷଣା ହୋଇନାହିଁ । 'ଦି ଫ୍ରି ପ୍ରେସ ଜର୍ନାଲ' ଓ 'ପାକିସ୍ତାନ ସୋବିଜ୍'ର ରିପୋର୍ଟ ଅନୁଯାୟୀ, ଦୁଇ ଦେଶ ମଧ୍ୟରେ ରାଜନୈତିକ ଓ ସାମରିକ ଉତ୍ତେଜନା ଯୋଗୁଁ ଭାରତୀୟ ଫିଲ୍ମ ଉପରେ କଟକଣା ବଳବତ୍ତର ରହିଛି । ପାକିସ୍ତାନୀ କର୍ତ୍ତୃପକ୍ଷ ନୋ-ଅବଜେକସନ ସାର୍ଟିଫିକେଟ ଦେବା ବନ୍ଦ କରିଦେଇଛନ୍ତି । ତେଣୁ ଫିଲ୍ମଟି ବିଶ୍ୱବ୍ୟାପୀ ରିଲିଜ୍ ପାଇଁ ଯୋଜନା ହୋଇଥିଲେ ବି ସବୁ ଦେଶରେ ଏହାକୁ ଅନୁମତି ମିଳିବା ନିଶ୍ଚିତ ନୁହେଁ । ସେହିଭଳି, ଅନ୍ୟପଟେ ମେକର୍ସମାନେ 'ଶୂର୍ପଣଖା' ରୂପରେ ରକୁଲ ପ୍ରୀତ ସିଂହଙ୍କ ପ୍ରଥମ ଲୁକ୍ ପୋଷ୍ଟର ଜାରି କରିଛନ୍ତି, ଯେଉଁଥିରେ ରକୁଲଙ୍କୁ ରାଜକୀୟ ପୋଷାକ, ସୁନା ଗହଣା ଓ ସ୍ୱତନ୍ତ୍ର ମୁକୁଟ ପିନ୍ଧିଥିବାର ଦେଖିବାକୁ ମିଳିଛି । ତେବେ ଫିଲ୍ମକୁ ନେଇ ଭାରତରେ କ୍ରେଜ ଥିବାବେଳେ ପାକିସ୍ତାନର କ୍ରେଜ ବର୍ତ୍ତମାନର ଚର୍ଚ୍ଚାର ବିଷୟ ପାଲଟିଛି ।

ଖାଦ୍ୟ ଜଣାଇବ ବ୍ୟକ୍ତିତ୍ୱ

ମିଠାପସନ୍ଦ କରୁଥିବା ବ୍ୟକ୍ତି - ଏମାନେ ସର୍ବଦା ଶାନ୍ତ ଏବଂ ଦୟାଳୁ ହୋଇଥାଆନ୍ତି । ଖୁସି ରୁହନ୍ତି ଏବଂ ଖୁସି ବାଣ୍ଟିବାକୁ ମଧ୍ୟ ପସନ୍ଦ କରନ୍ତି । ସରଳ ସ୍ୱଭାବଯୁକ୍ତ ହେତୁ ଅନ୍ୟମାନେ ଏହାର ଫାଇଦା ଉଠେଇବା ପାଇଁ ଚେଷ୍ଟା କରିଥାଆନ୍ତି ।

ରାଗ ପସନ୍ଦ କରୁଥିବା ବ୍ୟକ୍ତି - ଏଭଳି ଖାଦ୍ୟ ପ୍ରତି ରୁଚି ରଖୁଥିବା ବ୍ୟକ୍ତି ସ୍ପଷ୍ଟବାଦୀ ଏବଂ ଖୋଲା ହୃଦୟସମ୍ପନ୍ନ ହୋଇଥାଆନ୍ତି । ବେଳେ ବେଳେ ଲୋକମାନେ ଏହି ବ୍ୟକ୍ତିଙ୍କ ପ୍ରତି ଭୁଲ ଧାରଣା ପୋଷଣ କରିଥାଆନ୍ତି, କିନ୍ତୁ ଖୋଲା ମିଜାଜର ହୋଇଥିବାରୁ ଏଥିପ୍ରତି ବିଶେଷ ଧ୍ୟାନ ଦେଇନଥାନ୍ତି ।

ଲୁଣି ପସନ୍ଦ କରୁଥିବା ବ୍ୟକ୍ତି - କୌଣସି ବିଷୟରେ ନିଜର ମତାମତ ଏବଂ ଭାବନା ପ୍ରକାଶ କରିବା ପାଇଁ ଏମାନେ କଦାପି ସଙ୍କୋଚ କରନ୍ତି ନାହିଁ । ଏମାନେ ବେଶି ମାତ୍ରାରେ ସ୍ପଷ୍ଟବାଦୀ । ଖୁସ ମିଜାଜର ବି ହୋଇଥାନ୍ତି । ଅନ୍ୟ ବ୍ୟାପାରରେ ମୁଣ୍ଡ ଖେଳେଇବା ଏମାନଙ୍କ ନୀତି ହୋଇନଥାଏ ।

ଖଟା ପସନ୍ଦ କରୁଥିବା ବ୍ୟକ୍ତି - ଏମାନେ ଛୋଟ ଛୋଟ କାର୍ଯ୍ୟ ଦ୍ୱାରା ଆନନ୍ଦ ଲାଭ କରିବା ପାଇଁ ଚେଷ୍ଟା କରିଥାନ୍ତି । ଏଭଳି ବ୍ୟକ୍ତି ସାଧାରଣତଃ ଆବେଗ ପ୍ରବଣ ବ୍ୟକ୍ତିତ୍ୱ ସମ୍ପନ୍ନ ହୋଇଥାନ୍ତି ।

ପିତା ପସନ୍ଦ କରୁଥିବା ବ୍ୟକ୍ତି - ଏଭଳି ଲୋକେ ସାଧାରଣତଃ ଅନ୍ୟମାନଙ୍କ ପ୍ରତି ନକାରାତ୍ମକ ଚିନ୍ତାଧାରା ପୋଷଣ କରିଥାନ୍ତି । ଏମାନେ ନୂତନ ସମ୍ପର୍କ ବା ବନ୍ଧୁ ସ୍ଥାପନ କରିବା ପାଇଁ ଆଦୌ ପସନ୍ଦ କରନ୍ତି ନାହିଁ। କିଛି ଘଟଣା ଘଟିବା ପୂର୍ବରୁ ଏମାନେ ତାହାର ଖରାପ ଦିଗ ପ୍ରତି ହିଁ ବିଶେଷ ଧ୍ୟାନ ଦିଅନ୍ତି ।





ପେଟରୁ ବାହାରିଲା ପଥର ଭ୍ରୂଣ

ସୋମାଲିଲ୍ୟାଣ୍ଡର ଜଣେ ମହିଳାଙ୍କ ପେଟରୁ ଏକ 'ଷ୍ଟୋନ୍ ବେବି' ବା ପଥର ପାଲଟିଯାଇଥିବା ଭ୍ରୂଣ ଅସ୍ତ୍ରୋପଚାର ମାଧ୍ୟମରେ ସଫଳତାର ସହ କଢାଯାଇଛି । ସୂଚନାନୁସାରେ ଗତ ତିନି ବର୍ଷ ଧରି ଏହି ପଥର ଭ୍ରୂଣଟି ଉକ୍ତ ମହିଳାଙ୍କ ପେଟ ଭିତରେ ରହିଥିଲା । ସୂଚନାନୁସାରେ, ତିନି ବର୍ଷ ତଳେ ମହିଳା ଜଣକ ଗର୍ଭବତୀ ଥିବା ବେଳେ ଶିଶୁର ସ୍ପନ୍ଦନ ବନ୍ଦ ହୋଇଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଭ୍ରୂଣଟି ମୃତ୍ୟୁବରଣ କରିବା ପରେ ତାହା ଚାରିପାଖରେ କ୍ୟାଲସିୟମ୍ ଜମି ତାହା ପଥର ପରି ଶକ୍ତ ହୋଇଯାଇଥିଲା । ଗତ କିଛି ମାସ ହେବ ମହିଳା ଜଣକ ତଳପେଟରେ ଅତ୍ୟଧିକ ଯନ୍ତ୍ରଣା ଓ ଭାରୀପଣ ଅନୁଭବ କରିବାରୁ ସିଟି ସ୍କାନ୍ କରାଯାଇଥିଲା । ଯେଉଁଥିରୁ ଭ୍ରୂଣର ଖପୁରୀ, ପାଞ୍ଜରା ଅସ୍ଥି ଓ ହାତ-ଗୋଡ଼ କ୍ୟାଲସିୟମ୍ ସ୍ତର ଦ୍ୱାରା ଆବୃତ ହୋଇ ରହିଥିବା ଜଣାପଡ଼ିଥିଲା । ଚିକିତ୍ସା ବିଜ୍ଞାନରେ 'ଲିଥୋପେଡିଅନ୍' କୁହାଯାଉଥିବା ଏହି ବିରଳ ସ୍ଥିତି ଗତ ୪୦୦ ବର୍ଷ ମଧ୍ୟରେ ସାରା ବିଶ୍ୱରେ ମାତ୍ର ୩୩୦ ରୁ ୩୪୦ଟି ମାମଲାରେ ଦେଖିବାକୁ ମିଳିଛି । ସଫଳ ସର୍ଜରୀ ପରେ ମହିଳା ଜଣକ ବର୍ତ୍ତମାନ ଯନ୍ତ୍ରଣାରୁ ମୁକ୍ତି ପାଇ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡ଼ିଛି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୦
ତିଥି : ଅଷ୍ଟମୀ
୦୨ ନଭେମ୍ବର ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ₹.୫.୦୦
02 November 2026, Monday

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ବନ୍ୟା ବିପନ୍ନଙ୍କ ଲାଗି ସହାୟତା ଘୋଷଣା

ଭୁବନେଶ୍ୱର,୨।୧୧,(ସବୁ୍ୟ): ବାତ୍ୟା ଅର୍ଣ୍ଣବର ପରବର୍ତ୍ତୀ ସ୍ଥିତିରେ ରିଲିଫ, ପୁନଃନିର୍ମାଣ ଓ କ୍ଷୟକ୍ଷତି ଆକଳନ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିବା ପରେ ପ୍ରଭାବିତ ଲୋକଙ୍କ ପାଇଁ ଏକ ସହାୟତା ପ୍ୟାକେଜ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସମସ୍ତ ପ୍ରଭାବିତ ପ୍ରତ୍ୟେକ ପରିବାରକୁ ୫୦ କେଜି ଚାଉଳ ସହିତ ୨୫୦୦ ଟଙ୍କା ଦିଆଯିବ । ଯେଉଁ ଘରଗୁଡିକ ସମ୍ପୂର୍ଣ୍ଣ କିମ୍ବା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି, ସେଠାରେ ସମତଳ ଅଞ୍ଚଳ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଏବଂ ପାହାଡ଼ିଆ ଅଞ୍ଚଳ ପାଇଁ ୧ ଲକ୍ଷ ୩୦ ହଜାର ଟଙ୍କା ହିସାବରେ ସହାୟତା ମିଳିବ ।




ରବିବାର ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ(ଏସଆରସି)ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବାତ୍ୟା ପରସ୍ଥିତି ସମୀକ୍ଷା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅର୍ଣ୍ଣବର ପ୍ରଭାବ ଓ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ କେନ୍ଦ୍ର ସରକାରଙ୍କ ସହିତ ନିୟମିତ ଯୋଗାଯୋଗରେ ଅଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହିତ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି । ଆସନ୍ତାକାଲି ସୋମବାର ଅର୍ଥାତ ୨ତାରିଖରେ ଓଡିଶାରେ କ୍ଷୟକ୍ଷତି ଆକଳନ କରିବା ପାଇଁ ବିଶେଷ କରି ଅଧିକ ପ୍ରଭାବିତ ଗଞ୍ଜାମ, ଗଜପତି ଓ କନ୍ଧମାଳର ପରିସ୍ଥିତି ଜାଣିବା ପାଇଁ ଏକ କେନ୍ଦ୍ରୀୟ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଓଡିଶା ଗସ୍ତ କରିବେ ।

ଅର୍ଣ୍ଣବର ପ୍ରଭାବ ସମ୍ପୂର୍ଣ୍ଣ ରୂପେ ଯାଇ ନଥିବା ବେଳେ ଆଉ ଏକ ବାତ୍ୟା "ମୁରାସୁ" ଆସିବାର ସମ୍ଭାବନା ରହିଛି । ତେଣୁ ଯେଉଁ ଅଞ୍ଚଳରେ ଯେଉଁ ସରକାରୀ ଟିମ୍ ସହାୟତା ଓ ତଦାରଖ ଦାୟିତ୍ୱରେ ଅଛନ୍ତି, ସେମାନେ ସେହି ଅଞ୍ଚଳରେ ରହିବେ ଏବଂ ପରିସ୍ଥିତି ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବେ । କୃଷି କ୍ଷେତ୍ରରେ ୩୩% ଏବଂ (୯ ପୃଷ୍ଠାରେ)

- ପ୍ରତି ପରିବାରଙ୍କୁ ୫୦ କେଜି ଚାଉଳ, ୨୫୦୦ ଟଙ୍କା
- ଘର ଭାଙ୍ଗିଥିଲେ ମିଳିବ ୧.୩୦ ଲକ୍ଷ
- ଆଜି କେନ୍ଦ୍ରରୁ ଆସିବେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି
- କୃଷି, ପଶୁଧନ, ଘରଭଙ୍ଗା, ଏସଏଚ୍‌ଜି, ମତ୍ସ୍ୟଜୀବୀ, ଏମଏସଏମଇ କ୍ଷତିଗ୍ରସ୍ତଙ୍କୁ ମିଳିବ ସହାୟତା
- ଜଳସେଚିତ ଜମିକୁ ହେକ୍ଟର ପିଛା ୧୭ ହଜାର, ଅଣଜଳସେଚିତକୁ ୮,୫୦୦
- ବାରମାସୀ ଫସଲ ଲାଗି ହେକ୍ଟର ପିଛା ମିଳିବ ୨୨,୫୦୦
- ଉଠା ଦୋକାନୀ, ଅସ୍ଥାୟୀ ଷ୍ଟଲ୍ ପାଇଁ ମିଳିବ ୧୦ ହଜାର
- ବଡ଼ ବାଣିଜ୍ୟିକ ପ୍ରତିଷ୍ଠାନକୁ ମିଳିବ ୨୫ ହଜାର ଟଙ୍କା
- ବାତ୍ୟା "ମୁରାସୁ" ଲାଗି ମୁତୟନ ଟିମ୍ ସେଠାରେ ରହିବେ

ମାଡ଼ି ଆସୁଛି ବାତ୍ୟା 'ମୁରାସୁ'

ଭୁବନେଶ୍ୱର,୨।୧୧,(ସବୁ୍ୟ):ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆଜି ବାତ୍ୟା 'ମୁରାସୁ' ରୂପ ନେଇସାରିଛି । ଏହା ଘଣ୍ଟାପ୍ରତି ୨୭ କିମି ବେଗରେ ଉପକୂଳ ଆଡକୁ ମାଡିଆସୁଛି । ସମୁଦ୍ରରେ ଆହୁରି ଶକ୍ତିଶାଳୀ ହୋଇ ଭୀଷଣ ବାତ୍ୟାରୂପ ନେଉଛି । ଆସନ୍ତା ୩ ତାରିଖରେ ଦକ୍ଷିଣ ଆନ୍ଧ୍ରପ୍ରଦେଶର ନେଲୁରରୁ ନର୍ସାପୁର ଉପକୂଳ ନିକଟରେ ବାତ୍ୟା ମାଡ଼ ହେବ । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ଓ ଝଟକା ୧୨୦ କିମି ରହିବ । ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ



- ଆଜି ଭୀଷଣ ବାତ୍ୟାରେ ପରିଣତ ହେବ
- ୩ରେ ନେଲୁର-ନର୍ସାପୁର ମଧ୍ୟରେ ମାଡ ହେବ
- ୧୨୦ କିମି ବେଗରେ ସ୍ଥଳଭାଗ ଛୁଇଁବ
- ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

ଦକ୍ଷିଣ ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଏକ ବାତ୍ୟା (ମୁରାସୁ) ରହିଛି । ଏହା ଘଣ୍ଟାପ୍ରତି ୨୭ କିମି ବେଗରେ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି । ରବିବାର ଅପରାହ୍ନ ୨.୩୦ ସୁଦ୍ଧା ଚେନ୍ନାଇ ଠାରୁ ୪୮୦ କିମି ଦୂରରେ ଥିବା ବେଳେ ନେଲୁର ଠାରୁ ୫୫୦ କିମି, ମଛଲିପଟ୍ଟନମ୍‌ଠାରୁ ୬୧୦ କିମି, ବିଶାଖାପଟ୍ଟନମ୍‌ଠାରୁ ୬୧୦ କିମି ଦୂରରେ ରହିଛି । ଏହା ଆସନ୍ତାକାଲି (ସୋମବାର) ସକାଳ ସୁଦ୍ଧା ଭୀଷଣ ବାତ୍ୟାରେ ପରିଣତ ହେବ । ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ୩ ତାରିଖ ବିଳମ୍ବିତ ରାତିରେ ଆନ୍ଧ୍ରପ୍ରଦେଶ ଉପକୂଳ ନେଲୁର ଏବଂ ନର୍ସାପୁର ଉପକୂଳ ମଧ୍ୟରେ ମାଡ଼ ହେବ । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୧୦ କିମି ଓ ଝଟକା ୧୨୦ କିମି ରହିବ । ବାତ୍ୟା ପ୍ରଭାବରେ ଆସନ୍ତାକାଲି ଅର୍ଥାତ୍ ୨ ତାରିଖରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ ହେବାର ସମ୍ଭାବନା ଅଛି । ସୋମବାର ଗଜପତି, ଗଞ୍ଜାମ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳ ବର୍ଷା ଲାଗି ଯେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ (୯ ପୃଷ୍ଠାରେ)

ପୋଖରୀରେ ବୁଡି ଗଲେ ୩ ଶିଶୁ

କୁଆଁପାଳ ୨।୧୧(ସବୁ୍ୟ): ଏକ ଅଭାବନୀୟ ଘଟଣା କ୍ରମେ ପାଣିରେ ବୁଡି ୩ ନିଷ୍ପାପ ଶିଶୁଙ୍କ ଅକାଳ ମୃତ୍ୟୁ ଘଟିଛି । କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଝାଡେଶ୍ୱରପୁର ଗ୍ରାମରେ ଏହି ଅଘଟଣ ଘଟିଛି । ରବିବାର ସକାଳେ ଏହି ଗ୍ରାମର ଇମରାନ ଖାଁଙ୍କ ଦୁଇ ପୁତ୍ର ସଲମନ ଖା(୪ଁ) ଓ ଜିସାନ ଖାଁ(୫)ଏବଂ ଅବଦୁଲ ଅନୱର ଖାଁଙ୍କ ପୁତ୍ର ଆରହାମ ଖାଁ (୫) ନିକଟସ୍ଥ ଏକ ପୋଖରୀରୁ କଇଁ ଫୁଲ ତୋଳିବାକୁ ଯାଇଥିବା ସମୟରେ ଦୁର୍ଭାଗ୍ୟବଶତଃ ସେମାନେ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକ ସେମାନଙ୍କୁ ଖୋଜା ଖୋଜି କରିଥିଲେ ମଧ୍ୟ ପାଇନଥିଲେ। ତେବେ ପୋଖରୀ କୂଳରେ ମୃତକ ଶିଶୁମାନଙ୍କ ଚପଲ ଥିବା ଦେଖି ପୋଖରୀ ଭିତରେ ଖୋଜାଖୋଜି କରିଥିଲେ । ଖବର ପାଇ



ନିଶ୍ଚିନ୍ତକୋଇଲି ଦଳମକଳବାହିନୀ ଓ ସ୍ଥାନୀୟ ଲୋକେ ପୋଖରୀରୁ ଖୋଜାଖୋଜି କରି ବୁଡି ଯାଇଥିବା ୩ ଶିଶୁଙ୍କ ମୃତ ଦେହ ଉଦ୍ଧାର କରିଥିଲେ। ଏହି ଘଟଣା ସଂପୃକ୍ତ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଥିବା ବେଳେ ଭଦ୍ରେଶ୍ୱର ଥାନା ଆଇଆଇସି ସନ୍ଧ୍ୟାରାଣୀ ସିଂହ ଘଟଣା ସ୍ଥଳରେ ପହଞ୍ଚି ଦୁଃଖରେ ଭାଙ୍ଗି ପଡିଥିବା ପରିବାର ଓ ଆତ୍ମୀୟ ସ୍ୱଜନଙ୍କୁ ଆଶ୍ୱାସନା ଦେଇଥିଲେ। ଏହି ଘଟଣାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ୩ ଶିଶୁଙ୍କ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ମେଡିକାଲ ପଠାଇବା ସହ ଟଣାର ଅନୁସନ୍ଧାନ ଚଳାଇଛନ୍ତି।

ଆଇପିଏସସ୍ତରରେ ଅଦଳବଦଳ

ଜେଲ୍ ଡିଜି ପଦରୁ ହଟିଲେ ସୁଶାନ୍ତ ନାଥ, ଗୃହ ବିଭାଗ ଓଏସଡି ଭାବେ ବଦଳି

ଭୁବନେଶ୍ୱର,୨।୧୧,(ସବୁ୍ୟ):ଆଇପିଏସ ସ୍ତରରେ ହୋଇଛି ଅଦଳ ବଦଳ। ଜେଲ୍ ଡିଜି ପଦରୁ ୧୯୯୩ ବ୍ୟାଚ୍ର ଆଇପିଏସ୍ ଅଫିସର ସୁଶାନ୍ତ କୁମାର ନାଥଙ୍କୁ ହଟାଇ ଦିଆଯାଇଛି। ତାଙ୍କୁ ଓଏସ୍ଡି ଭାବେ ଗୃହ ବିଭାଗକୁ ବଦଳି କରାଯାଇଛି। ରବିବାର ଏନେଇ ଗୃହ ବିଭାଗରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।୧୯୯୫ ବ୍ୟାଚ୍ର ଆଇପିଏସ୍ ଅଫିସର ତଥା ଏସ୍ଏଫଏସଏଲ ନିର୍ଦ୍ଦେଶକ ଥିବା ସନ୍ତୋଷ ବାଲାଙ୍କୁ ଜେଲ୍ ବିଭିଗର ଅତିରିକ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୧୯୯୮ ବ୍ୟାଚ୍ର ଆଇପିଏସ୍



ଅଫିସର ଅମିତାଭ ଠାକୁର ପରିବହନ କମିଶନର ଭାବେ କଟକରେ ଅବସ୍ଥାପିତ ହୋଇଥିବା ବେଳେ ଜେଲ ବିଭାଗର ଅତିରିକ୍ତ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ତାଙ୍କୁ ଜେଲ ବିଭାଗର ଅତିରିକ୍ତ ଡିଜି ଦାୟିତ୍ୱରୁ ମୁକ୍ତ କରାଯାଇଛି। ସେ କେବଳ ପରିବହନ କମିଶନର ଭାବେ ତାଙ୍କ ଦାୟିତ୍ୱ ତୁଲାଇବେ।ରାଜ୍ୟ ସଶସ୍ତ୍ର ପୁଲିସ (ଗଅP) ର ଅତିରିକ୍ତ ଡିଜି ଭାବେ କାର୍ଯ୍ୟ କରୁଥିବା ୧୯୯୮ ବ୍ୟାଚ୍ର ଆଇପିଏସ୍ ଅଫିସର ରାଜେଶ କୁମାରଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ (୯ ପୃଷ୍ଠାରେ)

୨୦୨୬-୨୭ ଶିକ୍ଷାବର୍ଷ ପାଇଁ ବଦଳିଲା ପାଠ୍ୟପୁସ୍ତକ

ଅନଲାଇନ୍ ଓ ଅଫଲାଇନରେ କିଣିପାରିବେ

ନୂଆଦିଲ୍ଲୀ,୨।୧୧: ନୂଆ ଶିକ୍ଷାବର୍ଷକୁ ନଜରରେ ରଖି ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ପାଠ୍ୟପୁସ୍ତକ ଉପଲବ୍ଧ କରାଇଛି ଜାତୀୟ ଶିକ୍ଷାଗତ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନସିଇଆରଟି)। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଗଣିତ ଓ ସାମାଜିକ ବିଜ୍ଞାନର ସଂଶୋଧିତ ପୁସ୍ତକ ପ୍ରକାଶ ପାଇଛି। ଏହି ନୂଆ ପୁସ୍ତକଗୁଡ଼ିକ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଏବଂ ଜାତୀୟ ବିଦ୍ୟାଳୟ ଶିକ୍ଷା ପାଠ୍ୟକ୍ରମ ଢାଞ୍ଚା (ଏନସିଏଫ୍-ଏସଇ) ୨୦୨୩ ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପଦ୍ଧତିରେ ନୂଆ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି।ଏନସିଇଆରଟି ପକ୍ଷରୁ ନବମ ଶ୍ରେଣୀର ଗଣିତ ପୁସ୍ତକ 'ଗଣିତ ମଞ୍ଜରୀ-ଭାଗ ୨ଦ (ଗଣିତ ମଞ୍ଜରିର୍ଦ୍ଧ ଭାଗ ୨) ସେପ୍ଟେମ୍ବର ୨୧, ୨୦୨୬ରୁ ବିକ୍ରି ପାଇଁ ଉପଲବ୍ଧ କରାଯାଇଛି। ସେହିପରି ସାମାଜିକ ବିଜ୍ଞାନର ନୂଆ ପୁସ୍ତକ 'ଅଣ୍ଡରଷ୍ଟାଣ୍ଡିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ -ଭାଗ ୨ଦ (ଅଣ୍ଡରଷ୍ଟାଣ୍ଡିଙ୍ଗ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ ର୍ଦ୍ଧ ଭାଗ ୨) (୯ ପୃଷ୍ଠାରେ)

ବୁଲେଟ୍ ଟ୍ରେନ୍ ନିର୍ମାଣ ଅଗ୍ରଗତି ସମୀକ୍ଷା କଲେ ରେଳମନ୍ତ୍ରୀ

ନୂଆଦିଲ୍ଲୀ,୨।୧୧: ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ବେଙ୍ଗାଲୁରୁସ୍ଥିତ 'ଆଦିତ୍ୟଦ ଉତ୍ପାଦନ କାରଖାନାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହେଉଥିବା ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍-ବି୨୮ର ନିର୍ମାଣ କାର୍ଯ୍ୟ ସମୀକ୍ଷା କରିଛନ୍ତି।

ଏହି ଅବସରରେ ବୈଷ୍ଣବ ଟ୍ରେନ୍ର ବଗି ନିର୍ମାଣ ପାଇଁ ବ୍ୟବହୃତ ଅତ୍ୟାଧୁନିକ ଉତ୍ପାଦନ ଭିତ୍ତିଭୂମି ଏବଂ ସୂକ୍ଷ୍ମ ଯନ୍ତ୍ରପାତି ଓ ଟ୍ରେନ୍ ବଗିର ମୁଖ୍ୟ ଢାଞ୍ଚା ନିର୍ମାଣ ପାଇଁ ବ୍ୟବହୃତ ସ୍ୱତନ୍ତ୍ର ଧାରକ ଉପକରଣର ଅନୁଧ୍ୟାନ କରିଥିଲେ । ଏହା ସହିତ ସେ ବଗିର ତଳ ଅଂଶ, ପାର୍ଶ୍ୱ କାନ୍ଥ ଓ ଛାତ ନିର୍ମାଣ, ବିଭିନ୍ନ ଅଂଶର ସଂଯୋଗ, ପୃଷ୍ଠଭାଗର ପ୍ରସ୍ତୁତି ଏବଂ ଏହାର ସୁରକ୍ଷାମୂଳକ ଉପଚାର ଆଦି ନିର୍ମାଣ ପ୍ରକ୍ରିୟା ଅନୁଧ୍ୟାନ କରିଥିଲେ। ଉଚ୍ଚ ବେଗବାନ ଟ୍ରେନ୍ ଚଳାଚଳ ପାଇଁ ଆବଶ୍ୟକ ସଠିକ୍ ମାପ, ଦୃଢ଼ତା ଓ ଗୁଣବତ୍ତା ସୁନିଶ୍ଚିତ କରିବାରେ ଏହି ଅତ୍ୟାଧୁନିକ ନିର୍ମାଣ ପ୍ରକ୍ରିୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।ଏହା ସହିତ ସେ 'ସ୍କ୍ୱଇଜ୍ ଟେଷ୍ଟ'ର ପ୍ରଦର୍ଶନ ଦେଖିଥିଲେ। ଏହି ପରୀକ୍ଷଣରେ ଟ୍ରେନ୍ ବଗି ଉପରେ ନିୟନ୍ତ୍ରିତ ଭାବେ ସଙ୍କୋଚନ ଓ ପ୍ରସାରଣ ବଳ ପ୍ରୟୋଗ କରି ଏହାର ଗଠନାତ୍ମକ ଦୃଢ଼ତା, ସ୍ଥିରତା ଏବଂ ମାପର ସଠିକତା ଯାଞ୍ଚ କରାଯାଏ। ରେଳମନ୍ତ୍ରୀ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଆସନଗୁଡ଼ିକୁ ମଧ୍ୟ ଯାଞ୍ଚ କରିବା ସହ ଦ୍ରୁତଗତିରେ (୯ ପୃଷ୍ଠାରେ)

ମାଡିଗଲା ବସ୍ : ୨ ମହିଳା ମୃତ, ଦୁଇ ଗୁରୁତର

ଭୁବନେଶ୍ୱର,୨।୧୧,(ସବୁ୍ୟ): ଦ୍ରୁତ ଗତିରେ ଆସୁଥିବା ଏକ ଘରୋଇ ବସ୍ ରାଜଧାନୀ ରାସ୍ତା କଡକୁ ମାଡିଯିବାରୁ ଦୁଇଜଣ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ଘରୋଇ ବସ୍ ଏଭଳି ଦ୍ରୁତ ଗତିରେ ଯାଉଥିଲା ଯେ, ନୟାପଲ୍ଲୀ ଥାନା ଅନ୍ତର୍ଗତ କ୍ରିଷ୍ଣା ଟାୱାର ପାଖରେ ଦୁର୍ଘଟଣା ଘଟାଇ ଖସିଯାଇଥିଲା । ଭୟରେ ବରମୁଣ୍ଡା ବସ୍ଷ୍ଟାଣ୍ଡକୁ ନଯାଇ ଖଣ୍ଡଗିରି ଥାନାକୁ ଡ୍ରାଇଭର ଗାଡି ନେଇ



ରାଜଧାନୀରେ ହିଟ୍ ଆଣ୍ଡ ରନ୍

ଆତ୍ମସମର୍ପଣ କରିଥିଲା ।

ରବିବାର ଭୋର୍ ସମୟରେ ଏକ ଘରୋଇ ବସ୍କୁ ଡ୍ରାଇଭର ଦ୍ରୁତ ଗତିରେ ଚଳାଇ ଭୟଙ୍କର ଦୁର୍ଘଟଣା ଘଟାଇଲା । କ୍ରିଷ୍ଣା ଟାୱାର ପାଖରେ ଥିବା ଏକ କମାଡିଆ ଦୋକାନ ପାଖରେ ଥୁଆ ହୋଇଥିବା କାର୍କୁ ଧକ୍କା ଦେଇ ୧୦ମିଟର ଆଗକୁ ଘୋଷାଡି ନେଇଥିଲା । ପରେ ରାସ୍ତା କଡରେ ଥିବା ଏକ ଚା'ଦୋକାନ ଭିତରକୁ ବସ୍ ମାଡିଯାଇଥିଲା । ସେଠାରୁ ଯାଇ ରାସ୍ତା କଡରେ ଚାଲି ଚାଲି ଯାଉଥିବା ଦୁଇଜଣ ମହିଳାଙ୍କୁ ଗୁରୁତର ଭାବେ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଦୁଇ ମହିଳାଙ୍କ ଶରୀର ଖିନ୍ଭିନ୍ ହୋଇଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି । ମୃତ ଦୁଇ ମହିଳା ହେଲେ ନୟାଗଡ ଖଣ୍ଡପଡାର ଝୁନୁ ମଣ୍ଡଳ (୪୨) ଓ ବରଗଡ ଜିଲ୍ଲା ମେଳେଛାମୁଣ୍ଡାର ଗୀତାଞ୍ଜଳି ରଣା (୨୬) । ଗୁରୁତର ଭାବେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଦୁଇଜଣ ହେଲେ ଚା'ଦୋକାନୀ ପ୍ରଦୀପ ଜେନା ଓ ଦୋକାନ ଗ୍ରାହକ ସୁନୀତା ମେହେର (୨୪) ।

ଖବର ପାଇ ନୂଆପଲ୍ଲୀ ଥାନା ପୋଲିସ ଅବିଳମ୍ବ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାରେ ଜଖମ ହୋଇଥିବା ଗାଡିକୁ ରାସ୍ତା ପାଶ୍ୱର୍ରୁ ହଟାଇବା ସହ ଦୁଇ ମୃତକଙ୍କୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା । ଗୁରୁତର ଆହତ ପ୍ରଦୀପ ଓ ସୁନୀତା (୯ ପୃଷ୍ଠାରେ)

ଇଣ୍ଡିମେଣ୍ଟର ମହାସମାବେଶରେ କେନ୍ଦ୍ରକୁ ଟାର୍ଗେଟ

ନୂଆଦିଲ୍ଲୀ,୨।୧୧: ଦିଲ୍ଲୀର ରାମଲୀଳା ମୈଦାନରେ ଆୟୋଜିତ ଇଣ୍ଡିମେଣ୍ଟର 'ଭୋଟ୍ ବଚାଓ, ଦେଶ ବଚାଓ ମହାରାଲିରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ କରିବା ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି । ଖଡଗେ କହିଛନ୍ତି, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ବିରୋଧୀଙ୍କ ଲଢ଼େଇ ଜାରି ରହିବ । ଭୋଟ୍ ଚୋରି ଏବଂ ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଭଳି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ଏକଜୁଟ୍ ହୋଇଥିବା ସେ କହିଛନ୍ତି । ରାମଲୀଳା ମୈଦାନରେ ଆୟୋଜିତ ଏହି ସମାବେଶକୁ ଐତିହାସିକ ବୋଲି



କହିବା ସହ ଯୁବକ, ମହିଳା ଓ ଦଳିତଙ୍କ ଭୋଟ୍ ଅଧିକାରର ସୁରକ୍ଷା ପାଇଁ ଏହା ଏକ ଲଢ଼େଇ ବୋଲି କହିଛନ୍ତି ଖଡଗେ । ଏହି ବର୍ଗର ଲୋକଙ୍କ ଭୋଟ୍ ଅଧିକାର ଛଡ଼ାଇ ନେବାକୁ ଉଦ୍ୟମ ହୋଇଥିବା ସେ ଅଭିଯୋଗ କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ପ୍ରସଙ୍ଗ ଉଠାଇ ଖଡଗେ କହିଛନ୍ତି, "ଜ୍ଞାନେଶ କୁମାର ନ ଯିବା ପର୍ଯ୍ୟନ୍ତ ଆମେ ମଧ୍ୟ ଯିବୁନାହିଁ, ଆମର ଲଢ଼େଇ ଜାରି ରହିବ। ତାଙ୍କୁ ସୁରକ୍ଷା ଦେବା ଓ ଆଡ଼ରେ ରଖିବାକୁ ଉଦ୍ୟମ ହେଉଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି । ନିଜ ଭାଷଣରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ବ୍ୟବହାରକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ଅଧ୍ୟକ୍ଷ । ଖଡଗେଙ୍କ ଅଭିଯୋଗ ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀ କେତେବେଳେ ସିବିଆଇ ତ ଆଉ କେତେବେଳେ ଇଡି ଜରିଆରେ ବିରୋଧୀ ନେତା ଓ ସେମାନଙ୍କ ସହଯୋଗୀଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରୁଛନ୍ତି । (୯ ପୃଷ୍ଠାରେ)

ସୋଭସିର ପ୍ରଥମ ବାର୍ଷିକ ସମ୍ମିଳନୀ

ଗାଁରେ ଅବହେଳିତ ମହିଳାଙ୍କୁ ସେବା ଯୋଗାଇବାକୁ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ):ସୋସାଇଟି ଅଫ୍ ଭାଜିନାଲ ସର୍ଜନ୍ସ ଅଫ୍ ଇଣ୍ଡିଆ(ସୋଭସି)ର ପ୍ରଥମ ବାର୍ଷିକ ସମ୍ମିଳନୀ ଭୁବନେଶ୍ୱରରେ ୩୧ରୁ ଆରମ୍ଭ ହୋଇ ରବିବାର ଉଦଯାପିତ ହୋଇଯାଇଛି । ଉଦଘାଟନୀ ସମାରୋହରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ସ୍ୱାସ୍ଥ୍ୟ ସେବାରେ ସ୍ତ୍ରୀରୋଗ ବିଶେଷଜ୍ଞମାନଙ୍କ ଭୂମିକା ଏବଂ ଗ୍ରାମାଞ୍ଚଳର ଅବହେଳିତ ମହିଳାମାନଙ୍କୁ ସେବା ଯୋଗାଇ ଦେବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।

କାର୍ଯ୍ୟକ୍ରମରେ ସୋଭସିର ସଭାପତି ଡାକ୍ତର ଭି.ପି. ପାଇଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ଚିକିତ୍ସକ ଓ ରୋଗୀମାନଙ୍କୁ ଭାଜିନାଲ ସର୍ଜରୀର ଲାଭ ସମ୍ପର୍କରେ ସଚେତନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ସୋଭସି ଓଡ଼ିଶା ଚାପ୍ଟର ସଭାପତି ଡାକ୍ତର ମାୟା ପାଢ଼ୀ, ସମ୍ପାଦକ ଡାକ୍ତର ଇନ୍ଦିରା ପାଲୋ, ସେକ୍ରେଟେରୀ ଜେନେରାଲ ଡାକ୍ତର ଏଚ୍‌ପି ପଟ୍ଟନାୟକ, ଉପଦେଷ୍ଟା ପି.ସି ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବିଶେଷଜ୍ଞମାନେ ମଧ୍ୟ ଯୋଗଦେଇ ସର୍ଜରୀର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୩୦୦ ପ୍ରତିନିଧି, ବିଶେଷଜ୍ଞ ଏବଂ ଜାତୀୟସ୍ତରର ପ୍ରତିଷ୍ଠିତ ଅତିଥିମାନେ ଯୋଗଦେଇଥିଲେ । ଦୁଇ ଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ସର୍ଜରୀର ଭିଡିଓ ସେସନ୍, ସିମ୍ପୋଜିୟମ୍, କର୍ମଶାଳା ଏବଂ ଅତିଥି ବକ୍ତୃତା ଆୟୋଜିତ ହୋଇଥିଲା । ବିଭିନ୍ନ ମେଡିକାଲ କଲେଜର ପୋଷ୍ଟ ଗ୍ରାଜୁଏଟ୍ (ପିଜି) ଛାତ୍ରଛାତ୍ରୀମାନେ ଗବେଷଣା ଓ ପୋଷ୍ଟର ଉପସ୍ଥାପନ କରିଥିବାବେଳେ ସେମାନଙ୍କ ପାଇଁ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ଓଡ଼ିଶାର ମହିଳାମାନଙ୍କ ସ୍ୱାସ୍ଥ୍ୟସେବା ଏବଂ ମାନବିକ ଜ୍ଞାନକୌଶଳର ବିକାଶ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।



୧୮ ତମ ନିଯୁକ୍ତି ମେଳା - ୨୦୨୬

ଆଦର୍ଶ ବନ୍ଧୁ ଭାବରେ ମାର୍ଗଦର୍ଶନ କରିବାକୁ ନବନିଯୁକ୍ତ ଶିକ୍ଷକଙ୍କୁ ଆହ୍ୱାନ

ଭୁବନେଶ୍ୱର(ସବ୍ୟୁ): ଦକ୍ଷତା ବିକାଶ ଓ ନିଯୁକ୍ତି ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ହେଉଛି ସରକାରଙ୍କ ପ୍ରାଥମିକତା । ବିଦ୍ୟାଳୟରେ ପିଲାମାନଙ୍କ ମନରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବ ଜାଗ୍ରତ କରନ୍ତୁ ଏବଂ କଠିନ ନହୋଇ ଜଣେ ଆଦର୍ଶ ବନ୍ଧୁ ହୁଅନ୍ତୁଛ ସେମାନଙ୍କର ମାର୍ଗଦର୍ଶନ କରନ୍ତୁ । ରବିବାର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନ ଅଡିଟୋରିୟମ ଠାରେ ଆୟୋଜିତ ୧୮ ତମ ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।



ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନ ବିଦ୍ୟାଳୟ ଗୁଡ଼ିକରେ ୨୦୬୭ ଜଣ ସେବକ-ସେବିକା ଓ ଜନଜାତି ଭାଷା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଖାଲିଥିବା ସରକାରୀ ପଦପଦବୀ ଗୁଡ଼ିକୁ ପର୍ଯ୍ୟାୟକ୍ରମେ ପୂରଣ କରୁଛନ୍ତି । ଆଜିର ମେଳାରେ ୧,୯୧୩ ଜଣ ସେବକ-ସେବିକା ଏବଂ ୧୫୪ ଜଣ ଜନଜାତି ଭାଷା ଶିକ୍ଷକ-ଶିକ୍ଷୟତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି ।

ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ହୋଇଥିବାରୁ, ସେମାନଙ୍କ ଶିକ୍ଷାଗତ ମାନବୃଦ୍ଧି ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି । ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରାଥମିକସ୍ତରରେ ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି । ଓଡ଼ିଶାରେ ସାନ୍ତାଳୀ ସମେତ ୧୦ଟି ଆଦିବାସୀ ଭାଷାରେ ବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ କରାଯାଉଛି । ଶିକ୍ଷକତା ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିବା ମଦ୍ୟପାନ କିମ୍ବା ଶିକ୍ଷାର୍ଥୀଙ୍କ ପ୍ରତି ଅମାନବିକ ଦଣ୍ଡବିଧାନ ଭଳି ବିଶୃଙ୍ଖଳିତ ଆଚରଣରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ । ଆଦର୍ଶ ଆଚରଣ ଶିକ୍ଷକ ମାନଙ୍କ ପାଇଁ ଅଧିକ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାସହ, ଦକ୍ଷିଣ ଓଡ଼ିଶାର ବନ୍ୟା ପ୍ରଭାବିତ ଅଞ୍ଚଳରେ ନିଯୁକ୍ତି ପାଇଥିବା ସେବକ/ସେବିକା ମାନଙ୍କୁ ବନ୍ୟା ଘେରରେ ଥିବା ଲୋକଙ୍କୁ ସହାୟତାର ହାତ ବଢ଼ାଇବାକୁ ପରାମର୍ଶ ଦେଇଛନ୍ତ ।

୨,୦୬୭ ସେବକ ସେବିକା, ଜନଜାତି ଭାଷା ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି

ଏହି ଅବସରରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମସ୍ତ ନବନିଯୁକ୍ତଙ୍କ ନୂତନ ବୃତ୍ତିଗତ ଜୀବନର ଶୁଭକାମନା ଜଣାଇବା ସହ ଆଗାମୀ ଯୁବପିଢ଼ିର ଭବିଷ୍ୟତ ଗଢ଼ିବାର ସମ୍ପୂର୍ଣ୍ଣ ଦାୟିତ୍ୱ ଏବେ ଆପଣମାନଙ୍କ କାନ୍ଧରେ ବୋଲି କହିଛନ୍ତି । ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ଏକାମ୍ର ବିଧାୟକ ବାବୁ ସିଂ, ଉନ୍ନୟନ କମିଶନର ଡିକେ ସିଂହଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ନବନିଯୁକ୍ତ ସେବକ ସେବିକା ଏବଂ ଗଣମାଧ୍ୟମର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ ।

ତାଳବଣିଆ ଥାନା ମାମଲାର ତଦନ୍ତ ତଦାରଖ କରିବେ ଏସ୍‌ପି ସୁଶିଲ କୁମାର ମିଶ୍ର

୨୦ ଦିନ ମଧ୍ୟରେ ଫାଇନାଲ ଫର୍ମ ଦାଖଲ ପାଇଁ ଡିଜିପିଙ୍କ ନିର୍ଦ୍ଦେଶ

ପୁରୀ, (ସବ୍ୟୁ): ଗତ ଜୁଲାଇ ମାସ ୩୦ ତାରିଖରେ ପୁରୀ ତାଳବଣିଆ ଥାନାରେ ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକଙ୍କ ନାମରେ ରୁଜୁଜୁ ହୋଇ ଥିବା ଏକ ମିଥ୍ୟା ମାମଲାର ତଦନ୍ତ ପ୍ରକ୍ରିୟାକୁ ନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ବିନୟତୋଷ ମିଶ୍ର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୨୭ ତାରିଖରେ ଡିଜିପି ପୁରୀ ଏସ୍‌ପି ସୁଶୀଲ କୁମାର ମିଶ୍ରଙ୍କୁ ଉକ୍ତ ମାମଲାର ତଦନ୍ତ ତଦାରଖ ସୁପରଭିଜନ କରିବା ସହ ୨୦ ଦିନ ମଧ୍ୟରେ ମାନ୍ୟବର ଅଦାଲତରେ ଫାଇନାଲ ଫର୍ମ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। 'ସମୟ'ର ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ପଟ୍ଟନାୟକଙ୍କ ବିରୋଧରେ ତତ୍କାଳୀନ ଡିଏସ୍‌ପି ତପନ କୁମାର ଦାଶଙ୍କ ଅଭିଯୋଗ ଆଧାରରେ ଏହି ମାମଲା ରୁଜୁ ହୋଇଥିଲା । ମାମଲାର ନିରପେକ୍ଷ ଓ ପକ୍ଷପାତମୁକ୍ତ ତଦନ୍ତ ନିମନ୍ତେ ସାମ୍ବାଦିକ ଶ୍ରୀ ପଟ୍ଟନାୟକ ରାଜ୍ୟର ମୁଖ୍ୟ ଶାସନ ସଚିବ, ଗୃହ ବିଭାଗର ପ୍ରମୁଖ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ବିଭିନ୍ନ ସମୟରେ ଲିଖିତ ପ୍ରତିନିଧିତ୍ୱ ଦାଖଲ କରିଥିଲେ।

ବିଶେଷକରି, ଗତ ୨୨ ଅଗଷ୍ଟ ୨୦୨୬ ରେ ମୁଖ୍ୟ ଶାସନ ସଚିବଙ୍କୁ ଦିଆଯାଇଥିବା ପ୍ରତିନିଧିତ୍ୱରେ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବା ପାଇଁ ସେ ଅନୁରୋଧ କରିଥିଲେ। ଏହାର ନକଲ ମଧ୍ୟ ଡିଜିପିଙ୍କୁ ପ୍ରଦାନ କରାଯାଇଥିଲା। ମାମଲାରେ ନିରପେକ୍ଷତା ଓ ତଦନ୍ତର ସ୍ୱଚ୍ଛତା ସୁନିଶ୍ଚିତ କରିବା ସହ ତାଙ୍କ ପକ୍ଷ ଠିକ୍ ଭାବେ ଅନୁଧ୍ୟାନ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଡିଜିପିଙ୍କ ସଦ୍ୟତମ ନିର୍ଦ୍ଦେଶ ଅନୁଯାୟୀ, ଏବେ ଏସ୍‌ପି ସୁଶୀଲ ମିଶ୍ର ନିଜେ ମାମଲାର ତଦନ୍ତ ତଦାରଖ କରିବେ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଅଦାଲତରେ ଫାଇନାଲ ଫର୍ମ ଦାଖଲ ପାଇଁ ପଦକ୍ଷେପ ନେବେ। ତେବେ ବିଶ୍ୱଜିତ ପଟ୍ଟନାୟକଙ୍କ ପକ୍ଷରୁ ଦାବି କରାଯାଇଥିବା କ୍ରାଇମବ୍ରାଞ୍ଚ ତଦନ୍ତ ସମ୍ପର୍କରେ କି ନିଷ୍ପତ୍ତି ନିଆଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ମେଢ଼ ଭସାଣି ବେଳେ ଗୋଷ୍ଠୀ ସଂଘର୍ଷ ଘଟଣା : ୩ ଗିରଫ

ଚୌଦ୍ୱାର, (ସବ୍ୟୁ):ଚୌଦ୍ୱାରର ଐତିହ୍ୟସମ୍ପନ୍ନ ରୂପଯାତ୍ରାର ମେଢ଼ ଭସାଣି ଶୋଭାଯାତ୍ରା ବେଳେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କପାଳେଶ୍ୱର ନୂଆସାହି ଅଞ୍ଚଳର ବିକାଶ ବିନ୍ଧାଣୀ (୨୦), ସୌମ୍ୟରଞ୍ଜନ ରାଉତରାୟ(୧୯) ଓ ଚନ୍ଦ୍ର ମହାନ୍ତି(୨୪)। ଚୌଦ୍ୱାର ପୁଲିସ ଆଜି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।ସୂଚନା ଅନୁଯାୟୀ, ଚୌଦ୍ୱାର ପୌରପାଳିକାର ୧୭ ନମ୍ବର ୱାର୍ଡ ନୂଆସାହି ଲକ୍ଷ୍ମୀନାରାୟଣ ମେଢ଼ର ଭସାଣି ଶୋଭାଯାତ୍ରା ଓଟିଏମ୍ ପରିବା ମାର୍କେଟ ନିକଟରେ ପହଞ୍ଚିଥିବା ସମୟରେ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। କଥା କଟାକଟି କ୍ରମେ ଉଗ୍ରରୂପ ନେଇ ମାରପିଟରେ ପରିଣତ ହୋଇଥିଲା। ଏଥିରେ ଅଶୋକ ବେହେରା, ନାରାୟଣ ଦାସ, ଅଜିତ୍ ଦାସ ଓ ସୁଜିତ୍ ଦାସ ଆହତ ହୋଇଥିଲେ। ଏନେଇ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ଆଧାରରେ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି।

୫୩ତମ କୁମାର ଉତ୍ସବ ନୂପୁର ଉଦ୍‌ଯାପିତ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଇଗଲ କ୍ଲବ ପକ୍ଷରୁ ଆୟୋଜିତ ୫୩ତମ କୁମାର ଉତ୍ସବ ନୂପୁର-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ କୁମାରୀମାନଙ୍କ ଦ୍ୱାରା ପାରମ୍ପରିକ ଫୁଲ ବଉଳ ବେଣି ନୃତ୍ୟ ସହ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବର ଶେଷ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମଂଟୁ ଛୁରିଆ ଓ ତାଙ୍କ ଟିମ୍‌ଙ୍କ ଦ୍ୱାରା ପରିବେଷିତ ମେଲୋଡି ଓ ଡ୍ୟାନ୍ସ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଲୋକପ୍ରିୟ ସଙ୍ଗୀତ ଓ ଆକର୍ଷଣୀୟ ନୃତ୍ୟର ତାଳେ ତାଳେ ଦର୍ଶକ ମତୁଆଲା ହୋଇଥିଲେ। ଏହି ଅବସରରେ କ୍ଲବର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଜେଡି ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ଏବଂ ସ୍ଥାନୀୟ କାଉନସିଲର ପ୍ରବୀଣା ଜଗଦେବ ଯୋଗଦେଇଥିଲେ। ଏଥିସହ ପୌରପରିଷଦର ବିଭିନ୍ନ ୱାର୍ଡର କାଉନସିଲର, ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀର ଜିଲ୍ଲା ପରିଷଦ ସଭ୍ୟ, ସରପଂଚ, ସମିତି ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ କ୍ଲବର



ସଦସ୍ୟ ଓ ସଦସ୍ୟାମାନେ ହେ ନବୀନ ବାବୁ ଆମେ ତୁମ ଫ୍ୟାନ୍ ଗୀତରେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଏହି ପରିବେଷଣ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଉଲ୍ଲାସ ସୃଷ୍ଟି କରିଥିଲା। ଏଥିସହ ଉତ୍ସବର ଆନନ୍ଦମୟ ପରିସମାପ୍ତି ଘଟିଥିଲା।

ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟକୁ ଜୋରଦାର କଲା ନଗର ଉନ୍ନୟନ ବିଭାଗ

୬ଟି ଜିଲ୍ଲାକୁ କ୍ଷୟକ୍ଷତିର ପ୍ରାଥମିକ ଆକଳନ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପରିସ୍ଥିତିରେ ରିଲିଫ୍, ଜରୁରୀକାଳୀନ ସେବା ଓ ପୁନରୁଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିଛି ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ । ବିଶେଷକରି ଅତ୍ୟାବଶ୍ୟକ ସେବାର ପୁନଃସ୍ଥାପନ, କ୍ଷେତ୍ରସ୍ତରରେ ଅଧିକ ଯାନ୍ତ୍ରିକ ଓ ପ୍ରଶାସନିକ ସହାୟତା ଯୋଗାଣ ଏବଂ ପ୍ରଭାବିତ ପରିବାରଙ୍କୁ ତ୍ୱରିତ ସହାୟତା ପ୍ରଦାନ ଉପରେ ବିଭାଗ ଗୁରୁତ୍ୱ ଦେଇଛି । ବାତ୍ୟା ପ୍ରଭାବରେ ବ୍ରହ୍ମପୁର ସହରର ଜଳ ଯୋଗାଣ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ଜରୁରୀକାଳୀନ ଭିତ୍ତିରେ ପଦକ୍ଷେପ ନିଆଯାଇଛି । ଜନିଭିଲି ଇଣ୍ଟେକ୍‌ର ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବାବେଳେ ଗ୍ରାହକମାନଙ୍କୁ ଅସୁବିଧାରୁ ରକ୍ଷା କରିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଛି । ନଭେମ୍ବର ୧ ତାରିଖ ସକାଳ ୧୦ଟା ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ବ୍ରହ୍ମପୁର ସହରର ଦୈନିକ ଜଳ ଆବଶ୍ୟକତା ୯୦ ଏମ୍‌ଏଲ୍‌ଡି ଥିବାବେଳେ ବର୍ତ୍ତମାନ ୭୦ ଏମ୍‌ଏଲ୍‌ଡି ଜଳ ଯୋଗାଣ କରାଯାଉଛି । ଏଥିରେ ଭୂପୃଷ୍ଠ ଜଳ ଉତ୍ସରୁ ୬୪ ଏମ୍‌ଏଲ୍‌ଡି ଏବଂ ଅତିରିକ୍ତ ଭାବେ କାର୍ଯ୍ୟକ୍ଷମ କରାଯାଇଥିବା ୧୫ଟି ଉତ୍ପାଦନକାରୀ ନଳକୂପରୁ ୬ ଏମ୍‌ଏଲ୍‌ଡି ଜଳ ଯୋଗାଣ ହେଉଛି । ଏହା ସହିତ ପ୍ରଭାବିତ ଅଞ୍ଚଳରେ ଜଳ ବଣ୍ଟନ ପାଇଁ ୧୨ଟି ଘରୋଇ ଟ୍ୟାଙ୍କର ସମେତ ମୋଟ ୨୦ଟି ଟ୍ୟାଙ୍କର ନିୟୋଜିତ ହୋଇଛି । ପୁନରୁଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ସହ କ୍ଷେତ୍ରସ୍ତରରେ ଯାନ୍ତ୍ରିକ ସହାୟତା ସୁଦୃଢ଼ କରିବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରୁ ଆଉ ୫ ଜଣ ଯନ୍ତ୍ରୀଙ୍କୁ ବ୍ରହ୍ମପୁର ମହାନଗର ନିଗମରେ ନିୟୋଜିତ କରାଯାଇଛି.। ଏହି ଯନ୍ତ୍ରୀମାନଙ୍କ ସେବାକୁ ବ୍ରହ୍ମପୁର ମହାନଗର ନିଗମର କମିଶନରଙ୍କ ଅଧୀନରେ ନ୍ୟସ୍ତ କରାଯାଇଛି ଏବଂ ସେମାନେ ନଭେମ୍ବର ୧ ତାରିଖ ଅପରାହ୍ଣରୁ ନିଜ ନିଜର ପୂର୍ବ କାର୍ଯ୍ୟସ୍ଥଳରୁ ଅବ୍ୟାହତି ନେଇଛନ୍ତି । ବାତ୍ୟା ପରବର୍ତ୍ତୀ କ୍ଷୟକ୍ଷତିର ଆକଳନ ଓ ପରବର୍ତ୍ତୀ ପଦକ୍ଷେପ ପାଇଁ ଗଞ୍ଜାମ, ଗଜପତି, କନ୍ଧମାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା) ଟିମ୍‌ଗୁଡ଼ିକୁ କ୍ଷୟକ୍ଷତିର ପ୍ରାଥମିକ ଆକଳନ ରିପୋର୍ଟ ପ୍ରସ୍ତୁତ କରି ଯଥାଶୀଘ୍ର ଦାଖଲ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି । ଏହି ରିପୋର୍ଟଗୁଡ଼ିକୁ ସମନ୍ୱିତ କରି ଆବଶ୍ୟକୀୟ ପଦକ୍ଷେପ ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟକୁ ପଠାଯିବ ।

କନ୍ଧମାଳରେ ବଡ଼ଧରଣର ଭୂସ୍ଖଳନ

ମାଟି, ପଥର ଓ ଆବର୍ଜନା ସଫା କରିବା ପାଇଁ ରେଳବାଇ ପକ୍ଷରୁ ଭାରୀ ଯନ୍ତ୍ରପାତି ମୁତୟନ



ଭୁବନେଶ୍ୱର (ସବ୍ୟୁ): ଅଦମ୍ୟ ସାହସ, ନିଷ୍ଠା ଓ ବୃତ୍ତିଗତ ଦକ୍ଷତାର ପରିଚୟ ଦେଇ ପୂର୍ବତଟ ରେଳପଥର ଉଦ୍ଧାରକାରୀ ଦଳ ଦୁର୍ଗମ ପାହାଡ଼ିଆ ରାସ୍ତାରେ ପ୍ରାୟ ତିନି ଘଣ୍ଟାର ପଦଯାତ୍ରା କରି ଭୂସ୍ଖଳନ ପ୍ରଭାବିତ ସ୍ଥଳରେ ପହଞ୍ଚିଥିଲେ ଏବଂ ଜରୁରୀକାଳୀନ ଉଦ୍ଧାର ଓ ସହାୟତା କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଯୋଗାଇଥିଲେ। ସେମାନଙ୍କର ଦୃଢ଼ ମନୋବଳ, ସମୂହଗତ କାର୍ଯ୍ୟଦକ୍ଷତା ଓ କର୍ତ୍ତବ୍ୟ ପ୍ରତି ଅତୁଟ ନିଷ୍ଠା, ଜନସେବା ଏବଂ ସମାଜ ପ୍ରତି ସମର୍ପଣର ଏହା ଏକ ଉତ୍କୃଷ୍ଟ ଉଦାହରଣ।

ନିଖୋଜର ୩ଦିନ ପରେ ନାଳରୁ ମିଳିଲା ମୁଣ୍ଡଗଣ୍ଡି : ୩ ଅଟକ

ଦଶପଲ୍ଲା,(ସବ୍ୟୁ): ନିଖୋଜ ତିନିଦିନ ପରେ ଦଶପଲ୍ଲା ଥାନା ପୋଲିସ କୁଟିବାରି ଜଙ୍ଗଲ ଡବାନାଳରୁ ମୁଣ୍ଡ ଗଣ୍ଡି ଜବତ କରିଛି । ଦଶପଲ୍ଲା ଥାନା ଅଶ୍ୱିନୀ ବେରଣା ଗ୍ରାମର ବିରଞ୍ଚି ନାଏକ(୫୫) ତୁମାଣ୍ଡି ରାସ୍ତାର କୁଟିବାରି ଜଙ୍ଗଲରେ ଏକୁଟିଆ ଘର କରି ରହୁଥିବା ରଞ୍ଜନ ବେହେରାଙ୍କୁ ଏକ ବଳଦ ବିକ୍ରି କରିଥିଲେ । ବଳଦ ବାବଦରେ ରଞ୍ଜନ କିଛି ଅର୍ଥ ଦେଇଥିବା ବେଳେ କିଛି ବକେୟା ରଖିଥିଲା । ଗତ ୨୯ ତାରିଖ ରେ ବକେୟା ଅର୍ଥ ମାଗିବାକୁ ବିରଞ୍ଚି, ରଞ୍ଜନ ଘରକୁ ଯାଇଥିବା ବେଳେ ଘରକୁ ଫେରି ନଥିଲା । ଏ ସମ୍ପର୍କରେ ପରିବାର ଲୋକ ଦଶପଲ୍ଲା ଥାନାରେ ଜଣାଇଥିବା ବେଳେ ଗ୍ରାମବାସୀ ଖୋଜାଖୋଜି କରିଥିଲେ । ଖୋଜାଖୋଜି ସମୟରେ ବିରଞ୍ଚି ସଢ଼ୁ ଦିବାକର ନାଏକ ନାଳ ର ବିରଞ୍ଚି ମୁଣ୍ଡ ପୋତି ହୋଇରହିଥିବା ଦେଖିବାକୁ ପାଇଥିଲେ । ପରେ ବିରଞ୍ଚି ପିନ୍ଧୁଥିବା ଚପଲ ସେହି ନିକଟରେ ପଡିଥିବା ଦେଖିବାକୁ ପାଇଥିବା ବେଳେ ବିରଞ୍ଚି ଗଣ୍ଡିକୁ ପାଇ ନଥିଲେ । ଏହାପରେ ଗ୍ରାମବାସୀ ପୋଲିସ୍‌କୁ ଖବର ଦେବାପରେ ଦଶପଲ୍ଲା ଥାନାଟ ଆଇ ଆଇ ସି ବିନୟ ରଞ୍ଜନ ପରିଡା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ବାଲିରେ ପୋତି ହୋଇ ରହିଥିବା ମୁଣ୍ଡ ଉଦ୍ଧାର କରିଥିବା ବେଳେ ପରେ ଡି ଏସ ପି ସୁଦୀପ୍ତ ସାହୁ ସାଇଣ୍ଟିଫିକ ଟିମ ଓ ଡଗ ସ୍କ୍ୱାଓ୍ୱାର୍ଡ ସହ ଘଟଣା ସ୍ଥଳରେ ପହଞ୍ଚି ମୁଣ୍ଡଠାରୁ ଅଲଗା ହୋଇ ପଡ଼ିଥିବା ଗଣ୍ଡି କୁ ଖୋଜା ଖୋଜି କରିଥିଲେ । ପୋଲିସ ପକ୍ଷରୁ ଉଭୟ ମୁଣ୍ଡ ଏବଂ ଗଣ୍ଡିକୁ ଉଦ୍ଧାର କରାଯାଇ ଜବତ କରାଯାଇଥିବା ବେଳେ ମୃତ ବିରଞ୍ଚିର ଡାହାଣ ହାତ ଚାରୋଟି ଆଙ୍ଗୁଠି ନଥିବା ଦେଖିବାକୁ ମିଳିଛି ।ଗୁଣିଗାରେଡି ପାଇଁ ରଞ୍ଜନ ,ବିରଞ୍ଚି କୁ ହତ୍ୟା କରିଥିବା ପରିବାର ଲୋକଙ୍କ ପକ୍ଷରୁ ଦଶପଲ୍ଲା ଥାନାରେ ଅଭିଯୋଗ ହୋଇଛି । ରଞ୍ଜନ ସହ ବୁରୁସାହି ଗ୍ରାମର ଲକ୍ଷ୍ମୀଧର ନାଏକ ଏବଂ ରଙ୍ଗମାଟିଆ ଗ୍ରାମର ମେଞ୍ଚୁ ମାଝୀ ମିଶି ଗୁଣିଗାରେଡି ପାଇଁ ବିରଞ୍ଚିକୁ ହାଣି ହତ୍ୟା କରିଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି ।

ଆଜି ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡ଼. ସୁଧାଂଶୁ ତ୍ରିବେଦୀ

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ଼. ସୁଧାଂଶୁ ତ୍ରିବେଦୀ ଆସନ୍ତା ନଭେମ୍ବର ୨ ତାରିଖ ଦିନ ଏକ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଁଚିବେ। ଡ଼.ତ୍ରିବେଦୀଙ୍କର ଗଭୀର ଇତିହାସ ଜ୍ଞାନ, ଭାରତୀୟ ସଂସ୍କୃତି ଏବଂ ସାମ୍ପ୍ରତିକ ରାଜନୈତିକ ପ୍ରସଙ୍ଗ ଉପରେ ସ୍ପଷ୍ଟ ଓ ଓଜସ୍ୱିନୀ ବକ୍ତବ୍ୟ ସମଗ୍ର ଦେଶରେ ଅତ୍ୟନ୍ତ ଆଦୃତ। ଜାତୀୟ ତଥା ଆନ୍ତର୍ଜାତୀୟ ଗଣମାଧ୍ୟମରେ ଦଳୀୟ ପକ୍ଷ ରଖିବାରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ସୁଦୀପ୍ତ ରାୟ କହିଛନ୍ତି। ଶ୍ରୀ ରାୟ କହିଛନ୍ତି ଯେ, ଏହି ଗସ୍ତ ଅବସରରେ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗଦେବାର




କାର୍ଯ୍ୟସୂଚୀ ରହିଛି। ମଧ୍ୟାହ୍ନ ୧୨.୦୫ ଘଟିକାରେ ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଉପସ୍ଥିତ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିବେ। ଏହାପରେ ଡ଼.ତ୍ରିବେଦୀ କଟକ ଗସ୍ତ କରି ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବାକୁ ଥିବା କଲେଜ ଛକଠାରୁ ଦୋଳମୁଣ୍ଡାଇ ଛକ ପର୍ଯ୍ୟନ୍ତ "ଗଣତନ୍ତ୍ର ବଂଚାଅ - ଅରାଜକତା ହଟାଅ ଅଭିଯାନ' ପଦଯାତ୍ରାରେ ସାମିଲ ହେବେ। କଲେଜ ଛକଠାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏହି ପଦଯାତ୍ରା ଆରମ୍ଭ ହେବ। ଏଥିରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ସମେତ କଟକର ସମସ୍ତ ବିଧାୟକ ଓ ସାଂସଦ ସାମିଲ ହେବେ। ସେମାନଙ୍କ ସହ ଦଳର ସ୍ଥାନୀୟ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଏହି ପଦଯାତ୍ରାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ୫.୩୦ ଘଟିକାରେ ଭୁବନେଶ୍ୱରର ହୋଟେଲ ସ୍ୱସ୍ତି ପ୍ରିମିୟମ୍‌ଠାରେ ରାଷ୍ଟ୍ରଚିନ୍ତନ ଓ ଦେଶର ସାମ୍ପ୍ରତିକ ରାଜନୈତିକ ପ୍ରସଙ୍ଗ ଉପରେ ଅନୁଷ୍ଠିତ ହେବାକୁ ଥିବା ଏକ ବୁଦ୍ଧିଜୀବୀ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ବରିଷ୍ଠ ନେତା ଶ୍ରୀ ସୁଦର୍ଶନ ନାୟକ ଓ ଗଣମାଧ୍ୟମ ରାଜ୍ୟ ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

- **ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ ସାମ୍ବାଦିକ ସମ୍ମିଳନୀ**
- **କଟକ "ଗଣତନ୍ତ୍ର ବଞ୍ଚାଅ - ଅରାଜକତା ହଟାଅ ଅଭିଯାନ' ପଦଯାତ୍ରାରେ ସାମିଲ ହେବେ**

ଏକାମ୍ର କ୍ଷେତ୍ର, ପିପିଲି ଚାନ୍ଦୁଆ ହବ୍ ଏବଂ ପୁରୀ ଅର୍ଣ୍ଣପୂର୍ଣ୍ଣା ଥିଏଟରର ବିକାଶ କାର୍ଯ୍ୟର ସମୀକ୍ଷା

ଐତିହ୍ୟର ସୁରକ୍ଷା ସହ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ଆଧୁନିକ ସୁବିଧା ଉପରେ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ): ଏକାମ୍ର କ୍ଷେତ୍ରର ସାମଗ୍ରିକ ବିକାଶ ତଥା ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳରେ ଭିତ୍ତିଭୂମି ବିକାଶ ସହ ପିପିଲି ଚାନ୍ଦୁଆ ହବ ନିର୍ମାଣ ଏବଂ ପୁରୀ ଅର୍ଣ୍ଣପୂର୍ଣ୍ଣା ଥିଏଟରର ପୁନରୁଦ୍ଧାର ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରବିବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଏକାମ୍ର ପାର୍କିଂ, ପର୍ଯ୍ୟଟକ ସମ୍ମିଳନୀ କେନ୍ଦ୍ର, ଶୌଚାଳୟ ନିର୍ମାଣ, ଭଜନ ମଣ୍ଡପ ନିର୍ମାଣ ଏବଂ ଅନନ୍ତ ବାସୁଦେବ ପ୍ଲାଜାର ବିକାଶ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏଥିସହ ବିନ୍ଦୁ ସାଗରକୁ ପ୍ରଶସ୍ତ ପଦାଚଲା ରାସ୍ତା ନିର୍ମାଣ ନେଇ ଆଲୋଚନା ହୋଇଥିଲା । ଏକାମ୍ର କ୍ଷେତ୍ରକୁ ଏକ ସୁସଂଗଠିତ, ସ୍ୱଚ୍ଛ, ସୁନ୍ଦର ଓ ଆକର୍ଷଣୀୟ ଆଧାତ୍ମିକ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଦିଗରେ ସମସ୍ତ ପ୍ରସ୍ତାବିତ କାର୍ଯ୍ୟର ଯୋଜନାବଦ୍ଧ ଓ ସମୟୋଚିତ କାର୍ଯ୍ୟାନ୍ୱୟନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଏକାମ୍ର କ୍ଷେତ୍ରର ଐତିହ୍ୟ, ପରମ୍ପରା ଓ ଧାର୍ମିକ ଗୁରୁତ୍ୱକୁ ଅକ୍ଷୁଣ୍ଣ ରଖି ଏହାର ସାମଗ୍ରିକ ଉନ୍ନତିକରଣ କରିବା ସହ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ କରାଇବା ସହ ଆବଶ୍ୟକ ସମସ୍ତ ନିର୍ମାଣ କାର୍ଯ୍ୟ ଆସନ୍ତା ୨୦୨୭ ଜାନୁଆରୀ ସୁଦ୍ଧା ଶେଷ କରିବା ଉପରେ ବୈଠକରେ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ।



ପିପିଲି ଠାରେ ବହୁତଳ କୋଠା ନିର୍ମାଣ କରାଯାଇ ଚାନ୍ଦୁଆ ହବ ପ୍ରତିଷ୍ଠା ସହ ସେଠାରେ ଦୋକାନ ଗୃହ, ଫୁଡ ପ୍ଲାଜା, ଅଡିଓ ଭିଜୁଆଲ ହଲ, ଶୌଚାଳୟ ଆଦିର ବ୍ୟବସ୍ଥା କରିବା ନେଇ ଆଲୋଚନା ହୋଇଥିଲା । ଏହି ଚାନ୍ଦୁଆ ହବର ନିର୍ମାଣ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଶେଷ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓବିସିସି ତଥା ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହ ପୁରୀ ଅର୍ଣ୍ଣପୂର୍ଣ୍ଣା ଥିଏଟର ସହ ଓଡିଶାର ସଂସ୍କୃତିକ ଭାବାବେଗ ଜଡିତ ଥିବାରୁ ଏହାର ପୁନରୁଦ୍ଧାର ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ବୈଠକରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଓବିସିସି (ର ପରିଚାଳନା ନିର୍ଦ୍ଦେଶକ ଅନୁପମ ସାହା, ବିଏମ୍‌ସି କମିଶନର ଚଞ୍ଚଳ ରଣା, ଓବିସିସି ସିଜିଏମ୍ ଶ୍ରୀଧର ରାଉତଙ୍କ ସମେତ ଏଏସ୍‌ଆଇ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

ଏକାମ୍ର କ୍ଷେତ୍ରର ନିର୍ମାଣ ଜାନୁଆରୀ ସୁଦ୍ଧା ଶେଷ ପାଇଁ ନିର୍ଦ୍ଦେଶ

ଖୋଲିଲା ଶିମିଳିପାଳର ରହସ୍ୟମୟ ଜଙ୍ଗଲ ଦ୍ୱାର

ସଫାରୀ ଗାଡ଼ିରେ ପ୍ରକୃତିର ରୋମାଞ୍ଚ ନେବେ ପର୍ଯ୍ୟଟକ

ପ୍ରଥମ ଦିନରୁ ପର୍ଯ୍ୟଟକଙ୍କ ଭିଡ଼

କୋର୍ ଏରିଆରେ ମୋବାଇଲ ଉପରେ କଟକଣା



ବାରିପଦା ,(ସବ୍ୟୁ) : କେଉଁଠି ସବୁଜ ବନାନୀର ଅପୂର୍ବ ସୌନ୍ଦର୍ଯ୍ୟ, ତ ଆଉ କେଉଁଠି ପାହାଡ଼ର ବକ୍ଷ ଚିରି ଝରିପଡୁଥିବା ବରେହିପାଣି ଓ ଯୋରନ୍ଦା ଜଳପ୍ରପାତ । ଚାରିଆଡ଼େ ଘଞ୍ଚ ଜଙ୍ଗଲ, ପାହାଡ଼ିଆ ରାସ୍ତା ଆଉ କୁହୁଡ଼ି ଘେରା ଶୀତୁଆ ସକାଳ । ଜଙ୍ଗଲର ନିସ୍ତବ୍ଧତା ଭିତରେ କେତେବେଳେ ବାଘର ଗର୍ଜନ ତ ଆଉ କେତେବେଳେ ହାତୀଙ୍କ ଚଳପ୍ରଚଳ । ପ୍ରକୃତିର ଏହି ରହସ୍ୟମୟ ଦୁନିଆକୁ ପୁଣିଥରେ ଖୋଲିଛି ମୟୂରଭଞ୍ଜର ଗର୍ବ ତଥା ଶିମିଳିପାଳ ଜାତୀୟ ଉଦ୍ୟାନ । ଦୀର୍ଘ ମାସର ବ୍ୟବଧାନ ପରେ ନଭେମ୍ବର ୧ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ପୁଣି ଖୋଲିଛି ଶିମିଳିପାଳ ଅଭୟାରଣ୍ୟର ଦ୍ୱାର । ପ୍ରଥମ ଦିନରୁ ହିଁ ପର୍ଯ୍ୟଟକଙ୍କ ମଧ୍ୟରେ ଦେଖାଦେଇଛି ପ୍ରବଳ ଉତ୍ସାହ । ବାରିପଦାର ପୀଠାବଟା ଓ ଯଶିପୁର ପଟୁ ପର୍ଯ୍ୟଟକଙ୍କୁ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ ଅନୁମତି ମିଳିଛି । ପ୍ରଥମ ଦିନରେ ସଫାରୀ ଗାଡ଼ି ସହ ସାଧାରଣ ପର୍ଯ୍ୟଟକଙ୍କ ଗାଡ଼ିକୁ ମଧ୍ୟ ଅନୁମତି ମିଳିଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନ ସହ ପଶ୍ଚିମବଙ୍ଗରୁ ମଧ୍ୟ ପର୍ଯ୍ୟଟକ ଆସି ଶିମିଳିପାଳର ମନୋରମ ପରିବେଶକୁ ଉପଭୋଗ କରିଛନ୍ତି ।

ବାସ୍ତବରେ, ବର୍ଷା ଋତୁରେ ଶିମିଳିପାଳର ଅବସ୍ଥା ଅତ୍ୟନ୍ତ ସମ୍ବେଦନଶୀଳ ହୋଇପଡ଼େ । ଲଗାଣ ବର୍ଷା ଯୋଗୁଁ ଜଙ୍ଗଲ ଭିତର ରାସ୍ତା କାଦୁଅମୟ ହେବା ସହ ଯାତାୟାତ ଅସମ୍ଭବ ହୋଇପଡ଼ିଥାଏ । ପର୍ଯ୍ୟଟକଙ୍କ ସୁରକ୍ଷା ଓ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିମିଳିପାଳ କର୍ତ୍ତୃପକ୍ଷ ଏହାକୁ ବନ୍ଦ ରଖିଥିଲେ । ଏବେ ମୌସୁମୀ ବର୍ଷା କମିବା ସହ ପାଗ ଅନୁକୂଳ ହେବା ପରେ ପୁଣିଥରେ ପର୍ଯ୍ୟଟକଙ୍କ ପାଇଁ ଏହାକୁ ଖୋଲାଯାଇଛି ।

ଚଳିତ ପର୍ଯ୍ୟଟନ ଋତୁରେ ଶିମିଳିପାଳ ବୁଲିବା ପାଇଁ ଜଙ୍ଗଲ ସଫାରୀର ବ୍ୟବସ୍ଥା ମଧ୍ୟ ରହିଛି । ଖୋଲା ସଫାରୀ ଗାଡ଼ିରେ ବସି ପର୍ଯ୍ୟଟକମାନେ ଘଞ୍ଚ ଅରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ବନ୍ୟପ୍ରାଣୀଙ୍କ ଜୀବନଶୈଳୀକୁ ନିକଟରୁ ଅନୁଭବ କରିପାରିବେ । ତେବେ ସଫାରୀ ଯାତ୍ରା ପାଇଁ ଅନଲାଇନ ବୁକିଂ ବ୍ୟବସ୍ଥା ରହିଛି । ସେହିପରି ଶିମିଳିପାଳ ଭିତରେ ରାତ୍ରି ରହଣି କରିବାକୁ ଚାହୁଁଥିବା ପର୍ଯ୍ୟଟକଙ୍କ ପାଇଁ ମଧ୍ୟ ଅନଲାଇନ ମାଧ୍ୟମରେ ବୁକିଂ କରିବାକୁ ପଡ଼ିବ । ଶିମିଳିପାଳକୁ ପ୍ରବେଶ ପାଇଁ ପ୍ରତିଦିନ ସକାଳ ୬ଟାରୁ ୯ଟା ମଧ୍ୟରେ ଅନୁମତି ଦିଆଯାଉଛି । ବାରିପଦା ପଟୁ ପୀଠାବଟା ଏବଂ ଯଶିପୁର ପଟୁ ଜାମୁଆଣି ଫାଟକ ଦେଇ ପର୍ଯ୍ୟଟକମାନେ ଜଙ୍ଗଲ ଭିତରକୁ ଯାଇପାରିବେ । ତେବେ ଚଳିତ ବର୍ଷ ପର୍ଯ୍ୟଟକଙ୍କ ପାଇଁ କିଛି ନୂଆ ନିୟମ ମଧ୍ୟ ଲାଗୁ ହୋଇଛି । ପୂର୍ବବର୍ଷଗୁଡ଼ିକ ପରି ଶିମିଳିପାଳ ଭିତରକୁ ମାଦକ ଦ୍ରବ୍ୟ ଓ ପ୍ଲାଷ୍ଟିକ ନେବା ଉପରେ କଟକଣା ରହିଛି । ଏହା ସହିତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କୋର୍ ଏରିଆରେ ମୋବାଇଲ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯାଇଛି । ଯଦିଓ ପର୍ଯ୍ୟଟକମାନେ ଫଟୋ ଉଠାଇବାର ସୁଯୋଗ ପାଇପାରିବେ, ତଥାପି ନିୟମ ଅନୁଯାୟୀ ମୋବାଇଲ ବ୍ୟବହାର କରିବାକୁ ହେବ । ଜଙ୍ଗଲର ନିରବତା ଓ ବନ୍ୟଜନ୍ତୁଙ୍କ ସ୍ୱାଭାବିକ ଜୀବନଶୈଳୀକୁ ବାଧା ନଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ପ୍ରଥମ ଦିନରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ପାଇଁ ଆଦିବାସୀ ନୃତ୍ୟ ଓ ସଙ୍ଗୀତର ଆୟୋଜନ କରାଯାଇଥିଲା । ପାରମ୍ପରିକ ନୃତ୍ୟଗୀତର ତାଳେତାଳେ ପର୍ଯ୍ୟଟକଙ୍କୁ ଫୁଲ ଦେଇ ସ୍ୱାଗତ କରାଯାଇଥିଲା । ଶିମିଳିପାଳ କ୍ଷେତ୍ର ନିର୍ଦ୍ଦେଶକ ମଧ୍ୟ ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ ।

ଉଲ୍ଲେଖଯୋଗ୍ୟ, ଗତ ପର୍ଯ୍ୟଟନ ଋତୁରେ ଶିମିଳିପାଳରୁ ପ୍ରାୟ ୬.୧ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥିବା ବେଳେ ପ୍ରାୟ ୪୦ ହଜାର ପର୍ଯ୍ୟଟକ ଏଠାକୁ ଆସିଥିବା ତଥ୍ୟ ଦର୍ଶାଉଛି । ଏଥିରେ ଦେଶର ବିଭିନ୍ନ ଅଞ୍ଚଳ ସହ ବିଦେଶୀ ପର୍ଯ୍ୟଟକ ମଧ୍ୟ ସାମିଲ ଥିଲେ । ଚଳିତ ବର୍ଷ ମଧ୍ୟ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବା ସହ ମୟୂରଭଞ୍ଜର ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତିକୁ ନୂଆ ଗତି ମିଳିବ ବୋଲି ଆଶା କରାଯାଉଛି ।

ଶେରଗଡ଼ ବ୍ଲକରେ ଚାଷୀଙ୍କ ଆତ୍ମହତ୍ୟା



ବ୍ରହ୍ମପୁର, (ସବ୍ୟୁ) : ବନ୍ୟାରେ ଫସଲ ନଷ୍ଟ , ଘରେ ପାଣି ପଶି ବିଭିନ୍ନ ସାମଗ୍ରୀ ନଷ୍ଟ ଓ ନିଜ ଭାଇମାନଙ୍କ ସହ ଜମି ବିବାଦ ଯୋଗୁଁ ଶେରଗଡ଼ ବ୍ଲକ ଡେଙ୍ଗାପଦର ଗ୍ରାମପଞ୍ଚାୟତ ବାକିଲିକଣା ଗ୍ରାମର ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି ।

ମୃତକ ଚାଷୀ ଅର୍ଜୁନ ପଣ୍ଡା,ସେ ନିଜ ଘରେ ଚାଷ ଜମିରେ ପକାଇବ ପାଇଁ ରଖିଥିବା ବିଷପିଇ ଆତ୍ମହତ୍ୟା କରିଛନ୍ତି । ଚାଷୀଙ୍କ ଅତ୍ମହତ୍ୟାକୁ ନେଇ ଗଞ୍ଜାମ ଜିଲ୍ଲା ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ବିଜେଡି ଟିମ ପହଞ୍ଚି ମୃତକଙ୍କ ପରିବାବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଏହାସହ ମୃତ ଚାଷୀଙ୍କ ପାରିବାର ବର୍ଗଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଜଣଙ୍କୁ ସରକାରି ନିଯୁକ୍ତି ଦେବାପାଇଁ ବିଜେଡି ଦାବୀ କରିଛି । ସେପଟେ ରାଜ୍ୟ ସରକାର ବନ୍ୟା ପରିଚାଳନା ସମ୍ପୂର୍ଣ୍ଣ ଫେଲ କହିବା ସହ ବନ୍ୟା ବିପନ୍ନ ଓ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି କରିଛି ବିଜେଡି ।

ବିଜେଡ଼ି ଟିମରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଚନ୍ଦ୍ର ଶେଖର ସାହୁ, ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ , ବ୍ରହ୍ମପୁର ମହନଗର ନିଗମ ମେୟର ସଂଘମିତ୍ରା ଦଳେଇଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ ।

ସରକାରୀ ଅର୍ଥ ଆତ୍ମସାତ : ସିନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ ଗିରଫ



ବ୍ରହ୍ମପୁର, (ସବ୍ୟୁ): ସରକାରୀ ରେଡ କ୍ରସ ପାଣ୍ଠିରୁ ୮.୬୩ ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ରବିବାରଦିନ ଗଞ୍ଜାମ ଜିଲ୍ଲା ଛତ୍ରପୁର ସବ-କଲେକଟର କାର୍ଯ୍ୟାଳୟର ସିନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ (ଏସଆରଏ) ସଦାଶିବ ପ୍ରଧାନଙ୍କୁ ଗିରଫ କରିଛି । ସେ ବର୍ତ୍ତମାନ ସୁରଡ଼ା ତହସିଲ ଅଫିସରେ କାର୍ଯ୍ୟରତ ଅଛନ୍ତି ।ବ୍ରହ୍ମପୁର ଭିଜିଲାନ୍ସ କେସ ନଂ ଛତ୍ରପୁର ସବ-କଲେକଫର କାର୍ଯ୍ୟାଳୟର ନିଜାରତ ବିଭାଗରେ ଡିସେମ୍ବର ୨୦୨୩ରୁ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ସରକାରୀ ପାଣ୍ଠି ଲରେ ଟଙ୍କା ଜମା ନ ହେବା ସମ୍ବନ୍ଧରେ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ତରଫରୁ ତଦନ୍ତ ଓ ଯାଞ୍ଚ ଆରମ୍ଭ ହୋଇଥିଲା । ତଦନ୍ତରେ ଜଣାପଡ଼ିଛି ଯେ ଉକ୍ତ ସମୟରେ ସଦାଶିବ ପ୍ରଧାନ ନିଜାରତ ବିଭାଗର ଦାୟିତ୍ୱରେ ଥିଲେ । ସେ ସରକାରୀ ରସିଦ ବହି ଜାରି କରି ରେଡକ୍ରସ ପାଣ୍ଠି ବାବଦକୁ ମୋଟ ୮,୬୩,୨୦୦ ଟଙ୍କା ଆଦାୟ କରିଥିଲେ । କିନ୍ତୁ ଏହି ଅର୍ଥ ଛତ୍ରପୁର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ନିର୍ଦ୍ଦିଷ୍ଟ ଖାତାରେ ଜମା ନକରି ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ହେରଫେର କରିଦେଇଥିଲେ । ଗିରଫ ପରେ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ଅଦାଲତକୁ ପଠାଯାଇଛି । ଏହି ଘଟଣାକୁ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନା କେସ ନଂ. ୧୩/ ୨୦୨୬ ରେ ଦାୟର ହୋଇଛି । ମାମଲାର ଆହୁରି ତଦନ୍ତ ଜାରି ରହିଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ମାଡ଼ି ଆସୁଛି 'ମୁରାସୁ'

ଗାଁ ଗାଁରେ ବୁଲିଲା ସତର୍କତା ପ୍ରଚାର ଗାଡ଼ି

ଧରାକୋଟ, (ସବ୍ୟୁ): ବାତ୍ୟା "ଅର୍ଣ୍ଣବ'ର ଦୁର୍ଦ୍ଦଶା ମନରୁ ନଲିଭୁଣୁ ପୁଣି ଏକ ସମ୍ଭାବ୍ୟ ବାତ୍ୟା "ମୁରାସୁ'କୁ ନେଇ ଚିନ୍ତା ବଢ଼ିଛି । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ।ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାର ଧରାକୋଟ ବ୍ଲକ ଅନ୍ତର୍ଗତ ମାଣିକ୍ୟପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବାତ୍ୟା ସମ୍ପର୍କିତ ସତର୍କତା ବାର୍ତ୍ତା ପ୍ରଚାର କରାଯାଇଛି । ପ୍ରଶାସନ ପକ୍ଷରୁ ମାଇକ ଯୋଗେ ସଚେତନତା ପ୍ରଚାର ଗାଡ଼ି ଗାଁ ଗାଁ ବୁଲି ଲୋକଙ୍କୁ ସତର୍କ ରହିବା ସହ ଆବଶ୍ୟକ ସ୍ଥଳେ ବାତ୍ୟା ଆଶ୍ରୟସ୍ଥଳୀକୁ ଚାଲିଯିବା ପାଇଁ ସୂଚନା ଦିଆଯାଉଛି ।

ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ସମ୍ଭାବ୍ୟ ବାତ୍ୟା "ମୁରାସୁ' ନଭେମ୍ବର ୩ ତାରିଖ ସକାଳେ ଦକ୍ଷିଣ ଆନ୍ଧ୍ରପ୍ରଦେଶର ନେଲୋର ଓ ନରସାପୁର ମଧ୍ୟବର୍ତ୍ତୀ ଅଞ୍ଚଳରେ ସ୍ଥଳଭାଗ ଛୁଇଁବାର ଆଶଙ୍କା ରହିଛି । ସ୍ଥଳଭାଗ ଛୁଇଁବା ସମୟରେ ଘଣ୍ଟାପ୍ରତି ୧୦୦ରୁ ୧୧୦ କିଲୋମିଟର ବେଗରେ ପବନ ବହିବା ସହ ଝଟକା ପବନର ବେଗ ୧୨୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିବାର ସମ୍ଭାବନା ଥିବା ଉଲ୍ଲେଖ କରାଯାଇଛି । ବାତ୍ୟାର ପ୍ରଭାବରେ ନଭେମ୍ବର ୨ ତାରିଖରୁ ଓଡ଼ିଶାରେ ବର୍ଷା ଆରମ୍ଭ ହେବା ସହ ୩ ଓ ୪ ତାରିଖରେ ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ପ୍ରକାଶ ପାଇଛି ।

ରାଜ୍ୟ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୂଚନା ଅନୁଯାୟୀ, ତଳିଆ ଅଞ୍ଚଳ ଓ ପାହାଡ଼ିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଛି । ଏଥିସହ ବାତ୍ୟା ସମ୍ପର୍କରେ କୌଣସି ଗୁଜବରେ ବିଶ୍ୱାସ ନକରିବା ଏବଂ କେବଳ ପ୍ରଶାସନ ଓ ପାଣିପାଗ ବିଭାଗର ଆଧିକାରିକ ସୂଚନାକୁ ଅନୁସରଣ କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଉଛି ।

ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ -୨୦୨୬

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର କଲେଜ ଏବଂ ହାୟର୍ ସକେଣ୍ଡରୀ ପାଠ୍ୟକ୍ରମ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ରାଷ୍ଟ୍ରହିତ ତଥା ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ସ୍ୱନିର୍ମିତ ବୈଜ୍ଞାନିକ ପ୍ରକଳ୍ପ ଗୁଡ଼ିକର ପ୍ରଦର୍ଶନୀ ରାଜ୍ୟର ଅନ୍ୟତମ ବିଜ୍ଞାନ ଫୋରମ ଆହ୍ୱାନ ଓ ବାରିପଦା ଡିଗ୍ରୀ କଲେଜର ମିଳିତ ସହଯୋଗରେ ବାରିପଦା କଲେଜ ବାରିପଦା ଠାରେ ୩୧ ଅକ୍ଟୋବର ୨୦୨୬ ଅନୁଷ୍ଠିତ ହୋଇଯାଇଅଛି । ବିଜ୍ଞାନ ଭିତ୍ତିକ ଏହି ଶୈକ୍ଷିକ କାର୍ଯ୍ୟକ୍ରମକୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ମହେନ୍ଦ୍ର କୁମାର ମହାନ୍ତି ଉଦଘାଟନ କରିଥିଲେ । ପ୍ରଦର୍ଶନୀରେ ଭାଗ ନେଇଥିବା ସମସ୍ତ ପ୍ରକଳ୍ପକୁ ପ୍ରଖ୍ୟାତ କୃଷିବିଜ୍ଞାନୀ ଓ ବିଶିଷ୍ଟ ଅନୁସନ୍ଧାନ ମାର୍ଗଦର୍ଶକ କୁଳପତି ବୁଲି ଦେଖିଥିଲେ । ଏଭଳି ଉପାଦେୟ ଆୟୋଜନ ପାଇଁ 'ଆହ୍ୱାନ' କାର୍ଯ୍ୟକର୍ତ୍ତା ଏବଂ ବାରିପଦା କଲେଜର ଅଧ୍ୟକ୍ଷ, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ସେ ପ୍ରଶଂସା କରିଥିଲେ । ପ୍ରଦର୍ଶନୀର ଡିଗ୍ରୀ ଲେଭେଲ ବରିଷ୍ଠ ବିଭାଗରେ ବାଲେଶ୍ୱର ଜିଲ୍ଲାର ସିଦ୍ଧେଶ୍ୱର କଲେଜ ଅମରଦା ରୋଡ, କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ପ୍ରମୁଖ ତଥା ମୟୂରଭଞ୍ଜ ଜିଲ୍ଲାର ଆର୍.ଡି.ଏସ. ଡିଗ୍ରୀ ମହାବିଦ୍ୟାଳୟ



କୁଣ୍ଡାବାଇ, ବାରିପଦା ଡିଗ୍ରୀ ମହାବିଦ୍ୟାଳୟ, ବି.ବି. କଲେଜ ବାଇଗଣ ବାଡିଆ, ସରକାରୀ ମହିଳା ମହାବିଦ୍ୟାଳୟ ବାରିପଦା ଏବଂ ଏମ.ପି.ସି. ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାରିପଦା ପ୍ରଭୃତିର ପନ୍ଦରଗୋଟି ପ୍ରକଳ୍ପ ଭାଗ ନେଇଥିବା ବେଳେ ହାୟର୍ ସକେଣ୍ଡରୀ କନିଷ୍ଠ ବିଭାଗରେ ବାଲେଶ୍ୱର ଜିଲ୍ଲାର ଡି.ଏ.ଭି. ପବ୍ଲିକ ସ୍କୁଲ ଏବଂ ମୟୂରଭଞ୍ଜ ଜିଲ୍ଲାର ପୂର୍ଣ୍ଣ ଚନ୍ଦ୍ର ହାୟର୍ ସକେଣ୍ଡରୀ ସ୍କୁଲ, ଏମ୍.ଏସ.ଇ. ହାୟର୍ ସକେଣ୍ଡରୀ ସ୍କୁଲ ଲକ୍ଷ୍ମୀପୋଷି, ବାରିପଦା ହାୟର୍ ସକେଣ୍ଡରୀ ସ୍କୁଲ, ବି.ବି. କଲେଜ ବାଇଗଣ ବାଡିଆ, ଓ.ଏ.ଭି. ସାନଶୋଳ ଶାମାଖୁଣ୍ଟା, ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ ଶିରିଶବଣି ବାରିପଦା, ଓ.ଏ.ଭି. ଜାମପାଳ ବାଙ୍ଗିରିପୋଷି ଓ କୃଷ୍ଣଚନ୍ଦ୍ର ପୁର ହାୟର୍ ସକେଣ୍ଡରୀ ସ୍କୁଲ ପ୍ରଭୃତିର ସତର ପ୍ରକଳ୍ପ ଭାଗନେଇଥିଲେ । ପ୍ରକଳ୍ପ ଗୁଡ଼ିକର ପ୍ରଦର୍ଶନୀ ଓ ମୂଲ୍ୟାୟନ ପରେ ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ -୨୦୨୬ କାର୍ଯ୍ୟକ୍ରମର ପୁରସ୍କାର ବିତରଣ ସମାରୋହ 'ଆହ୍ୱାନ ସଭାପତି' ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ବରିଷ୍ଠ ବୈଜ୍ଞାନିକ ଡ଼ଃ. ନୀଳାଦ୍ରି ରୟ ସାଇଣ୍ଟିଷ୍ଟ- ଜି, ଅତିରିକ୍ତ ନିର୍ଦ୍ଦେଶକ ଆଇ.ଟି.ଆର୍. ଡି.ଆର୍. ଡି.ଓ. ଚାନ୍ଦିପୁର, ବାଲେଶର ମୁଖ୍ୟ ଅତିଥି ଓ ଡ.ମୃଣ୍ମୟ ଗିରି, ଆସୋସିଏଟ ପ୍ରଫେସର ବାୟୋ-ଟେକ ବିଭାଗ, କିଟସ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ଆଗାମୀ ଦିନରେ ସେମାନେ କିପରି ମାନବ ସେବାରେ ବିଜ୍ଞାନକୁ ବିନିଯୋଗ କରିପାରିବେ ତା ଉପରେ ଆଲୋକପାତ କରିଥିଲେ । ବରେଣ୍ୟ ଅତିଥିମାନେ କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି ଦେବା ସହିତ ଅନୁଷ୍ଠାନ ତରଫରୁ ଅଂଶଗ୍ରହଣକାରୀ କଲେଜ ଓ ଶିକ୍ଷାନୁଷ୍ଠାନମାନଙ୍କୁ ମୋମେଣ୍ଟ ମଧ୍ୟ ପ୍ରଦାନ କରିଥିଲେ । ଆୟୋଜକ କଲେଜ ଅଧ୍ୟକ୍ଷ ଡଃ ପ୍ରବୋଧ କୁମାର ଦେ, ବିଶିଷ୍ଟ ସମ୍ମାନିତ ଅତିଥି ରାଜେଶ କୁମାର ଷଡଙ୍ଗୀ ଅଧ୍ୟକ୍ଷ ବାରିପଦା ହାୟର୍ ସେକେଣ୍ଡାରୀ ସ୍କୁଲ, 'ଆହ୍ୱାନ' କାର୍ଯ୍ୟକାରୀ ସଭାପତି ଡ.ପ୍ରକାଶ ଚନ୍ଦ୍ର ମହାପାତ୍ର ଓ ଆବାହକ ସତ୍ୟଦୀପ ନାୟକ ମଧ୍ୟ ପୁରସ୍କାର ବିତରଣ ସଭାରେ ସଂକ୍ଷେପ ବକ୍ତବ୍ୟ ରଖିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଦସ୍ୟା ଡଃ. ଅନ୍ନପୂର୍ଣ୍ଣା ଧଳ । କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ଆହ୍ୱାନ ପରିବାର ସଦସ୍ୟ/ସଦସ୍ୟା ।

ମାନସ ରଂଜନ ଶୁକ୍ଳା ପ୍ରମୁଖ । ବାରିପଦା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମର ଶୃଙ୍ଖଳା ସୁପରିଚାଳନା ପ୍ରତି ଧ୍ୟାନ ଦେଇଥିଲେ ।

ବାଘୁଆ ଜଳସେଚନ: ପ୍ରଶାସନର ଆଗୁଆ ସତର୍କ ସୂଚନା ଜାରି


ବୁଗୁଡ଼ା,(ସବ୍ୟୁ) : ସମ୍ଭାବ୍ୟ ବାତ୍ୟା ମୁରାସୁକୁ ଦୃଷ୍ଟିରେ ରଖି ସ୍ଥାନୀୟ ବାଘୁଆ ଜଳସେଚନ ଉପବିଭାଜନ ପ୍ରଶାସନ ପକ୍ଷରୁ ଆଗୁଆ ସତର୍କ ସୂଚନା ଜାରି କରାଯାଇଛି । ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱ ଜୀବନ ମହାପାତ୍ର ବାଘୁଆ ଜଳ ଭଣ୍ଡାରରୁ ଯେ କୌଣସି ସମୟରେ ବାଘୁଆ ନଦୀଗର୍ଭକୁ ବନ୍ୟାଜଳ ଛାଡିବା ସକାଶେ ରବିବାର ସନ୍ଧ୍ୟାରେ ଡାକବାଜି ଯନ୍ତ୍ର ଯୋଗେ ଏହି ଆଗୁଆ ସତର୍କ ସୂଚନା ଜାରି କରିଥିବା ଜଣାଯାଇଛି । ଲଘୁଚାପ ଜନିତ ବର୍ଷା ଯୋଗୁଁ ଜଳ ଭଣ୍ଡାରରେ ଜଳ ପଡନ ବୃଦ୍ଧି ଆଶଙ୍କାରେ ବନ୍ୟା ନିୟନ୍ତ୍ରଣର ଆଗୁଆ ପଦକ୍ଷେପ ଗ୍ରହଣ ସକାଶେ ଏଭଳି ସୂଚନା ଜାରି କରାଯାଇଛି । ପ୍ରଦତ୍ତ ସୂଚନା ପ୍ରକାରେ ଏହି ତିନି ଦିନ ବର୍ଷା ସମୟରେ ନଦୀ ଗର୍ଭକୁ କୌଣସି ପ୍ରକାରେ ବ୍ୟବହାର କରିବା ନିଷେଧ କରାଯିବା ସହ ସାବଧାନତା ଅବଲମ୍ବନ କରିବାକୁ କୁହାଯାଇଛି । ଏଥିସହ ଗୃହପାଳିତ ପଶୁଙ୍କୁ ନଦୀ ଭିତରକୁ ନ ଛାଡିବା, ନିଜ ନିଜର ଧନଜୀବନର ସୁରକ୍ଷା ପାଇଁ ସର୍ବସାଧାରଣ ପ୍ରଶାସନକୁ ସହଯୋଗ କରିବା ପାଇଁ ପ୍ରଶାସନ ପକ୍ଷରୁ ସୂଚନା ଜାରି କରାଯାଇଛି । ସମସ୍ତଙ୍କ ଗୋଚରାର୍ଥେ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଡାକରଡା, ଭଗବାନପୁର , ବି.କରଡ଼ାବାଡ଼ି, ବିରଞ୍ଚିପୁର, ଗୋଳିଆ, ଭାମଶିଆଳି, ସୋଡକ ଆଦି ପଞ୍ଚାୟତରେ ଓ କୋଠଘର କାନ୍ଥରେ ସତର୍କ ସୂଚନା ବିଜ୍ଞାପନ ମରାଯାଇ ବିଶେଷତଃ ନଦୀ କୂଳିଆ ଗ୍ରାମର ଗ୍ରାମବାସୀଙ୍କୁ ଏଥି ପ୍ରତି ସଚେତନ ରହିବାକୁ କୁହାଯାଇଛି । ପ୍ରକାଶ ଯେ, ବାଘୁଆ ଜଳ ଭଣ୍ଡାର ସ୍ତରର ଉଚ୍ଚତା ତଥା ବିପଦ ସଂକେତ ୧୧୩. ୮୫ ମିଟର ଥିବାବେଳେ ବର୍ତ୍ତମାନ ଏହାର ସ୍ତର ୧୧୩.୨୭ ମିଟର ଥିବା ଜଣାଯାଇଛି । ।

ବିପୁଳ ପରିମାଣର ବାଣ ଜବତ, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବଡବଜାର ଥାନା ପୋଲିସ ବ୍ରହ୍ମପୁର ସହରର ଲକ୍ଷ୍ମୀନୃସିଂହ ସାହି ୬ଷ୍ଠ ଲେନର ବେଆଇନ ଭାବେ ବାଣ ଗଚ୍ଛିତ ରଖାଯାଇଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା । ବାଣ ବିକ୍ରି କରୁଥିବା ଅଭିଯୋଗରେ ବଡ଼ବଜାର ଥାନା ପୋଲିସ ଜଣକୁ ଗିରଫ କରିବା ସହ ବିପୁଳ ପରିମାଣର ବାଣ ଜବତ କରିଛି ।

ଅଭିଯୁକ୍ତ ଜଣଙ୍କ ହେଲେ ଲକ୍ଷ୍ମୀନୃସିଂହ ସାହି ୬ଷ୍ଠ ସାରଣୀରେ ରହୁଥିବା ବି. ସୁମନ ପାତ୍ର (୨୫) । ପୋଲିସ ଏସଂକ୍ରାନ୍ତରେ ୮୩୬/୨୬ ରେ ମାମଲା ରୁଜୁ କରିଛି ।ଏଥିସହ ବାଣ ବିକ୍ରି ଓ ମହଜୁଦ ରଖିବା ପାଇଁ ଜନସାଧାରଣଙ୍କୁ ବୈଧ ଲାଇସେନ୍ସ ହାସଲ କରିବା ସହ ସମସ୍ତ ସୁରକ୍ଷା ନିୟମ ପାଳନ କରିବାକୁ ବ୍ରହ୍ମପୁର ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି ।

ଆଗକୁ ଦୀପାବଳି : ଦୀପ ପ୍ରସ୍ତୁତିରେ ବ୍ୟସ୍ତ କୁମ୍ଭକାର



ବୁଗୁଡ଼ା, (ସବ୍ୟୁ) : ଆଲୋକର ପର୍ବ ଦୀପାବଳି ଆସନ୍ତା ୮ ତାରିଖ ରବିବାର ଦିନ ପାଳନ ହେବାକୁ ଯାଉଥିବା ବେଳେ ବୁଗୁଡ଼ା ଅଞ୍ଚଳର ବହୁ କୁମ୍ଭକାର ପରିବାର ମାଟି ଦୀପ ପ୍ରସ୍ତୁତିରେ ବ୍ୟସ୍ତଥିବା ଦେଖିବାକୁ ମିଳୁଛି । ବର୍ଷ ତମାମ ବେକାରରେ ରହୁଥିବା କୁମ୍ଭକାର ପରିବାରଙ୍କ ପାଇଁ ଦୀପାବଳି ପର୍ବ ରୋଜଗାର ସୃଷ୍ଟି କରିଥାଏ ।

ଦୀପାବଳିର ମାସକ ପୂର୍ବରୁ କୁମ୍ଭକାର ପରିବାରର ସମସ୍ତ ସଦସ୍ୟ ଲାଗି ପଡ଼ିଥାନ୍ତି ମାଟି ଦୀପ ପ୍ରସ୍ତୁତିରେ । ବୁଗୁଡା ବ୍ଲକର ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ବେତାରସିଙ୍ଗି ଗ୍ରାମରେ ରହୁଥିବା ଗୋପୀନାଥ ବେହେରା, ବୁଲୁ ବେହେରା, ଆଦିକନ୍ଦ ବେହେରା,ଗୋବିନ୍ଦ ବେହେରା, ଅଶୋକ ବେହେରା ଆଦି କୁମ୍ଭକାର ପରିବାର ଏବେ ମାଟି ଦୀପ ତିଆରିରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି । ତେବେ ମାଟିରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବାକୁ ବୃତ୍ତିଭାବେ ଆଦରି ନେଇଥିବା କୁମ୍ଭକାର ପରିବାରଙ୍କ ପାଇଁ ସରକାର କୌଣସି ପ୍ରକାର ଯୋଜନା କାର୍ଯ୍ୟକାରୀ କରିନଥିବାରୁ ଏହି ବୃତ୍ତି ଆଗାମୀ ଦିନରେ ଲୋପ ପାଇବା ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । କୌଳିକ ବୃତ୍ତିକୁ ବଞ୍ଚାଇବା ଲାଗି କୁମ୍ଭକାର ଚକ ଘୂରାଉଥିଲେ ମଧ୍ୟ ଉପାର୍ଜନ ଯଥେଷ୍ଟ ପରିମାଣରେ ହେଉନଥିବା ଯୋଗୁଁ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡୁଛି ବୋଲି ବହୁ କୁମ୍ଭକାର ପରିବାର ପ୍ରକାଶ କରିଛନ୍ତି ।

ଗଞ୍ଜାମ ବନ୍ୟା, ବାତ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କ ଲାଗି ସ୍ୱତନ୍ତ୍ର ପ୍ୟାକେଜ ଦାବି

ଛତ୍ରପୁର, (ସବ୍ୟୁ): ଲଗାତାର ବାତ୍ୟା, ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାର ଚାଷୀମାନେ ବ୍ୟାପକ ଫସଲ କ୍ଷତି ସହିବା ସହ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି । ଏହି ପରିପ୍ରେକ୍ଷୀରେ କ୍ଷତିଗ୍ରସ୍ତ ଚାଷୀଙ୍କ ପୁନର୍ବାସ ଓ ଜୀବିକା ସୁରକ୍ଷା ପାଇଁ ଗଞ୍ଜାମ ଜିଲ୍ଲା ନିମନ୍ତେ ଏକ ସ୍ୱତନ୍ତ୍ର କୃଷି ପୁନର୍ବାସ ପ୍ୟାକେଜ ଘୋଷଣା କରିବାକୁ ଋଷିକୁଲ୍ୟା ରୟତ ମହାସଭା ଓ ହାପିଦୁକାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି । ଏନେଇ ଉଭୟ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାରେ ଧାନ ଓ ଅନ୍ୟାନ୍ୟ ଶସ୍ୟ ସହ ପନିପରିବା, ଡାଲିଜାତୀୟ ଫସଲ, ତୈଳବୀଜ, ଫୁଲଚାଷ ଏବଂ ଉଦ୍ୟାନ କୃଷି ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏଥିସହ ମତ୍ସ୍ୟଚାଷ, ଜଳସେଚନ ବ୍ୟବସ୍ଥା, କୃଷି ଭିତ୍ତିଭୂମି ଓ ଚାଷ ଉପକରଣ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି ।

କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଆର୍ଥିକ ସହାୟତା, ଫସଲ କ୍ଷତିପୂରଣ, ପୁନଃଚାଷ ପାଇଁ ଅଧିକ ଇନପୁଟ ସବ୍ସିଡ଼ି, ବିହନ, ସାର ଓ ଜୈବିକ ସାର ଯୋଗାଇବାକୁ ଦାବି ହୋଇଛି । ଏଥିସହ କୃଷି ଋଣ ପରିଶୋଧ ସମୟ ବୃଦ୍ଧି, ଋଣ ପୁନର୍ଗଠନ, ସୁଧ ରିହାତିରେ ନୂତନ ଫସଲ ଋଣ ପ୍ରଦାନ ଏବଂ ଯୋଗ୍ୟ ଚାଷୀଙ୍କୁ ଫସଲ ବୀମା ସହାୟତା ଦେବାକୁ ଅନୁରୋଧ କରାଯାଇଛି ।ଚାଷ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ପ୍ରଭାବିତ ପରିବାରଙ୍କୁ ନିଯୁକ୍ତି ସୁଯୋଗ, ପଶୁପାଳନ, କୁକୁଡ଼ାଚାଷ, ମତ୍ସ୍ୟଚାଷ, କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବିକଳ୍ପ ଜୀବିକା ଯୋଗାଇବାକୁ ମଧ୍ୟ ଦାବି କରାଯାଇଛି । ଏଥିସହ ଜିଲ୍ଲାପାଳଙ୍କ ନେତୃତ୍ୱରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁସମ୍ପଦ, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓରମାସ, ନାବାର୍ଡ, ବ୍ୟାଙ୍କ, ଏଫପିଓ ଏବଂ ଚାଷୀ ସଂଗଠନକୁ ନେଇ "ଗଞ୍ଜାମ ଜିଲ୍ଲା ସ୍ୱତନ୍ତ୍ର କୃଷି ପୁନର୍ବାସ ମିଶନ' ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଛି ।

ଏହି ମିଶନ ମାଧ୍ୟମରେ ବ୍ଲକ ଓ ଗ୍ରାମୱାରୀ ଫସଲ କ୍ଷୟକ୍ଷତିର ଆକଳନ, କ୍ଷତିଗ୍ରସ୍ତ ଚାଷୀଙ୍କ ଚିହ୍ନଟ ଏବଂ ସ୍ୱଚ୍ଛତାର ସହ ନିର୍ଦ୍ଧାରିତ ସମୟରେ କ୍ଷତିପୂରଣ ବଣ୍ଟନ ସୁନିଶ୍ଚିତ କରିବାକୁ କୁହାଯାଇଛି । ବିଶେଷକରି ଭାଗଚାଷୀ, ଭାଗୀଦାର ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଯେପରି ସରକାରୀ ସହାୟତାରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି । ଏନେଇ ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଏବଂ ହାପିଦୁକାନର ନିର୍ଦ୍ଦେଶକ ଏ. ସଞ୍ଜୀବ ରେଡ୍ଡୀ ଏକ ପ୍ରେସ ବିବୃତି ଯୋଗେ ସୂଚନା ଦେଇଛନ୍ତି ।

କର୍ତ୍ତବ୍ୟର ଅବହେଳା: ୨ ନିଲମ୍ବିତ

ଜଣଙ୍କୁ କାରଣ ଦର୍ଶାଅ ନୋଟିସ

ଛତ୍ରପୁର, (ସବ୍ୟୁ): ବାତ୍ୟା "ଅର୍ଣ୍ଣବ' ପରବର୍ତ୍ତୀ ବନ୍ୟା ପରିସ୍ଥିତିର ମୁକାବିଲା ଓ ପରିଚାଳନା କାର୍ଯ୍ୟରେ ଅବହେଳା ଅଭିଯୋଗରେ ଗଞ୍ଜାମ ଜିଲ୍ଲାର ତିନିଜଣ କର୍ମଚାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇଛି । ଏଥିରେ ଜଣେ ମାର୍କେଟିଂ ଇନ୍ସପେକଫର ଓ ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଙ୍କୁ ନିଲମ୍ବନ କରାଯାଇଥିବାବେଳେ ଅନ୍ୟ ଜଣେ ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି ।ପୁରୁଷୋତ୍ତମପୁର ବ୍ଲକ ଅନ୍ତରିଗାଁ ପଞ୍ଚାୟତର ପିଇଓ ସତ୍ୟନାରାୟଣ ପଣ୍ଡାଙ୍କୁ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ପରିଚାଳନା ଦାୟିତ୍ୱରେ ଅବହେଳା ଅଭିଯୋଗରେ ନିଲମ୍ବନ କରାଯାଇଛି । ସେହିପରି ଧରାକୋଟ ବ୍ଲକର ମାର୍କେଟିଂ ଇନ୍ସପେକଫର ବାଳକୃଷ୍ଣ ନାୟକଙ୍କୁ ମଧ୍ୟ ସମାନ ଅଭିଯୋଗରେ ନିଲମ୍ବିତ କରାଯାଇଛି ।ଅନ୍ୟପକ୍ଷରେ, ଶେରଗଡ଼ ବ୍ଲକ ବ୍ରାହ୍ମଣଛାଇ ପଞ୍ଚାୟତର ପିଇଓ ଅନୁଜ ଗୌଡ଼ଙ୍କୁ ପରିଚାଳନା କାର୍ଯ୍ୟରେ ଅବହେଳା ନେଇ ପ୍ରଶାସନ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ବିପର୍ଯ୍ୟୟ ସମୟରେ ସରକାରୀ ଦାୟିତ୍ୱ ନିର୍ବାହରେ ଅବହେଳାକୁ ପ୍ରଶାସନ ଗୁରୁତ୍ୱର ସହ ନେଇଥିବା ଏହି କାର୍ଯ୍ୟାନୁଷ୍ଠାନରୁ ସ୍ପଷ୍ଟ ହୋଇଛି ।

ଅଷ୍ଟମ ବାଟାଲିୟନ ପକ୍ଷରୁ 'ରନ୍ ଫର୍ ୟୁନିଟ୍' ଓ ନିଶାମୁକ୍ତି ସଚେତନତା

ଛତ୍ରପୁର, (ସବ୍ୟୁ) : ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ତଥା ଜାତୀୟ ଏକତା ଦିବସ ଅବସରରେ ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନ ପକ୍ଷରୁ "ରନ୍ ଫର୍ ୟୁନିଟି' ଓ "ନଶାମୁକ୍ତ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

ଏହି ଅବସରରେ ବାଟାଲିୟନର ଅଧିକାରୀ ଓ ଯବାନମାନେ ସାମୂହିକ ଭାବେ ଦୌଡ଼ରେ ସାମିଲ ହୋଇ ଜାତୀୟ ଏକତା, ଭାଇଚାରା ଓ ଦେଶପ୍ରେମର ବାର୍ତ୍ତା ଦେଇଥିଲେ ।



ଏଥିସହ ନିଶା ଦ୍ରବ୍ୟର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରି ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା । କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ, ଡେପୁଟି କମାଣ୍ଡାଣ୍ଟ ଯଶୋବନ୍ତ ସେଠୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପବିତ୍ର ମୋହନ ମୁଣ୍ଡା, ଇନ୍ସପେକ୍ଟର ଏସ୍. ଯୁଧିଷ୍ଠିର ରେଡ୍ଡୀ, ଇନ୍ସପେକ୍ଟର ଏ. ତ୍ରିଲୋଚନ ବେହେରା, ଇନ୍ସପେକ୍ଟର ଏ. ସୁବ୍ରଜିତ ରଙ୍ଗରାଜନଙ୍କ ସମେତ ଅଷ୍ଟମ ବାଟାଲିୟନର ଅଧିକାରୀ, ଯବାନ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ : ବାଣ ବ୍ୟବସାୟୀଙ୍କ ସମେତ ୩ ଅଟକ

ଜଗତସିଂହପୁର, (ସବ୍ୟୁ) : ସଁଅରା ଛକ ନିକଟରେ ତିର୍ତ୍ତୋଲ ପୋଲିସର ବଡ଼ଧରଣର ଚଢ଼ଉ । ରଙ୍ଗ ଦୋକାନ ଆଢୁଆଳରେ ଚାଲିଥିଲା ବେଆଇନ ବାଣ କାରବାର । ଜବତ ହେଲା ପ୍ରାୟ ୧୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ବାଣ ଓ ବାରୁଦ । ସଁଅରା ଛକର ଏକ ଦୋକାନ ସାମନାରେ ରଙ୍ଗ ବିକ୍ରି ହେଉଥିବା ବେଳେ ପଛପଟ ଗୋଦାମରେ ଗଚ୍ଛିତ ହୋଇ ରହିଥିଲା ବିପୁଳ ପରିମାଣର ବାଣ । ପୋଲିସ ସେଠାରେ ଚଢ଼ଉ କରି ଏସବୁ ଜବତ କରିଛି । ଜବତ ବାଣର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ ଆକଳନ କରିଛି ।



ଏହି ଘଟଣାରେ ପୋଲିସ ମୁଖ୍ୟ ବ୍ୟବସାୟୀ ରମେଶ ପୃଷ୍ଟିଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ମଧ ଅଟକ ରଖି ପଚରାଉଚରା କରୁଛି । ବେଆଇନ ଭାବେ ଏଭଳି ବାଣ ଗଚ୍ଛିତ ରଖିଥିବା ଅଭିଯୋଗରେ ପୋଲିସର ତଦନ୍ତ ଜାରି ରହିଛି । ଗତ ଏକ ମାସ ତଳେ ବାଣ ବିସ୍ଫୋରଣରେ ତିର୍ତ୍ତୋଲ ଥାନା ମହିଲ ଗ୍ରାମରେ ବାପ ଓ ତାଙ୍କ ପୁଅଙ୍କ ମୃତ୍ୟୁ ପରେ ପୋଲିସ ବାଣ ବ୍ୟବସାୟ ଉପରେ ରୋକ ଲଗାଇବାକୁ ଅଣ୍ଟା ଭିଡ଼ିଛି । ତିର୍ତ୍ତୋଲ ଏସ୍ଡିପିଓ ଅଜୟ କୁମାର ଦାସଙ୍କ ନିର୍ଦ୍ଦେଶରେ ଥାନା ଅଧିକାରୀ ବଂଶୀଧର ପ୍ରଧାନ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲେ ।

ଉକ୍ତ ଟିମ ଗତ ୩ ଦିନ ପୂର୍ବରୁ ରାହମା ଅଂଚଳରେ ଚଢ଼ାଉ କରି ୨ ଟ୍ରକ ବାଣ ଜବତ କରିଥିଲେ । ବାଣର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ତିର୍ତ୍ତୋଲ ପୋଲିସ ପକ୍ଷରୁ ସୂଚନା ଦେଇଥିଲେ । ସେଠାରେ ମଧ ସମାନ ଅବସ୍ଥା ରହିଥିଲା ।

ଆଗରେ ପର୍ଣ୍ଣିତର ଦୋକାନ ରହିଥିବା ବେଳେ ପଛରେ ବାଣ ବ୍ୟବସାୟ ରହିଥିଲା । ଆଜି ପୁଣି ତିର୍ତ୍ତୋଲ ଥାନା ପକ୍ଷରୁ ଥାନା ଅଧିକାରୀ ବଂଶୀଧର ପ୍ରଧାନଙ୍କ ନେତୃତ୍ୱରେ ଟିମ ଚଢ଼ାଉ କରି ସଁଅରା ଛକ ନିକଟରେ ରହିଥିବା ବାଣ ବ୍ୟବସାୟୀ ରମେଶ ପୃଷ୍ଟିଙ୍କ ବାଣ ଗୋଦାମ ଉପରେ ଚଢ଼ାଉ କରି ବିପୁଳ ପରିମାଣରେ ବାରୁଦ ଓ ବମ ଜବତ କରିଥିଲା । ପରେ ସେହି ବାଣ ବ୍ୟବସାୟୀଙ୍କ ଅନ୍ୟ ଏକ ରଙ୍ଗ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା ।

ରଙ୍ଗ ଦୋକାନ ସଟର ଭାଙ୍ଗି ପୋଲିସ ଭିତରର ଦୃଶ୍ୟ ଦେଖି ତାଜୁବ ହୋଇଥିଲା । ଦୋକାନ ଭିତରର ସମସ୍ତ ସ୍ଥାନରେ ବାଣ ବିପୁଳ ପରିମାଣରେ ପ୍ରାୟ ୧୫ ଲକ୍ଷ ଟଙ୍କାର ବାଣ ପାଇଥିଲା । ପୋଲିସ ଉକ୍ତ ବାଣ ଜବତ କରି ଘର ସିଲ କରିଥିଲା ।

ସାଲେପୁର ବ୍ଲକ ୨୦୨୬-୨୭ ଆର୍ଥିକ ବର୍ଷ

ବିକଶିତ ଗାଁ, ବିକଶିତ ଓଡିଶା କାର୍ଯ୍ୟକାରୀ ନେଇ ଅନିଶ୍ଚିତତା

ସାଲେପୁର ,(ସବ୍ୟୁ) : ରାଜ୍ୟରେ ବିକଶିତ ଗାଁ, ବିକଶିତ ଓଡିଶା ନାମରେ ଏକ ଯୋଜନା ମଧ୍ୟମରେ ଗ୍ରାମାଞ୍ଚଳର ଭିତିଭୂମି ବିକାଶ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରୁ ଅନୁଦାନ ଅର୍ଥ ପ୍ରତ୍ୟେକ ପଂଚାୟତ ପାଇଁ ପଂଚାୟତ ସମିତି ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଥିଲା ।

ଏହି ପରିପ୍ରେକ୍ଷୀରେ ସାଲେପୁର ବ୍ଲକର ୨୦୨୬-୨୭ ଆର୍ଥିକ ବର୍ଷର ୩୩ ଟି ପଂଚାୟତର ପ୍ରାୟ ୮ କୋଟି ୮୦ ଲକ୍ଷ ଟଙ୍କାର ପ୍ରକଳ୍ପ ଜିଲ୍ଲାପାଳଙ୍କ ମଞ୍ଜୁରୀ ପାଇଁ ଯାଇଥିଲା । ପ୍ରକଳ୍ପ ପ୍ରସ୍ତାବ ଗୁଡିକ ସାଂସଦ, ବିଧାୟକ ଏବଂ ସରକାରୀ ଦଳର ନେତା ପ୍ରମୁଖ ମାନେ ବ୍ଲକ ଓ ଜିଲ୍ଲାପାଳ ଙ୍କୁ ଦେଇଥିଲେ । ସମସ୍ତ ତାଲିକାର ଜମିଜମା ମାଲିକାନା ସତ୍ତ୍ୱର ତନଖି ପାଇଁ ଜିଲ୍ଲାପାଳ ମଧ ବ୍ଲକ ପ୍ରଶାସନକୁ ଦେଇଥିଲେ ଓ ତନଖି ପରେ ଏହାର ରିପୋର୍ଟ ମଧ ଜିଲ୍ଲାପାଳ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଥିଲା । ସମସ୍ତ ସ୍ତରରୁ ଯାଇଥିବା ପ୍ରସ୍ତାବ ଗୁଡିକ ପ୍ରାୟ ପ୍ରାୟ ୧୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପାଖାପାଖି ହୋଇଥିବା ଜଣାପଡିଥିଲା । କିନ୍ତୁ ବ୍ଲକ ଅଧିନସ୍ଥ ପଂଚାୟତ ମାନଙ୍କ ଜନସଂଖ୍ୟା ତୁଳନାରେ ଏହି ଅନୁଦାନ ଅର୍ଥ ଆବଣ୍ଟନ ହେବାର ନିୟମ ରହିଛି । ହେଲେ ବର୍ତ୍ତମାନ ସାଲେପୁର ବ୍ଲକର ୮ କୋଟି ୮୦ଲକ୍ଷ ଟଙ୍କା ପ୍ରାପ୍ୟ ହୋଇଥିଲାବେଳ ସାଂସଦ, ବିଧାୟକ ଓ ଶାସକ ଦଳ ନେତାଙ୍କ ୧୬ କୋଟି ଟଙ୍କାର ପ୍ରସ୍ତାବ ଆସିଥିବାରୁ ଅନୁଦାନ ମଞ୍ଜୁରୀ ନେଇ କଟକ ଜିଲ୍ଲପାଳ କୌଣସି ନିଷ୍ପତି ନେଇପାରୁନାହାନ୍ତି । ଏପରି ପରିସ୍ଥିତିରେ ଅନୁଦାନ ମଞ୍ଜୁରୀ ଅର୍ଥ ବ୍ଲକକୁ ଆସିବା ପାଇଁ ଅଚଳବସ୍ଥା ଦେଖାଦେଇଛି । ଏଠାରେ ଉଲ୍ଲେଖଯୋଗ୍ୟଯେ ରାଜ୍ୟସରକାର ଉକ୍ତ ଯୋଜନାର ପ୍ରକଳ୍ପ ଚୟନ ଓ ମଞ୍ଜୁରୀ କେବଳ ଜିଲ୍ଲାପାଳଙ୍କୁ କ୍ଷମତା ଦେଇଛନ୍ତି ।

ହେଲେ ଆବଶ୍ୟକ ଠାରୁ ଅଧିକ ପ୍ରକଳ୍ପ ତାଲିକା ଆସିଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି ଏବଂ ଏହା ଦ୍ୱାରା ମୁଖ୍ୟ ପ୍ରକଳ୍ପ ଅଣଦେଖା ହୋଇଯିବାର ସମ୍ଭାବନା ଦେଖାଦେଇଛି । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ଆଉ ଆଉ ୪ ମାସ ସମୟ ଥିଲାବେଳେ ପ୍ରକଳ୍ପ ମଞ୍ଜୁରୀ ବିଳମ୍ବ ନେଇ ବିଭିନ୍ନ ପଂଚାୟତରେ ଅସନ୍ତୋଷ ଦେଖା ଦେଇଛି । ସାଲେପୁର ଅଂଚଳବାସୀଙ୍କ ସାମୁହିକ ସର୍ତ୍ତ୍ୱାର୍ଥ ଦୃଷ୍ଟିରୁ ଉପଯୁକ୍ତ ପ୍ରକଳ୍ପ ଗୁଡିକ ଆବଶ୍ୟକତା କୁ ପ୍ରାଥମିକତା ଦେବା ଦିଗରେ ଜିଲ୍ଲପାଳ ଦୃଷ୍ଟି ଦେବାକୁ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ଅନୁରୋଧ କରିଛନ୍ତି ।

କୂଳ ଖାଉଛି ଚିତ୍ରୋତ୍ପଳା, ଜଳସମ୍ପଦ ବିଭାଗ ଚେଇଁ ଶୋଇଛି

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ସଦର ନିର୍ବାଚନ ମଣ୍ଡଳୀ ମହମ୍ମଦପୁର ଠାରେ ଚିତ୍ରୋତ୍ପଳା ନଦୀ କୂଳ ଖାଉଥିବାର ଅଭିଯୋଗ ହୋଇଛି । ଏପରିସ୍ଥଳେ ଜଳ ସମ୍ପଦ ବିଭାଗ ଚେଇଁ ଶୋଇଥିବା ଯୋଗୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଲୋକେ ଆତଙ୍କିତ ହୋଇପଡିଛନ୍ତି । ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱରେ ମହମ୍ମଦପୁର ଗ୍ରାମପଂଚାୟତ ଅବସ୍ଥିତ । ଏହି ଗ୍ରାମର ଅନତୀ ଦୂରରେ ଚିତ୍ରୋତ୍ପଳା ନଦୀ ବହି ଯାଇଛି । ଏହି ନଦୀର ଦକ୍ଷିଣ ପାର୍ଶ୍ୱ କୂଳ ଖାଉଥିବାର ଅଭିଯୋଗ ହୋଇଛି । ଫଳରେ ନଦୀ ଗର୍ଭରେ ଦିନକୁ ଦିନ ବହୁ ଅଂଶ ଲିନ ହୋଇଯାଉଥିବାର ଲୋକେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ଏଦିଗରେ ଜଳ ସମ୍ପଦ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାର ଅଭିଯୋଗ ହୋଇଛି । ଜଳ ସମ୍ପଦ ବିଭାଗ ତରଫରୁ ଏଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାନଗଲେ ନିକଟ ଭବିଷ୍ୟତରେ ଏଠାରେ ଘାଇ ସୃଷ୍ଟି ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏଠାରେ ଘାଇ ସୃଷ୍ଟି ହେଲେ କଟକ ସଦର ନିର୍ବାଚନ ମଣ୍ଡଳୀର ମହମ୍ମଦପୁର, ମଣିଜଙ୍ଗ, ଉତରକୂଳ, ବାବୁଜଙ୍ଗ ସମେତ ସ୍ଥାନୀୟ କ୍ରୀଷ୍ଣାନନ୍ଦପୁର ଅଂଚଳ କ୍ଷତିଗ୍ରସ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଜଳ ସମ୍ପଦ ବିଭାଗ ତରଫରୁ ତୁରନ୍ତ ଏହି ସ୍ଥାନରେ ପଥର ପ୍ୟାକିଂ ବ୍ୟବସ୍ଥା କରାଯିବା ନିମନ୍ତେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ନରେନ୍ଦ୍ରକୁମାର ବାରିକ, ମହମ୍ମଦପୁର ଗ୍ରାମପଂଚାୟତର ପ୍ରାକ୍ତନ ସରପଂଚ ସରୋଜ କୁମାର ବେହେରା ଦୃଢ଼ ଦାବି କରିଛନ୍ତି ।

ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପଟ୍ଟାମୁଣ୍ଡାଇ ତହସିଲର ଅଣଦେଖା: ୧୧ ମାସ ହେଲା ଆସିଲାନି ଆରସି ରେକର୍ଡ

ପଟ୍ଟାମୁଣ୍ଡାଇ ,(ସବ୍ୟୁ) : ରାଜସ୍ୱ ମନ୍ତ୍ରୀଙ୍କ ଘୋଷଣାକୁ ୧୧ ମାସ ବିତିଗଲା ପରେ ମଧ ପଟ୍ଟାମୁଣ୍ଡାଇ ତହସିଲରେ ଆର.ସି କେସ ଗୁଡିକର ତ୍ୱରିତ ଫଇସଲା ହୋଇପାରୁ ନାହିଁ । ଫଳରେ ସାଧାରଣ ଜନତାଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆଜିକୁ ୧୧ ମାସ ତଳେ ରାଜସ୍ୱ ମନ୍ତ୍ରୀ ଘୋଷଣା କରିଥିଲେ ଯେ, ଏଣିକି ଆର.ସି କେସ ଗୁଡିକ ଚକବନ୍ଦୀ କମିଶନର କୋର୍ଟରେ ଫୈସଲା ନ ହୋଇ ପ୍ରତ୍ୟେକ ତହସିଲରେ ତ୍ୱରିତ ଫଇସଲା ହେବ । ଏହି ଘୋଷଣା ପରେ ରାଜ୍ୟର ଅନେକ ତହସିଲ ନିଜ ନିଜ ଅଞ୍ଚଳର ଆର.ସି କେସର ରେକର୍ଡ ଚକବନ୍ଦୀ କମିଶନର କୋର୍ଟରୁ ଆଣି ଫଇସଲା ଆରମ୍ଭ କରି ଦେଇଛନ୍ତି । କିନ୍ତୁ ଦୁଃଖର ବିଷୟ, ପଟ୍ଟାମୁଣ୍ଡାଇ ତହସିଲ ଆଜି ପର୍ଯ୍ୟନ୍ତ କେନ୍ଦ୍ରାପଡା ଚକବନ୍ଦୀ କମିଶନର କୋର୍ଟରୁ ଆର.ସି କେସ ର ରେକର୍ଡ ଗୁଡିକ ଆଣୁନାହିଁ । ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସାଧାରଣ ସରକାରଙ୍କ ଘୋଷଣା ମୁତାବକ ତ୍ୱରିତ ନ୍ୟାୟ ପାଇବାର ସୁଯୋଗରୁ ବଞ୍ଚିତ ହେଉଛନ୍ତି ।

ଅଭିଯୋଗ ଅନୁଯାୟୀ, ଗରିବ ଚାଷୀ ଓ ଜମି ମାଲିକମାନେ ପ୍ରତିଦିନ ତହସିଲକୁ ଦୌଡି ଦୌଡି ଚପଲ ଘୋରି ହୋଇଗଲାଣି । କେବଳ ପଟ୍ଟାମୁଣ୍ଡାଇ ତହସିଲର ଅବହେଳା ଓ ବୈମାତୃକ ମନୋଭାବ ଯୋଗୁଁ ଶହ ଶହ ପରିବାରର ଜମି ବିବାଦ ଅମୀମାଂସିତ ହୋଇ ପଡି ରହିଛି । ଏହି ପ୍ରସଙ୍ଗରେ ପଟ୍ଟାମୁଣ୍ଡାଇର ବୁଦ୍ଧିଜୀବୀ ଓ ଜନସାଧାରଣ ତହସିଲଦାରଙ୍କ ତୁରନ୍ତ ଦୃଷ୍ଟି ଆକର୍ଷଣ କରିବା ସହ ଚକବନ୍ଦୀ କୋର୍ଟରୁ ରେକର୍ଡ ଆଣି ତୁରନ୍ତ ଫଇସଲା କରିବାକୁ ଦାବି କରିଛନ୍ତି ।

ଭିଡରେ ଫସିରହିଲା ଆମ୍ବୁଲାନ୍ସ, ରୋଗୀ ଛଟପଟ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ରୋଗୀ ନେଇ କଟକ ଯାଉଥିବା ଏକ ଆମ୍ବୁଲାନ୍ସ ଗାଡି ଗୋପହାଟଠାରେ ରବିବାର ଦିନ ଟ୍ରକ୍ ପଛରେ ଫସିଯିବାରୁ ପ୍ରାୟ ୧ ଘଣ୍ଟା କାଳ ଛିଡା ହୋଇ ରହି ସାଇରନ୍ ବଜାଇଥିଲା । କିନ୍ତୁ ହାଟରେ ଏତେ ଭିଡ ଥିଲା ଯେ ଆମ୍ବୁଲାନ୍ସ ବାହାରିବାକୁ ଏକ ଘଣ୍ଟା କାଳ ଲାଗିଥିଲା ।



ଆମ୍ବୁଲାନ୍ସ ଭିତରେ ଥିବା ରୋଗୀଟି ଯନ୍ତ୍ରଣାରେ ଛଟପଟ ହେଉଥିଲେ । ହାଟକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଅଧିକାଂଶ ସମୟ ଗାଡି ଜାମ୍ ହୋଇ ରହୁଛି । ଫଳରେ ଜରୁରୀ କାଳୀନ ଗାଡି ଗୁଡିକ ସେବା ଯୋଗାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରତ୍ୟେକ ଗୁରୁବାର ଓ ରବିବାର ପୋଲିସ୍ ଓ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ଉପସ୍ଥିତ ରହି ହାଟକୁ ନିୟନ୍ତ୍ରଣ କରିବା ସହିତ ବ୍ୟବସାୟୀମାନଙ୍କୁ ସେଠାରୁ ସ୍ଥାନାନ୍ତର କରି ଗାଡି ଯିବା ଆସିବା ପାଇଁ ରାସ୍ତାକୁ ଭିଡରୁ ମୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

ହାଇୱା ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର୍ ଜାତୀୟ ରାଜପଥ ମାଣ୍ଡିଆ ଛକରେ ଆଜି ଏକ ହାଇୱା ଧକ୍କାରେ ଜଣେ ବାଇକ ଚାଳକ ଯୁବକଙ୍କ ମୃତ୍ୟୁ ଘଟିଛି ।

ମୃତକ ଜଣକ ଓସରା ଗ୍ରାମର ପ୍ରଫୁଲ୍ଲ ଗୁରୁଙ୍କ ପୁଅ ମୁନୁ ଗୁରୁ (୨୩) ବୋଲି ଜଣାପଡିଛି । ମୁନୁ ଆଜି ସନ୍ଧ୍ୟାରେ କୌଣସି କାମରେ ଆରୁହା ଯାଉଥିବା ବେଳେ ପଛରୁ ଆସୁଥିବା ଏକ ହାଇୱା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ଧର୍ମଶାଳା ପୁଲିସ ଘଟଣା ସ୍ଥଳରେ ପହଂଚି ମୃତଦେହକୁ ଜବତ କରି ବ୍ୟବଛେଦ ଲାଗି ପଠାଇବା ସହ ଦୁର୍ଘଟଣା ଘଟାଇଥିବା ହାଇୱାଗାଡିକୁ ଜବତ କରି ତଦନ୍ତ ଚଳାଇଛି ।

କବି ନବୀନଙ୍କ ଦୁଇଟି ପୁସ୍ତକର ଲୋକାର୍ପଣ

କୁଜଙ୍ଗ ,(ସବ୍ୟୁ): କବି କଥାକାର ନବୀନ କୁମାର ପ୍ରଧାନ ଙ୍କ ର ' କିଛି ଗପ କିଛି ଗୀତ ', ' ସଂକ୍ଷିପ୍ତ ରାମାୟଣ ' ଦୁଇଟି ପୁସ୍ତକ ଲୋକାର୍ପଣ ହୋଇଛି । କୁଜଙ୍ଗ ବ୍ଲକ ର ଫତେପୁର ମା ନିମ ସୁନ୍ଦରୀ ଙ୍କ ପୀଠ ରେ ଆୟୋଜିତ ପ୍ରିୟବନ୍ଧୁ ସାହିତ୍ୟ ଏକାଡେମୀ ଆନୁକୁଲ୍ୟ ରେ ଅନୁଷ୍ଠାନ ର ସଭାପତି ଡ଼ ରଘୁନାଥ ସାହୁ ଙ୍କ ଅଧକ୍ଷତା ରେ ମୁଖ୍ୟ ଅତିଥି ଭାବେ ଡ଼ ବିଷ୍ଣୁପ୍ରିୟା ଦାସ ଯୋଗଦେଇ କବିତା ମାଧମ ରେ ସମାଜର ଓ ଭଗବତ ଚିନ୍ତାଧାରା କୁ କବି ସାହିତ୍ୟିକ ମାନେ ନିଜର ରଚନା ରେ ପ୍ରତିଫଳିତ କରିଥାନ୍ତି ବୋଲି କହିଥିଲେ । ନବୀନ ଙ୍କ ରଚନା କୁ ସେ ଭିନ୍ନ ଦୃଷ୍ଟିରେ ଦେଖନ୍ତି ବୋଲି ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଉମାକାନ୍ତ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଜୀବନାନନ୍ଦ ଅଧିକାରୀ, ସାମ୍ବାଦିକ ବିଭୂତି ଦାସ, ଦୁଷ୍ମନ୍ତ ମାଝୀ, ପଣ୍ଡିତ ବାସବ ନନ୍ଦ, ବାବୁରାମ ଚୌଧୁରୀ ଓ ଜ୍ୟୋସ୍ନାରାଣୀ ବଳିୟାରସିଂହ ପ୍ରମୁଖ ସାହିତ୍ୟ ରଚନାବଳୀ ରେ ନବୀନ ପ୍ରଧାନ କିପରି ଓଡ଼ିଆ ସାହିତ୍ୟ କୁ ସମୃଦ୍ଧ କରିଛନ୍ତି ବର୍ଣ୍ଣନା କରିଥିଲେ । ଅଧ୍ୟାପିକା ଡ ରୋଜାଲିନ ଜେନା ଅତିଥି ପରିଚୟ ଓ ସଓ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଆୟୋଜିତ କବିତା ପାଠୋତ୍ସବ ରେ ଡ ଗଙ୍ଗାଧର ସାମନ୍ତରାୟ, ନଗେନ୍ଦ୍ରନାଥ ସ୍ୱାଇଁ, କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ତୁଳସୀ ବରାଳ, ପ୍ରତିଭା ମିଶ୍ର କବିତା ସଂଯୋଜନା କରିଥିଲେ । ପୁସ୍ତକ ର ରଚୟିତା ନବୀନ ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିଲେ ।

ରାଜକନିକା କପ୍ : କିଶୋର କ୍ଲବ ସେମିରେ

ରାଜକନିକା ,(ସବ୍ୟୁ):ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୁଲ୍ୟରେ ଆର. ଏନ ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ୪୫ତମ ରାଜ୍ୟସ୍ତରୀୟ ରାଜକନିକା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦ୍ଘାଟନୀ ମ୍ୟାଚ କିଶୋର କ୍ଲବ ଭୁବନେଶ୍ୱର ବନାମ ୟୁନାଇଟେଡ଼ କ୍ଲବ ଭଦ୍ରକ ମଧ୍ୟରେ ହୋଇଥିଲା । କିଶୋର କ୍ଲବ ଭୁବନେଶ୍ୱର ୟୁନାଇଟେଡ଼ କ୍ଲବ ଭଦ୍ରକ କୁ ୩ - ୨ ଟାଇବ୍ରେକର ଗୋଲ ରେ ହରାଇ ପ୍ରଥମ ଦଳ ଭାବେ ସେମି ଫାଇନାଲ ରେ ପ୍ରବେଶ କରିଛି । ଅନୁଷ୍ଠାନ ର ଉପଦେଷ୍ଟା ସ୍ୱର୍ଗତ ପ୍ରଦ୍ୟୋତ କୁମାର ଦେଓଙ୍କୁ ସମର୍ପିତ କରାଯାଇଥିବା ଏହି ଖେଳରେ ମୁଖ୍ୟଅତିଥି ଭାବେ ମହାକାଳପଡା ବିଧାୟକ ଡ଼. ଦୁର୍ଗା ପ୍ରସାଦ ନାୟକ ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଉପସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ବଂଶୀଧର ରାଉତ, ବରିଷ୍ଠ ଅସ୍ଥି ଶଲ୍ୟ ବିଶେଷଜ୍ଞ ଡାକ୍ତର ଜିତେନ୍ଦ୍ର ରାଉତ, ଶିଳ୍ପପତି ଇଂ ପ୍ରମୋଦ ସିଂ, ଅବସରପ୍ରାପ୍ତ ରାଜ୍ୟ ମସ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ପ୍ରତାପ ରଞ୍ଜନ ରାଉତ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରବୀର କୁମାର ଦେଓ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ୨ ତାରିଖ ଓଡିଶା ଏଫ. ସି. ବାରିପଦା, ମଙ୍ଗଳା କ୍ଲବ କଟକ କୁ ଭେଟିବ ବୋଲି ଅନୁଷ୍ଠାନ ର ସମ୍ପାଦକ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି ।

ନିଖୋଜ ଗୁଡୁର କଙ୍କାଳ ଉଦ୍ଧାର

ରାସ୍ତା ଉପରେ କଙ୍କାଳ ରଖି ପ୍ରତିବାଦ

ବିଞ୍ଝାରପୁର, (ସବ୍ୟୁ) : ଜନୈକ ଯୁବକ ନିଖୋଜ ହେବାର ପନ୍ଦର ଦିନ ପରେ ତାର ଗଳିତ କଙ୍କାଳ ଉଦ୍ଧାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।

ପରିବାର ତରଫରୁ ହତ୍ୟା ଅଭିଯୋଗ ସହିତ ଲୋକେ ଉଦ୍ଧାର କଙ୍କାଳକୁ ରାସ୍ତା ଉପରେ ରଖି ପ୍ରତିବାଦ ଜାରୀ ରଖିଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ବିଞ୍ଝାରପୁର ବ୍ଲକ ତଥା ଅଳକୁଣ୍ଡ ଥାନା ଅନ୍ତର୍ଗତ ଆଉଁରୀ ପଞ୍ଚାୟତର ମାଟିଆକଣ ଗ୍ରାମରେ ଏଭଳି ଏକ ମର୍ମନ୍ତୁଦ ଘଟଣା ଘଟିଥିବା ବେଳେ ମୃତକଙ୍କ ପିତା ଅଳକୁଣ୍ଡ ଥାନାରେ କଙ୍କାଳ ଉଦ୍ଧାର ପରେ ଏହି ମର୍ମରେ ଏକ ଅଭିଯୋଗ କରିଥିବା ଜଣା ଯାଇଛି । ସୂଚନା ଯୋଗ୍ୟ ଯେ ମାଟିଆକଣ ଗ୍ରାମର ଶ୍ରୀଧର ମଳିକଙ୍କ ପୁଅ ରାକେଶ ମଳିକ ଓରଫ ଗୁଡୁ (୨୨) କେଉଁଆଡେ ନିଖୋଜ ହୋଇ ଯାଇଛି ଓ ତାକୁ ଉଦ୍ଧାର କରାଯାଉ ବୋଲି ତାର ମାଆ ତିଳୋତ୍ତମା ମଳିକ ଜୁଲାଇ ୩୧ ତାରିଖ ଦିନ ଅଳକୁଣ୍ଡ ଥାନାରେ ଏକ ମିସିଂ ରିପୋର୍ଟ ଦାଏର କରିଥିଲେ ।

ଅଳକୁଣ୍ଡ ପୁଲିସର ଦାୟିତ୍ୱହୀନତା ଓ ଅରାରଗତା ଯୋଗୁ ଆମର ଏକମାତ୍ର ପୁଅ ମଲାମୁହଁକୁ ଗୁଲାବୋଲି ବୋଲି କନ୍ଦି କାନ୍ଦି କହିଛନ୍ତି ମୃତକଙ୍କ ବାପ ,ମାଆ ।

ତେବେ ଘଟଣା ପଛରେ ଜମିବାଡି ବିବାଦକୁ ମୃତକଙ୍କ ପରିବାର ପକ୍ଷରୁ କାରଣ ଦର୍ଶା ଯାଉଥିବା ବେଳେ ପୁଲିସ ଘଟଣା ପଛରେ ପ୍ରେମଜନୀତ ରହସ୍ୟ ଥାଇପାରେ ବୋଲି ସନ୍ଦେହ କରୁଛି । ଘଟଣା ସମ୍ପର୍କରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝି କହିଛନ୍ତି ଯେ ପୁଲିସ ସମସ୍ତ ପ୍ରକ୍ରିୟାକୁ ଅନୁସରଣ କରିବ ଓ ଅପରାଧୀ ନିଶ୍ଚିତ ଧରାପଡିବ । ତେବେ ରାକେଶ ର ହତ୍ୟା ଘଟଣାରେ ୧୩ଜଣଙ୍କ ନାମରେ ଅଭିଯୋଗ କରାଯାଇଛି ।

୩୮କୋଟିର ନଦୀବନ୍ଧ ରାସ୍ତା

ଅବଧି ଶେଷ ପରେ ବି ଅସମ୍ପୂର୍ଣ୍ଣ

ଯାଜପୁରସଦର, (ସବ୍ୟୁ): ୩୮କୋଟିର ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାକାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି । ନିର୍ମାଣ ଅବଧି ଶେଷ ହେବାକୁ ୨ମାସ ବିତିଗଲାଣି । ଏପରିକି ଉକ୍ତ ରାସ୍ତାର ୧୦ କିମି ଅଞ୍ଚଳରେ ଏପରି କାମଆରମ୍ଭ ହୋଇନାହିଁ । ପୁରୁଣା ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହେବାସହ ନଦୀବନ୍ଧରୁ ମାଟି ଧୋଇଯାଇଛି । ଫଳରେ ଏହିରାସ୍ତା ଦେଇ ଯାତାୟତ କରୁଥିବା ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ପ୍ରଥମଶକ୍ତି, ସଦମାଠାରୁ ବରୀ-ଅରୁଆଲ ପର୍ଯ୍ୟନ୍ତ ୧୯.୮୬କୋଟିର ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ପାଇଁ ୨୦୨୩-୨୪ ମସିହାରେ କାର୍ଯ୍ୟଆରମ୍ଭ ହୋଇଥିଲା ।

ଦୁଇବର୍ଷର ନିର୍ମାଣଅବଧି ଥିବେଳେ ଏଯାଏଁ ୩୮କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ ହୋଇଛି । ଶିବପ୍ରସାଦ କନଷ୍ଟ୍ରକସନକୁ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା । ତେବେ ଅବଧି ଶେଷ ହୋଇଥିଲେ ମଧୁରୁଦ୍ରପୁରଠାରୁ ୧୦ କିମି ପର୍ଯ୍ୟନ୍ତ ରାସ୍ତାରନିର୍ମାଣକାର୍ଯ୍ୟ ଏଯାଏଁ ଆରମ୍ଭ ହୋଇନାହିଁ । ଏହି ରାସ୍ତା ଉପରେରୁଦ୍ରପୁର, ଝାଲପଡ଼ା, କିମିରିଆପାଳ, ଏଞ୍ଚାଙ୍ଗ, ଗୋଲକୁଣ୍ଡ, ବାଲିଆପାଳ, ବସନ୍ତୁଳ ଓ ସ୍ୱର୍ଣ୍ଣଶ୍ରୀ ଆଦିପଞ୍ଚାୟତର ଲୋକମାନେ ନିର୍ଭର କରନ୍ତି । କିମିରିଆପାଳ ପଞ୍ଚାୟତ କାର୍ଯ୍ୟାଳୟ, ନଙ୍କଳାବତୀ ବିଦ୍ୟାଳୟ ସମେତବରୀ, ସୃଜନପୁର ଓ ସାହାସପୁର ଅଞ୍ଚଳକୁ ଯାତାୟତ ପାଇଁ ଏହା ପ୍ରମୁଖ ରାସ୍ତା ।

ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକ ସମସ୍ୟା ଭୋଗୁଛନ୍ତି । ତୁରନ୍ତ ଏହି ରାସ୍ତାରନିର୍ମାଣ ଆରମ୍ଭ କରିବାକୁ ଦାବି ହୋଇଛି । ଅନ୍ୟପକ୍ଷରେ ରାସ୍ତାର ମରାମତି ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେଲେ ସ୍ଥାନୀୟ ଲୋକ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ।

୧୨ଟି ସ୍ଥାନରେ ମା'ଙ୍କୁ ପୂଜାର୍ଚ୍ଚନା

ମହାକାଳପଡ଼ା, (ସବ୍ୟୁ) : ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ମହାକାଳପଡ଼ା ରେ ଗଣପର୍ବ ଭାବେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଧନର ଅଧିଷ୍ଠାତ୍ରୀ ଦେବୀ ମା' ଲକ୍ଷ୍ମୀଙ୍କୁ ପୂଜା କରିବା ପାଇଁ ଅଞ୍ଚଳରେ ଉତ୍ସାହ ଦେଖିବାକୁ ମିଳିଛି । ଚଳିତ ବର୍ଷ ମହାକାଳପଡ଼ା ସମେତ ଆଖପାଖ ଅଞ୍ଚଳରେ ମୋଟ ୧୨ଟି ସ୍ଥାନରେ ମା'ଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି । ପ୍ରତ୍ୟେକ ମଣ୍ଡପ ରେ ଆକର୍ଷଣୀୟ ତୋରଣ, ରଙ୍ଗ ବେରଙ୍ଗର ସୁସଜ୍ଜିତ ଆଲୋକମାଳା ଦର୍ଶକଙ୍କ ମନ ହରଣ କରୁଛି । ମହାକାଳପଡ଼ା ମୁଖ୍ୟ ବଜାର, ତହସିଲ ଛକ, ବ୍ଲକ ଛକ, ବସ ଷ୍ଟାଣ୍ଡ ଛକ, ପିଏଚସି ଛକ ଓ ରାମନଗର ଆଦି ସ୍ଥାନରେ ବଡ ବଡ ମଣ୍ଡପ କରାଯାଇଛି । ଦିନ ବେଳା ଅପେକ୍ଷା ସନ୍ଧ୍ୟା ସମୟରେ ମା'ଙ୍କ ଦର୍ଶନ ପାଇଁ ମଣ୍ଡପ ନିକଟରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି । ମହିଳାମାନେ ବ୍ରତ ରଖି ମା'ଙ୍କ ନିକଟରେ ଧନ ଧାନ୍ୟ ଓ ସୁଖ ସମୃଦ୍ଧି କାମନା କରୁଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଦଳୀୟ କର୍ମୀଙ୍କ ଗହଣରେ ମଣ୍ଡପ କୁ ମଣ୍ଡପ ବୁଲି ଧନ ଦାତ୍ରୀ ଙ୍କୁ ଦର୍ଶନ କରିଥିଲେ । ସେହିପରି ରବିବାର ସଂଧାରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମଧ ମହାକାଳପଡ଼ାର ପୂଜା ମଣ୍ଡପ ଗୁଡିକୁ ଗସ୍ତ କରି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଏହି ପୂଜାକୁ ଶାନ୍ତି ଶୃଙ୍ଖଳା ସହକାରେ ପାଳନ ପାଇଁ ମହାକାଳପଡ଼ା ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ମଣ୍ଡପରେ ପୂଜା କମିଟି ତରଫରୁ ସ୍ୱେଚ୍ଛାସେବୀ ନିୟୋଜିତ ରହି ଶାନ୍ତି ଶୃଙ୍ଖଳାରେ ସହଯୋଗୀ ସାଜୁଛନ୍ତି । ଆଉ ଦିନକ ପୂଜା ପରେ ସାମୁହିକ ଭାବେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ ମାନେ ସୂଚନା ଦେଇଛନ୍ତି । ଭସାଣି ପୂର୍ବରୁ ପୋଲିସ ପ୍ରଶାସନ ତରଫରୁ ସମସ୍ତ କମିଟି ର ମୁଖିଆମାନଙ୍କୁ ନେଇ ଶାନ୍ତି କମିଟି ସହିତ ଆଲୋଚନା ପରେ ଶାନ୍ତି ଶୃଙ୍ଖଳା ସହକାରେ ଭସାଣି ଯାତ୍ରା ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

ଜିଲ୍ଲାସ୍ତରୀୟ ଭଲିବଲ ପ୍ରତିଯୋଗିତା


ବରୀ, (ସବ୍ୟୁ): ବରୀ ବ୍ଲକ ଅନ୍ତର୍ଗତ ରାମ ପୁର୍ ପଞ୍ଚାୟତ ହାଇସ୍କୁଲ ପରିସରରେ ଜିଲ୍ଲା ସ୍ତରୀୟ ଭଲି ବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ରେ ୧୦ ଗୋଟି ବ୍ଲକରୁ ୧୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୧୨୦ ଜଣ ଛାତ୍ର ଛାତ୍ରୀ ଙ୍କ ମଧ୍ୟରୁ ୧୨ ଜଣଙ୍କୁ ବଛା ଯାଇଥିବା ବେଳେ ସେହି ୧୨ ଜଣ ଗଜପତି ଜିଲ୍ଲାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଆଜି ର ଏହି କାର୍ଯ୍ୟକ୍ରମ ରେ ପ୍ରଧାନ ଶିକ୍ଷକ ନିର୍ମଳ କୁମାର୍ ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲିକ ଓ ମୁଖ୍ୟବକ୍ତା ଭାବେ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀଣି ସବିତା ନାୟକ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଭଲ ପ୍ରଦର୍ଶନ କରିବା ପାଇଁ ପରାମର୍ଶ ଦେଇଥିଲେ ।

ସେହିପରି ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପତି, ସୁବାସିନୀ ଦ୍ୱିବେଦୀ, ଇନ୍ଦ୍ରମଣି ନାୟକ, ଶିବଶଙ୍କର ଜେନା, ନୋଡାଲ ସେକ୍ରେଟାରୀ ଅକ୍ଷୟ ମଲିକ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମାନେ ଯୋଗ ଦେଇ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ ।

ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ବିରିଡ଼ି, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ ଅଢଙ୍ଗଗଡ଼ ନାଇଲୋ ସ୍ଥିତ ପଞ୍ଚସଖା ମହାପୁରୁଷ ଯଶୋବନ୍ତ ଗୋସ୍ୱାମୀଙ୍କ ଆସନ୍ତା ଡ଼ିସେମ୍ବର ୧୫ତାରିଖରେ ରାଜ୍ୟସ୍ତରୀୟ ମହାପ୍ରୟାଣ ଦିବସ (ଓଢଣଷଷ୍ଠୀ) ପାଳନ କରାଯିବ ।

ଏହି ଅବସରରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ସଂସଦ ତରଫରୁ ଶନିବାର ଜିଲ୍ଲାର ବିଭିନ୍ନ ବ୍ଲକରୁ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ସ୍ଥାନୀୟ ଯଶୋବନ୍ତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଉଭୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଇଁ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତାରେ 'ମହାପୁରୁଷ ଯଶୋବନ୍ତଙ୍କ କାଳଜୟୀ ରଚନା ଗୋବିନ୍ଦଚନ୍ଦ୍ରରେ ଜୀବନଦର୍ଶନ', ଯଶୋବନ୍ତଙ୍କ ସାହିତ୍ୟରେ ଆଗମ ଭାବ ଓ ଆଧାତ୍ମିକ ଚିନ୍ତନ, ସୁସ୍ଥ ସମାଜ ଗଠନରେ ପଞ୍ଚସଖାଙ୍କ ଭୂମିକା, ପଞ୍ଚସଖା ମଧ୍ୟେ ଶ୍ରୀ ଯଶୋବନ୍ତ, ଓଢଣଷଷ୍ଠୀରେ ଚୁଳମାଳ ବିମଣ୍ଡିତ ଯଶୋବନ୍ତ ଗାଦୀ ଓ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ୧୪୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।



କୃତୀ ପ୍ରତିଯୋଗୀ ଓ ରାଜ୍ୟର ବିଭିନ୍ନ ପ୍ରତିଭା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ମହାପୁରୁଷଙ୍କ ରାଜ୍ୟସ୍ତରୀୟ ବାର୍ଷିକ ମହାପ୍ରୟାଣ ଉତ୍ସବରେ ଆୟୋଜିତ ସାରସ୍ୱତ ସଭା ଓ ସାଧୁସନ୍ଥ ସମ୍ମିଳନୀରେ ପୁରସ୍କୃତ କରାଯିବ । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଏସଭିଏମ କଲେଜର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଡ. ରବିରଞ୍ଜନ ସାହୁ, ଅଧ୍ୟାପକ ଅଭିରାମ ଶତପଥୀ,ପ୍ରାକ୍ତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ରଞ୍ଜନ ଦାଶ,ବାଇଶିମୌଜା ଡିଗ୍ରୀ କଲେଜ ପ୍ରାକ୍ତନ ଅଧକ୍ଷ ଶିଶିର କୁମାର ଦାସ, ଅଧ୍ୟାପିକା ଡ.ଭାରତୀ ବେହେରା, ଡ. ସଙ୍ଗୀତା ପଣ୍ଡା, କବି ପୀତାମ୍ବର ମହାପାତ୍ର, ଅରୁଣ କୁମାର ଦାସ, ଡ. ପ୍ରଦୀପ୍ତ ସାମଲ, କବୟିତ୍ରୀ ପ୍ରିୟତମା ସାହୁ, ରଘୁନାଥ ସାସ୍ମଲ, ଅଧ୍ୟାପକ ରଶ୍ମିରଞ୍ଜନ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ ।

ସଂସଦର ମୁଖ୍ୟ ଉପଦେଷ୍ଟା ଲିଙ୍ଗରାଜ ମଲ୍ଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂସଦର ସଭାପତି ଦେବୀପ୍ରସାଦ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ପଦ୍ମଲାଭ ଭୋଇ, ଅକ୍ଷୟ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ଉପସଭାପତି ସୀତାଂଶୁ ଶେଖର ରାୟ,ସମ୍ପାଦକ ସୁବ୍ରତ ପ୍ରସାଦ ମହାପାତ୍ର,ଉପଦେଷ୍ଟା ଶ୍ୟାମସୁନ୍ଦର ପାଇକରାୟ, ଡ.ସୁରେଶ ଚନ୍ଦ୍ର ଜେନା, ସଙ୍ଗଠନ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ମିଶ୍ର, ନିକୁଞ୍ଜ ବିହାରୀ ଭଞ୍ଜ,ଧନେଶର ବେହେରା, ସୁବାସ ଚନ୍ଦ୍ର ଜେନାମଣି, ଇଓ ମଧୁସୁଦନ ତ୍ରିପାଠୀ,ଅମଳେନ୍ଦୁ ମହାପାତ୍ର, ସୁଧାଂଶୁ ସାହୁ, ଡ.ଶକ୍ତିପ୍ରସାଦ ମିଶ୍ର, ଦେବାଶିଷ ମହାନ୍ତି, ଗୋବିନ୍ଦ ମହାପାତ୍ର, ମହନ୍ତ ପ୍ରଶାନ୍ତ ବଲ୍ଲଭ ଦାସ, ଝରେନ୍ଦ୍ର ବେହେରା,ଅଭୟ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ ।

ଶିଶିର ଶେଖର ସାହୁ, ପ୍ରଭୁପାଦ ଦାସ, ଦେବନାରାୟଣ ମହାନ୍ତି, ଶିଶିର ବେହେରା, ସ୍ୱପ୍ନକୁମାର ଦାସ, ଶୁଭ୍ରଜିତ ପାତ୍ର, ଅଭିଜିତ ଦାସ, ବିଶ୍ୱଜିତ ଦାସ, ସମ୍ପଦ ସାସ୍ମଲ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।

ବେଆଇନ ବାଲି ଚାଲାଣ: ୨ ହାଇୱା, ଗୋଟିଏ ଟ୍ରାକ୍ଟର ଜବତ

କଣାସ,(ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକରେ ବେଆଇନ ଖଣିଜ ସମ୍ପଦ ଲୁଟ ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ରବିବାରଦିନ ପୁରୀ ଖଣି ବିଭାଗ ଅତିରିକ୍ତ ଅଧିକାରୀ ରୋଶନ ପ୍ରଧାନ ଏବଂ ପୋଲିସ ଟିମ ମିଳିତ ଭାବେ ଏକ ଚଢ଼ାଉ କରି ଦୁଇଟି ହାଇବା ଟ୍ରକ ଏବଂ ଗୋଟିଏ ଟ୍ରାକଫର ଜବତ କରିଛନ୍ତି । ଗତ ଦୁଇ ଦିନ ପୂର୍ବେ କଣାସ ତହସିଲଦାର ହିମାଂଶୁ ଶେଖର ଗିରି ମଧ୍ୟ ବେଆଇନ ମାଟି ଓ ବାଲି ଉତ୍ତୋଳନ କରୁଥିବା ଦୁଇଟି ଟ୍ରାକଫର ଏବଂ ଗୋଟିଏ ଜେସିବି ମେସିନ ଜବତ କରିଥିଲେ । ଏହି କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଖଣି ବିଭାଗ ଅତିରିକ୍ତ ଅଧିକାରୀ ରୋଶନ ପ୍ରଧାନ ସ୍ପଷ୍ଟ କରିଛନ୍ତି ଯେ, ଜବତ ହୋଇଥିବା ଗାଡ଼ିଗୁଡ଼ିକର ମାଲିକମାନେ ଯଦି ସଠିକ କାଗଜପତ୍ର ଦେଖାନ୍ତି, ତେବେ ଗାଡ଼ିଗୁଡ଼ିକୁ ଛଡ଼ାଯିବ । ଅନ୍ୟଥା, ନିୟମ ଅନୁଯାୟୀ କଠୋର ଜରିମାନା ଆଦାୟ କରାଯିବ ।କଣାସ ଅଞ୍ଚଳର ବିଭିନ୍ନ ନଦୀ, ନଦୀପଠା ଏବଂ ସରକାରୀ ଜମିରୁ ଦିନରାତି ବେଆଇନ ଭାବେ ମାଟି ଓ ବାଲି ଖୋଳାଯାଇ ଚାଲାଣ କରାଯାଉଛି । କିଛି ଅଞ୍ଚଳରେ ବିଭାଗୀୟ ଅଧିକାରୀଙ୍କ ନଜର ପଡ଼ିଲେ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ଦିନ ଦିପହରେ ଖୁଲମେRାଲା ଖଣିଜ ସମ୍ପଦ ଲୁଟ ଚାଲିଛି । ଫଳରେ ସରକାରଙ୍କୁ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡୁଛି ।ବେଆଇନ ଖଣି ଚାଲାଣ ଯୋଗୁଁ ପ୍ରାକୃତିକ ପରିବେଶ ମଧ୍ୟ ନଷ୍ଟ ହେଉଛି । ତେଣୁ ଏହି ବେଆଇନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ତହସିଲ ଏବଂ ଖଣି ବିଭାଗ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବାକୁ ସାଧାରଣରେ ଜୋରଦାର ଦାବି ହେଉଛି ।

ବଦଳିଲେ ଲାଞ୍ଚୁଆ ଏଆରଆଇ

ଭାପୁର ,(ସବ୍ୟୁ):ନୂଆ ବିଦ୍ୟୁତ ନେବା ପାଇଁ ନୋ ଅବଜେକ୍ସନ ସାର୍ଟିଫିକେଟ ପାଇବା ନିମନ୍ତେ ଜଣେ ଉପଭୋକ୍ତା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନ ହେବାରୁ ସମ୍ପୃକ୍ତ ଅତିରିକ୍ତ ରାଜସ୍ୱ ନିରୀକ୍ଷକ (ଏଆରଆଇ) ନିରଞ୍ଜନ ନାୟକ ଲାଞ୍ଚ ନେବା ପରେ ତହସିଲଦାରଙ୍କ ଦ୍ୱାରା ଭର୍ତ୍ସନା ଶୁଣି ବଦଳି ହୋଇଥିବା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।ବାଘୁଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ପଥରପୁଞ୍ଜି ଗ୍ରାମର ଗୋଲକ କୁମାର ବରାଡ଼ ଘରକୁ ନୂତନ ବିଦ୍ୟୁତ ନେବା ପାଇଁ ପାରିପାର୍ଶିକ ନୋ ଅବଜେକ୍ସନ ସାର୍ଟିଫିକେଟ ଦରକାର ପଡିଥିଲା । ସେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ରେ ସାର୍ଟିଫିକେଟ ପାଇବା ପାଇଁ ଆବେଦନ କରିଥିଲେ କିନ୍ତୁ,ଅତିରିକ୍ତ ରାଜସ୍ୱ ନିରୀକ୍ଷକ ସାର୍ଟିଫିକେଟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ଶୁକ୍ରବାର ଦିନ ୫୦୦ ଟଙ୍କା ଦେଲେ ପ୍ରମାଣ ପତ୍ର ପାଇବ ବୋଲି କହିଥିଲେ । ହଁ ନାହିଁ ରେ ଗୋଲକ ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ୨୦୦ ଟଙ୍କା ଲାଞ୍ଚ ଦେଇ ସ୍ଥାନୀୟ ସମିତି ସଭ୍ୟ ଙ୍କ ପ୍ରତିନିଧି ସନାତନ ପ୍ରଧାନ ଙ୍କୁ ଜଣେଇବା ପରେ ତହସିଲଦାର ଲୋପାମୁଦ୍ରା ରଥଙ୍କ କାନ କୁ କଥା ଯାଇଥିଲା ।ତହସିଲଦାର ତୁରନ୍ତ ଘଟଣାସ୍ଥଳରେ ପହଁଞ୍ଚି ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଭର୍ତ୍ସନା କରିବା ସହିତ ଅନ୍ୟତ୍ର ବଦଳି କରିଥିବା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

ପ୍ରଧାନ ଶିକ୍ଷକଙ୍କୁ ସେବା ନିବୃତ ସମ୍ବର୍ଦ୍ଧନା

ବାଲିପାଟଣା, (ସବ୍ୟୁ): ବାଲିପାଟଣା ବ୍ଲକ ଅନ୍ତର୍ଗତକୁରୁଞ୍ଜିପୁର ସ୍ଥିତ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଛାତ୍ର ବତ୍ସଳ ପ୍ରଧାନ ଶିକ୍ଷକ ବିଜୟ କୁମାର ବେହେରାଙ୍କୁ ଶନିବାରଦିନି ତାଙ୍କ ବିଦ୍ୟାଳୟ ପରିସର ରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ।ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶୁଭ୍ରାଂଶୁବାଳା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅର୍ଣ୍ଣବ କୁମାର ବେହୁରା, ଭକ୍ତବତ୍ସଳ ମହାପାତ୍ର, ସହ ଶିକ୍ଷା ଅଧିକାରୀ ବିଜୟ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ରଘୁନାଥ ଲେଙ୍କା, ବିପିନ ବିହାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ତପନ କୁମାର ରାଉତ,ଗୋପବନ୍ଧୁ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୀବ ପଟ୍ଟନାୟକ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ ଓଝା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରମା ରଞ୍ଜନ ପାତ୍ର, ପଞ୍ଚଶାଖା ଶିକ୍ଷାସେତୁ ସଭାପତି ଚକ୍ରଧର ନାୟକ, ସିଆରସିସି ଝୁନି ଲତା ସାହୁ , ସାଧନ କେନ୍ଦ୍ର ସଂଯୋଜକ ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପୁରାତନ ଛାତ୍ର ସଂସଦ ସଭାପତି ଦେବେନ୍ଦ୍ର ଦାଶଙ୍କ ସମେତ ବହୁ



ସ୍ଥାନୀୟ ଜନସାଧାରଣ ଶ୍ରୀ ବେହେରାଙ୍କ ସୁଖମୟ ଅବସର ଜୀବନ କାମନା କରିଥିଲେ ।ସମସ୍ତ କାର୍ଯ୍ୟକ୍ରମ କୁ ଉଷାରାଣୀ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ । ଶେଷରେ ଶିକ୍ଷକ ଶ୍ରୀ ବେହେରାଙ୍କୁ ବିଶାଳ ଶୋଭାଯାତ୍ରା ନିଆଯାଇ ତାଙ୍କ ବାସଭବନରେ ତାଙ୍କର ଶୁଭେଚ୍ଛୁ ଛାଡିଥିଲେ ।

ଭିଜିଲାନ୍ସ ସଚେତନତା : ଏମ୍ସ ଭୁବନେଶ୍ୱରର ସିଜୁଆରେ ଗ୍ରାମସଭା

ଭୁବନେଶ୍ୱର, (ସବ୍ୟୁ): 'ଭିଜିଲାନ୍ସ ସଚେତନତା ସପ୍ତାହ ୨୦୨୬' ପାଳନ ଅବସରରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଏକ 'ୱାକାଥନ' (ପଦଯାତ୍ରା) ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡାକ୍ତର, ଅଧ୍ୟାପକ, ଅଧ୍ୟାପିକା, ଅଧିକାରୀ, କର୍ମଚାରୀ ତଥା ମେଡିକାଲ, ନର୍ସିଂ ଏବଂ ପାରାମେଡିକାଲ ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦୈନନ୍ଦିନ ଜୀବନରେ ସତର୍କତା (ଭିଜିଲାନ୍ସ) ଏବଂ ସଚ୍ଚୋଟତାର ଗୁରୁତ୍ୱ ସମ୍ପର୍କରେ ଅଂଶଗ୍ରହଣକାରୀ ତଥା ଜନସାଧାରଣଙ୍କୁ ସଚେତନ କରାଇବା । ଏହି ଅବସରରେ ଏକ 'ସଚ୍ଚୋଟତା ଶପଥ' ପାଠ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଥିରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଡିନ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡ଼ା, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଡ. ମନୋଜ କୁମାର ମହାନ୍ତି ଏବଂ ଡିଡିଏ ଲେଫଟନାଣ୍ଟ କର୍ଣ୍ଣେଲ ଅଭିଜି ସରକାର ପ୍ରମୁଖ ଉପସ୍ଥିତ ଥିଲେ ।ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ ଅଧୀନରେ, ଏମ୍ସ ଭୁବନେଶ୍ୱରରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏଥିମଧ୍ୟରେ ସିଜୁଆ ଗ୍ରାମରେ ଏକ ଗ୍ରାମସଭା ଆୟୋଜିତ ହୋଇଥିଲା । ଏହି ଗ୍ରାମସଭା ମାଧ୍ୟମରେ ସ୍ଥାନୀୟ ଅଧିବାସୀଙ୍କୁ ସଚ୍ଚୋଟତା, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦାୟିତ୍ୱପୂର୍ଣ୍ଣ ନାଗରିକତାର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା ।

ଏମ୍ସ ଭୁବନେଶ୍ୱରର ଚିକିତ୍ସକ ଏବଂ କର୍ମଚାରୀଙ୍କ ମଧ୍ୟରେ ଏସମ୍ପର୍କରେ ଆବଶ୍ୟକୀୟ ଜ୍ଞାନ ଆହୋରଣ ଏବଂ ସୂଚନା ପ୍ରାପ୍ତି ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଓ ସରକାରଙ୍କ ଅବସରପ୍ରାପ୍ତ ବରିଷ୍ଠ ଆଇପିଏସ ଅଧିକାରୀ ଏମ. ଅକ୍ଷୟ ଯୋଗଦେଇଥିଲେ । ସତର୍କତା ସଚେତନତା ସପ୍ତାହ ୨୦୨୬ ପାଳନ ଆରମ୍ଭରେ, ଏମ୍ସ ଭୁବନେଶ୍ୱର କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜେ. ପି. ନଡ୍ଡାଙ୍କ ଦ୍ୱାରା ପରିଚାଳିତ ସଚ୍ଚୋଟତା ପ୍ରତିଜ୍ଞା ସମାରୋହରେ ଅଂଶଗ୍ରହଣ କରିଥିଲେ ।

ଦେଶପ୍ରେମର ବାର୍ତ୍ତା ବାଣ୍ଟିଲା କଟକ ସଦର ଥାନା

ଫୁଲନଖରା ,(ସବ୍ୟୁ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜନ୍ମଜୟନ୍ତୀ ଅବସରରେ କଟକ ସଦର ଥାନା ପକ୍ଷରୁ ଜାତୀୟ ଏକତା ଦିବସ ପାଳନ କରାଯାଇଛି । ।ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜୋନ-୪ ଏସିପି ଅମିତାଭ ମହାପାତ୍ର ଯୋଗଦେଇ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ, ତାଙ୍କର ଦୃଢ଼ ନେତୃତ୍ୱ, ଦେଶପ୍ରେମ ଏବଂ ଭାରତର ଜାତୀୟ ଏକତା ପ୍ରତିଷ୍ଠା



କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ । ।କଟକ ସଦର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଏହି ଅବସରରେ ଥାନାର ଅତିରିକ୍ତ ଅଧିକାରୀ ପ୍ରଶାନ୍ତ କୁମାର ପାଣି, ଏଏସଆଇ ପ୍ରଶାନ୍ତ କୁମାର ପରିଡ଼ା, ଏଏସଆଇ ପୁଷ୍ପାଞ୍ଜଳି ବେହେରା, ଏସଆଇ ପୁଷ୍ପାଞ୍ଜଳି ନାୟକଙ୍କ ସମେତ ଥାନାର ଅନ୍ୟାନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ ।କାର୍ଯ୍ୟକ୍ରମରେ ଭାଣପୁର ବିଦ୍ୟାପୀଠର ଛାତ୍ରଛାତ୍ରୀ ଏବଂ ସୁଦ୍ଧାନନ୍ଦ ଇଞ୍ଜିନିୟରିଂ କଲେଜର ଛାତ୍ରଛାତ୍ରୀ ଉତ୍ସାହର ସହ ଯୋଗଦେଇଥିଲେ ।

ନିଶାଡିଙ୍କ ଆକ୍ରମଣରେ ଜଣେ ଆହତ

ଆଠଗଡ଼ ,(ସବ୍ୟୁ): ନିଶାଡିଙ୍କ ଆକ୍ରମଣରେ ଜଣେ ଆହତ ହୋଇଛନ୍ତି । ଗତ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଏକ ଘଟଣାକୁ ନେଇ ଶନିବାର ଆଠଗଡ଼ ଥାନା ରେ ଅଭିଯୋଗ ହେବା ପରେ ଲୋକମାନେ ଅଧିକ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଶୁକ୍ରବାର ଚୌଦ୍ୱାର ଥାନା ଅନ୍ତର୍ଗତ କୟଳପଡା ଶିମିଳିହାଣ୍ଡ ଗ୍ରାମ ର ଚନ୍ଦ୍ରଶେଖର ମହାନ୍ତିଙ୍କ ପୁଅ ଜ୍ଞାନ ରଞ୍ଜନ ମହାନ୍ତି ବିଳମ୍ବିତ ରାତିରେ ଆଠଗଡ଼ ଥାନା ଅନ୍ତର୍ଗତ ପାଟଲିଙ୍ଗା ଗ୍ରାମର ଜଣେ ସାଙ୍ଗକୁ କାରରେ ତାଙ୍କ ଘରେ ଛାଡି ଫେରୁଥିବା ସମୟରେ କୁଲାଇଲୋ ଶ୍ମଶାନ ନିକଟରେ ଥିବା ଆବର୍ଜନା ଗୃହ ନିକଟରେ ୫ ରୁ ୭ ଜଣ ଲୋକ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ବିଭିନ୍ନ ପ୍ରକାରର ମାରଣାସ୍ତ୍ର ଦେଖାଇ ଧମକ ଦେବା ସହିତ ମରଣାନ୍ତକ ଆକ୍ରମଣ କରି ତାଙ୍କ ଠାରୁ ସୁନା ଚେନ ନଗଦ ଟଙ୍କା ଲୁଟ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି ।ଗତ ତିନି ବର୍ଷ ଧରି ଏହି ଗୋଷ୍ଠୀ ସଂପୃକ୍ତ ଅଞ୍ଚଳ ରେ ଆତଙ୍କରାଜ ଚଳାଇ ଥିବା ବେଳେ ଏ ନେଇ ପୋଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି ।କୁଲାଇଲୋ ପଞ୍ଚାୟତ ଏବଂ ଦୋରଡ ପଞ୍ଚାୟତ ରେ କିଛି ନିର୍ଦ୍ଦିଷ୍ଟ ସ୍ଥାନ ମାନଙ୍କରେ ଧଳା ଜହର ଠାରୁ ଆରମ୍ଭ କରି ବିଭିନ୍ନ ନିଶାଦ୍ରବ୍ୟ ବିକ୍ରୀ ଏବଂ ସେବନ ହେଉଥିବା ବେଳେ ଆଠଗଡ଼ ପୋଲିସ କିମ୍ବା ଅବକାରୀ ବିଭାଗ କେମିତି ତାର ଟେର ପାଉନି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି । ଆଠଗଡ଼ ଥାନା କେଶ ନମ୍ବର ୪୫୧/୨୬ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଲୋକକଳା ମାଧ୍ୟମରେ "ଶିଶୁ ଶ୍ରମମୁକ୍ତ ଓଡ଼ିଶା' ସଚେତନତା

ସାକ୍ଷୀଗୋପାଳ ,(ସବ୍ୟୁ): ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଆନୁକୂଲ୍ୟରେ ଲୋକକଳା ମାଧ୍ୟମରେ ଶିଶୁ ଶ୍ରମ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଚାଲିଛି । ଲୋକକଳାକୁ ମାଧ୍ୟମ କରି ସାଧାରଣ ଲୋକଙ୍କ ନିକଟରେ ଶିଶୁ ଶ୍ରମର କୁପରିଣାମ ଓ ଏହାର ନିରାକରଣ ସମ୍ପର୍କରେ ବାର୍ତ୍ତା ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି କ୍ରମରେ ସାକ୍ଷୀଗୋପାଳ ମନ୍ଦିର ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଦାସକାଠିଆ ମାଧ୍ୟମରେ ଶିଶୁ ଶ୍ରମମୁକ୍ତ ଓଡ଼ିଶା ଗଠନ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦାସକାଠିଆ କଳାକାରମାନେ ଗୀତ, ସଂଳାପ ଓ ଲୋକକଳାର ଆକର୍ଷଣୀୟ ଶୈଳୀରେ ଶିଶୁ ଶ୍ରମ ଯୋଗୁଁ ଶିଶୁମାନଙ୍କ ଶିକ୍ଷା, ମାନସିକ ବିକାଶ ଓ ଭବିଷ୍ୟତ ପ୍ରଭାବିତ ହେଉଥିବା ନେଇ ମଧ୍ୟ ସଚେତନ କରାଯାଇଥିଲା ।ସଚେତନତା କାର୍ଯ୍ୟକ୍ରମରେ ୧୪ ବର୍ଷରୁ କମ ବୟସର ଶିଶୁମାନଙ୍କୁ କୌଣସି କାମରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ ଏବଂ ୧୫ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ ବିପଜ୍ଜନକ କାମରେ ନିୟୋଜିତ କରିବା ବାରଣ ରହିଥିବା ନେଇ ଲୋକଙ୍କୁ ଅବଗତ କରାଯାଇଥିଲା ।ସାକ୍ଷୀଗୋପାଳ ମନ୍ଦିର ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଯାତାୟାତ କରୁଥିବା ବହୁ ଲୋକ ଅଟକି ଦେଖିଥିଲେ । ନାରୀ ମଙ୍ଗଳ ମହିଳା ସମିତିର ତ%୦ବଧାନରେ ଏହି ଲୋକକଳା ଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଶିଶୁ ଶ୍ରମିକ ରୋକିବା ସହ ପ୍ରତ୍ୟେକ ଶିଶୁକୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ଏଭଳି କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବ ବୋଲି ଆଶା ପ୍ରକାଶ ପାଇଛି ।

ନିମାପଡ଼ା ପୁଲିସ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ

ନିମାପଡା , (ସବ୍ୟୁ) : ଲୌହ ମାନବ ସର୍ଦ୍ଦାର ବଲଭଭାଇ ପଟେଲଙ୍କ ଜନ୍ମ ଦିବସକୁ ସମଗ୍ର ଦେଶରେ ଏକତା ଦିବସଭାବେ ପାଳନ କରାଯାଉଛି । ନିମାପଡ଼ା ପୁଲିସ ପକ୍ଷରୁ ଆଜି ଥାନା ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି । ନିମାପ ଥାନା ଅଞ୍ଚଳର ଲୋକମାନେ ଏକତା ସୂତ୍ରରେ ବାନ୍ଧି ହୋଇ ରହିବା ସହ ପରସ୍ପର ମଧ୍ୟରେ ଥିବା ଭେଦଭାବକୁ ଭୁଲି ଶାନ୍ତିରେ ସହବସ୍ଥାନରେ ରହିବା ପାଇଁ ପୁଲିସ ଅଧିକାରୀଙ୍କ ସହ ସମସ୍ତ ପୁଲିସ ଆଜି ଶପଥ ନେଇଛନ୍ତି । ଏହି କାର୍ଯ୍ୟକ୍ରମ ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ସ୍ୱର୍ଗତ ପଟେଲଙ୍କ ହସ୍ତକ୍ଷେପ ଫଳରେ ବହୁ ଦେଶୀୟ ରାଜାମାନେ ଦେଶର ବଶତା ସ୍ୱିକାର କରି ମିଶିଯାଇ ଭାରତ ର ଅଧୀନରେ ରହି ଏକତା ସୂତ୍ରରେ ବାନ୍ଧି ହୋଇଥିଲେ ବୋଲି କହିଥିଲେ । ଥାନାର ସମସ୍ତ ପୁଲିସ ଅଫିସର ଓ ଅନ୍ୟ କର୍ମଚାରୀମାନେ ଥାନା ପରିସରରେ ଅନୁଷ୍ଠିତ ଉତ୍ସବରେ ହାତକୁ ଉପରକୁ ଟେକି ଶପଥ ନେଇଥିଲେ ।

ଜଙ୍କିଆ ଥାନା: ରାଷ୍ଟ୍ରୀୟ ଏକତା ଦିବସରେ ଗଣ ଦୌଡ

ନିରାକାରପୁର, (ସବ୍ୟୁ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ପୋଲିସ ତରଫରୁ ଏକ ଗଣ ଦୌଡ ଓ ନିଶା ନିବାରଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସରପାରୀ ସ୍ଥିତ ଆଇଏନଏମଟି କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଥିବାବେଳେ ସରପାରୀ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ଶନିବାର ସକାଳ ୮ ଟାରେ ଆଇଏନଏମଟି କଲେଜ ପରିସରୁ ଛାତ୍ରଛାତ୍ରୀମାନେ ସମୂହ ଗଣଦୌଡ ବାହାରିଥିଲେ । ଏହି



ଗଣ ଦୌଡକୁ ଜଂକିଆ ଥାନାର ଆଇଆଇସି ଚନ୍ଦ୍ର ଶେଖର ଜେନା , ସ୍ଥାନୀୟ ସରପଞ୍ଚ ପ୍ରଭାତ କୁମାର ଦାସ ଓ କଲେଜ ଅଧକ୍ଷା ଡ ଅଭିଷ୍ପା ମହାନ୍ତି ପତାକା ଦେଖାଇ ଆନୁଷ୍ଠାନିକ ଭାବେଉଦଘାଟନ କରିଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସେହିପରି ସ୍ଥାନୀୟ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

ବ୍ଳକସ୍ତରୀୟ ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରଶିକ୍ଷଣ ତାଲିମ ଶିବିର

କଣାସ, (ସବ୍ୟୁ) : କଣାସ ବ୍ଲକ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, କଣାସ ପରିସରରେ ଶିକ୍ଷା କ୍ଷେତ୍ରରେ ଡିଜିଟାଇଜେସନ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟାର ସଫଳ ପ୍ରୟୋଗକୁ ନେଇ ଏକ ଦିନିକିଆ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଣାସ ବ୍ଲକର ସମସ୍ତ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ତଥା ସ୍ୱଚ୍ଛ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ମଣ୍ଡଳ ଶିକ୍ଷାଧିକାରୀ ରାମ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଏବଂ ସହ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରଧାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏଥିରେ କଣାସ ବ୍ଲକର ୩୬ଟି ମାଧ୍ୟମିକ ଏବଂ ୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ପ୍ରଧାନଶିକ୍ଷକ ଏବଂ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମରେ ମୁଖ୍ୟତଃୟୁ-ଡାଇସ ପ୍ଲସ, ଅପାର ଆଇଡି, ଏମବିୟୁ ଏବଂ ଡ୍ରପବକ୍ସ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଇଥିଲା । ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ତଥ୍ୟକୁ ସଠିକ ଭାବରେ ଅନଲାଇନ ପଞ୍ଜୀକରଣ କରିବା, ଡିଜିଟାଲ ପରିଚୟ ପତ୍ର ପ୍ରସ୍ତୁତି ଏବଂ ବିଦ୍ୟାଳୟ ସ୍ତରୀୟ ବିଭିନ୍ନ ତଥ୍ୟର ସଠିକ ପରିଚାଳନା ସମ୍ପର୍କରେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ ।ଯୋଜନା ସଂଯୋଜକ ରଶ୍ମି ରଞ୍ଜନ ଦାସ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଓଡ଼ିଶା ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର

ଭୁବନେଶ୍ୱର ,(ସବ୍ୟୁ): ଓଡ଼ିଶା ସଚିବାଳୟ ଲେଖକ ପରିଷଦର ଅକ୍ଟୋବର ମାସର ସାରସ୍ୱତ ଆସର ଖାରବେଳ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସାହିତ୍ୟ ସଭାରେ ସଭାପତିତ୍ୱ କରିଥିଲେ ବନ୍ଦିତା ଦାସ । ବୀଣାପାଣି ସରସ୍ୱତୀଙ୍କୁ ପୁଷ୍ପ ଓ ଧୂପ ଅର୍ପଣ ତଥା ବନ୍ଦନା ପରେ ସଭା ଆରମ୍ଭ ହୋଇଥିଲା । ବାର୍ଷିକ ପତ୍ରିକା ସୃଜନର ପାହାଚ ପ୍ରକାଶ ସମ୍ପର୍କିତ ଆଲୋଚନା ପରେ କବିତା ପାଠୋତ୍ସ ଅନୁଷ୍ଠିତ ହୋଇଥିଲା ।



ଏହାକୁ ସଂଯୋଜନା କରିଥିଲେ ବିଜନବାଳା ପାଟଯୋଷି । ପୁଷ୍ପାଞ୍ଜଳି ବିଶୋୟୀ, କୃପାସିନ୍ଧୁ ମଲ୍ଲିକ, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ , ବନ୍ଦିତା ଦାସ ଓ ବିଜନବାଳା ପାଟଯୋଷି ସ୍ୱରଚିତ କବିତା ପାଠ କରିଥିଲେ । ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କୃପାସିନ୍ଧୁ ମଲ୍ଲିକ ।

ବାତ୍ୟା ଅର୍ଣ୍ଣବ କ୍ଷତିଗ୍ରସ୍ତ ଅଞ୍ଚଳରେ କଂଗ୍ରେସ ଅନୁଧ୍ୟାନ କମିଟି

ଭୁବନେଶ୍ୱର ,(ସବ୍ୟୁ):ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ବାତ୍ୟା ଅର୍ଣ୍ଣବ ଦ୍ୱାରା ଘଟିଥିବା କ୍ଷୟକ୍ଷତି ଓ ବନ୍ୟା ପରିସ୍ଥିତିର ସଠିକ ପରିଚାଳନା ଓ ଉଦ୍ଧାର କାର୍ଯ୍ୟର ତଦାରଖ ପାଇଁ ଗଠିତ ତଥ୍ୟ ଅନୁଧ୍ୟାନ କମିଟି ରବିବାରଦିନ ଦିନ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ଆବାହକ ଶିବାନନ୍ଦ ରାୟ, ପୂର୍ବତନ ବିଧାୟକ ରାଘବ ପରିଡା, ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ଗଞ୍ଜାମ ଜିଲ୍ଲା ସଭାପତି (ପଶ୍ଚିମ) ଦଣ୍ଡପାଣି ପାତ୍ର, ରାଜ୍ୟ ସୋସିଆଲ ମେ ଅଧକ୍ଷ ବିଶ୍ୱଜିତ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଲଲାଟେନ୍ଦୁ ଶତପଥି, ସାଧାରଣ ସମ୍ପାଦକ ସତ୍ୟବ୍ରତ ନାୟକ, ସାଧାରଣ ସମ୍ପାଦିକା ଉଷାରାଣୀ ବେହେରା, ଉପସଭାପତି ଏସ ସି ପ୍ରକୋଷ୍ଠ ଶ୍ରୀ ଭୋକାଳି ସେଠି, କବିସୂର୍ଯ୍ୟନଗର ପୂର୍ବତନ ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ମଣ୍ଡଳ ଓ ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତାମାନେ ପୁରୁଷୋତ୍ତମପୁର, ଖଲିକୋଟ, ବେଲଗୁଣ୍ଠା, ଭଞ୍ଜନଗର, ଆସିକା ଆଦି ବ୍ଲକର ପ୍ରଭାବିତ ଅଞ୍ଚଳ ଗସ୍ତ କରି ଲୋକଙ୍କ ସହ ସିଧାସଳଖ ଯୋଗାଯୋଗ କରିଥିଲେ ଓ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ତଦାରଖ କରିଥିଲେ । ପ୍ରଶାସନର ଉଦାସୀନତା ଓ ଅବହେଳା ବିଷୟରେ ସାଧାରଣ ଜନତା ଅନେକ ଅଭିଯୋଗ କରିଥିଲେ । ଆସନ୍ତା କାଲି ମଧ୍ୟ ପୂର୍ବ ଗଞ୍ଜାମର ବିଭିନ୍ନ ପ୍ରଭାବିତ ଅଞ୍ଚଳ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବୋଲଗଡ଼ ,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲାର ଆଦର୍ଶ ଶିକ୍ଷକ, ଶିକ୍ଷାବି ଶିକ୍ଷକ ନେତା , ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁମନ୍ତ ଛୋଟ ରାୟଙ୍କର ୮୬ ବର୍ଷ ବୟସରେ ହୃ"ାତରେ ଶନିବାର ଦିନ ବଡି ଭୋରରେ ପରଲୋକ ଘଟିଛି । ସେ ବୋଲ ଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଚତୁର୍ଭୁଜ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା



କରି ସେହିଠାରୁ ହିଁ ଅବସର ନେଇଥିଲେ । ଗତ ୨ ଦିନ ତଳେ ନିଜ ଗ୍ରାମ ବୋଲଗଡ଼ ବ୍ଲକ ଅଧିନ ପାଟବନ୍ଧ ଗ୍ରାମରେ ବାସଭବନରେ ହୃ"ାତ ହେବାରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ତାଙ୍କ ମୃତ୍ୟୁରେ ଏଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଶନିବାର ଦିନ ତାଙ୍କମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶଶ୍ମାନରେ ସଂସ୍କାର କରାଯାଇଥିଲା । ବଡ଼ ପୁଅ ହେମନ୍ତ ଛୋଟ ରାୟ ମୁଖାଗ୍ନି ଦେଇଥିଲେ ।

ସାମ୍ବାଦିକଙ୍କ ପିତୃବିୟୋଗ


ଭାପୁର ,(ସବ୍ୟୁ): ନୟାଗଡ଼ଜିଲ୍ଲା ଭାପୁର ବ୍ଲକ ସମ୍ବାଦ ଖବରଦାତା ସାମ୍ବାଦିକ ସଂଗ୍ରାମ କେଶରୀ ପଟ୍ଟନାୟକ (ବୁବୁ) ଙ୍କ ବାପା ବିଜୁପୁରପଞ୍ଚାୟତ ଅଧୀନ ବିଜିପୁର ଗ୍ରାମର ବିଶିଷ୍ଟ ଶିକ୍ଷାବିତ ତଥା ବରିଷ୍ଠ ରାଜନେତା ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ପଟ୍ଟନାୟକ (୮୧) ଙ୍କର ରବିବାର ସକାଳ ୭ଟାରେ ପରଲୋକ ହୋଇଯାଇଛି ।ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିଲେ ।ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଓ ଭାପୁର,ଖଣ୍ଡପଡ଼ା,କଣ୍ଟିଲୋ ଅଞ୍ଚଳର ସାମ୍ବାଦିକ ବନ୍ଧୁମାନେ ବତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ ।ସ୍ୱର୍ଗତ ପଟ୍ଟନାୟକ ଭାପୁର ବ୍ଲକ ଅଧୀନ ପଦ୍ମାବତୀ



ଗୋପୀନାଥ ଦେବଉଚ୍ଚ ବିଦ୍ୟାଳୟରୁ ଶିକ୍ଷକତା ଜୀବନ ଆରମ୍ଭ କରି ୨୦୦୫ ମସିହାରେ ସ୍ଥାନୀୟ ରାମଚନ୍ଦ୍ର ସାହୁ ଉଚ୍ଚ ବିଦ୍ୟାଳୟରୁ ଅବସରଗ୍ରହଣ କରିଥିଲେ ।ଜଣେ ଛାତ୍ରବତ୍ସଳ ଓ ସ୍ନେହୀ ଶିକ୍ଷକ ଭାବେ ଖଣ୍ଡପଡା ଓ ଭାପୁର ବ୍ଲକ ଅଞ୍ଚଳରେ ସେ ଏକ ସ୍ୱତନ୍ତ୍ରପରିଚୟ ସୃଷ୍ଟି କରି ପାରିଥିଲେ ।ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଯିବା ପରେ ଶ୍ମଶାନରେ ଅନ୍ତିମ ସଂସ୍କାର କରା ଯାଇଥିଲା ।ଜ୍ୟେଷ୍ଠ ପୁତ୍ର ସାମ୍ବାଦିକ ସଂଗ୍ରାମ କେଶରୀ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ ।

ଚନ୍ଦ୍ରଭାଗା ସାମୁଦ୍ରିକ ଥାନାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

କୋଣାର୍କ ,(ସବ୍ୟୁ): ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀ ସରସତୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ମାମିନି ପରିଡା, ପୁରୀ ଜିଲ୍ଲା ଯାଦବ ମହାସଭାର ସଭାପତି ଗୋପାଳ ଚନ୍ଦ୍ର ବେହେରା, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର ଚୌଧୁରୀ, ସୁତନ ସରପଞ୍ଚ ମେନକା ବେହେରା, ସମିତି ସଭ୍ୟ କାଶିନାଥ ନାୟକ ଓ ରାମଚଣ୍ଡୀ ଥାନା ଅଧିକାରୀ ମମତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ରାଷ୍ଟ୍ରୀୟ ଏକତା, ସଂହତି ଓ ଅଖଣ୍ଡତା ବଜାୟ ରଖିବା ପାଇଁ ଲୌହ୍ୟହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅମ୍ଳାନ କୀର୍ତ୍ତୀର ଗୁଣମାନ କରି ସ୍ମୃତି ଚାରଣ



କରିଥିଲେ । ଏହି ପରିପ୍ରେକ୍ଷୀରେ ସୁତନ ଉଚ୍ଚ ବିଦ୍ୟାଳୟ ଓ ବାଲିକପିଳେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାହୋଇଥିଲା । । ପ୍ରତିଯୋଗୀତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ ମାନପତ୍ର, କପସିଲ ଓ ପାଠ୍ୟ ଉପକରଣ ପ୍ରଦାନ କରି ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ନିରଞ୍ଜନ ବେହେରା ସମେତ ଅନ୍ୟ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସତ୍ୟବାଦୀରେ କର୍ମଶାଳା

ସାକ୍ଷୀଗୋପାଳ ,(ସବ୍ୟୁ): ସମାଜର ବିଭିନ୍ନ ବାସ୍ତବ ସମସ୍ୟାର ସମାଧାନ ପାଇଁ ନୂତନ ଚିନ୍ତାଧାରା ଓ ସୃଜନଶୀଳ ପ୍ରତିଭାକୁ ଆଗକୁ ଆଣିବା ଉଦ୍ଦେଶ୍ୟରେ ପୁରୀ ଜିଲ୍ଲାର ସତ୍ୟବାଦୀ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ତାଲିମ, କର୍ମଶାଳା ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଥିଲାବାସ୍ତବ ସମସ୍ୟାର ସୃଜନଶୀଳ ସମାଧାନ ପାଇଁ ଏକ ବଳିଷ୍ଠ ପଦକ୍ଷେପ । ଦୈନନ୍ଦିନ ଜୀବନରେ ଆମ ସମାଜ ଓ ଶିକ୍ଷା କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକୁ କିପରି ସ୍ଥାନୀୟ ବୁଦ୍ଧି, ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ଚିନ୍ତାଧାରା ମାଧ୍ୟମରେ ସମାଧାନ କରାଯାଇପାରିବ, ସେ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେବା ଥିଲା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ।ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସତ୍ୟବାଦୀର ଅଧକ୍ଷ ବିଶ୍ୱନାଥ ପାଢ଼ୀଙ୍କ ପ୍ରତ୍ୟକ୍ଷ ତ%୦ବଧାନ ଓ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ବିଭିନ୍ନ ବିଶେଷଜ୍ଞ ଓ ପ୍ରଶିକ୍ଷକ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମଟି ଦକ୍ଷତା ବିକାଶ ଏବଂ ଓଡ଼ିଶା ଶିକ୍ଷା କେନ୍ଦ୍ର, ପୁରୀର ମିଳିତ ଆନୁକୂଲ୍ୟରେ ସଫଳତାର ସହ ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମ ଶେଷରେ ଏକ ସଚେତନତା ଅଧିବେଶନ ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କୁ ଓଡ଼ିଶା ସରକାରଙ୍କ ବିଭିନ୍ନ ନବସୃଜନ ଓ ଉଦ୍ୟମିତା ସହାୟତା ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା । ଏହି ତାଲିମ ଶିବିର କେବଳ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରିନାହିଁ, ବରଂ ଆଗାମୀ ଦିନରେ ଓଡ଼ିଶାକୁ ଏକ ଶିଳ୍ପ ଓ ଜ୍ଞାନକୌଶଳ ଭିତ୍ତିକ ରାଜ୍ୟ ଭାବେ ଗଢ଼ିବାରେ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି ।

ସମ୍ପାଦକୀୟ

ଯେଉଁଠି ଭାଷା, ସାହିତ୍ୟ ଓ ସଂସ୍କୃତି ଗୁରୁତ୍ୱହୀନ

ଆମେ ସେହି ଦେଶ ଓ ସେହି ରାଜ୍ୟର ନାଗରିକ ଯେଉଁଠି ଭାଷା, ସାହିତ୍ୟ ଓ ସଂସ୍କୃତି ଗୁରୁତ୍ୱହୀନ ହୋଇପଡ଼ିଛି । ଭାରତ ସ୍ୱାଧୀନ ହୋଇ ଯେତେବେଳେ ଅଶୀ ବର୍ଷରେ ପଦାର୍ପଣ କରିଛି, ଆମ ରାଜ୍ୟ ଓଡ଼ିଶା ଯେତେବେଳେ ଆଉ ଦଶ ବର୍ଷ ପରେ ତାହାର ଶତବାର୍ଷିକ ଉତ୍ସବ ପାଳନ କରିବାକୁ ଯାଉଛି– ସେତେବେଳେ ଆମର ଭାଷା, ସାହିତ୍ୟ ଓ ସଂସ୍କୃତି ଗୁରୁତ୍ୱହୀନ ହୋଇପଡ଼ିଥିବା ପରିଲକ୍ଷିତ ହୋଇଛି । ଏହାର କାରଣ ବିଷୟରେ ଅନ୍ୟାନ୍ୟ ରାଜ୍ୟର ଲେଖକ/ଲେଖିକାଙ୍କ କଥା ଧରା ନ ଯାଉ, ନିଜ ରାଜ୍ୟର ଲେଖକ/ଲେଖିକାଙ୍କ ମଧ୍ୟରେ ଏଥିପାଇଁ ଉଦ୍‌ବେଗ ନାହିଁ, ଆଗ୍ରହ ମଧ୍ୟ ନାହିଁ । ଏ ବିଷୟରେ ରାଜ୍ୟର ଚିନ୍ତାନାୟକମାନେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରୁନାହାନ୍ତି । ଦୁଃଖ ହୁଏ, ଯେଉଁ ଓଡ଼ିଆ ଭାଷା ତାହାର ପ୍ରାଚୀନତା, ଯେଉଁ ଓଡ଼ିଆ ସାହିତ୍ୟ ତାହାର ଉତ୍କର୍ଷ କିମ୍ବା ଯେଉଁ ଓଡ଼ିଆ ସଂସ୍କୃତି ତାହାର ବୈଶିଷ୍ଟ୍ୟ ପ୍ରତିପାଦନ କରିବାକୁ ଅକ୍ଷମ, ସେଠାରେ ଏ ପ୍ରକାର ଅରାଜକତାକୁ ଅସ୍ୱୀକାର କରିହୁଏ ନାହିଁ ।

ଯେଉଁମାନେ ଆମ ଓଡ଼ିଆ ଭାଷା ଓ ସାହିତ୍ୟରେ ନିଜ ସୃଷ୍ଟିର ବୈଶିଷ୍ଟ୍ୟ ପ୍ରତିପାଦିତ କରି ପାରିଛନ୍ତି, ସେମାନେ ଶିକ୍ଷିତ ଓ ସଚେତନ ଓଡ଼ିଆମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିପାରିଥିଲେ । ସେମାନଙ୍କ ପୁସ୍ତକ ପାଠ କରିବାକୁ କିମ୍ବା ଘରେ ରଖିବାକୁ ଶିକ୍ଷିତ ଲୋକେ ଏକ ପ୍ରକାର ବ୍ୟାକୁଳାତା ପ୍ରକାଶ କରୁଥିଲେ । ତା'ପରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା, କମ୍ପ୍ୟୁଟର ଓ ମୋବାଇଲ ଯୁଗରେ ଆମ ସାହିତ୍ୟର ବଛା ବଛା ବିଷୟକୁ କଏଦ କରି ରଖାଗଲା ସିନା, ଶସ୍ତା ଲେଖକମାନେ ସେତେବେଳେ ଉନ୍ନତ ସାହିତ୍ୟ ସୃଷ୍ଟି ନ କରି ମଧ୍ୟ ପ୍ରଚାର କୌଶଳରେ ଖୁବ୍ ମାତିଲେ, ଅର୍ଥ ବ୍ୟୟ କରି ନିଜ ନିଜ ପୁସ୍ତକର ଉନ୍ମୋଚନ କରାଇ ତାହାର ପ୍ରଚାର ପତ୍ରପତ୍ରିକା ଓ ସମ୍ବାଦପତ୍ରମାନଙ୍କରେ କରାଇଲେ । ମନେ ହେଲା ଆମ ସାହିତ୍ୟ ସତେ ଯେପରି ଗୁରୁତ୍ୱ ହରାଇଲା ।

ଓଡ଼ିଶାରେ ଭୟାବହ ମହାବାତ୍ୟା ସଂଘଟିତ ହେବାର ପ୍ରାୟ ୨୭ ବର୍ଷ ପରେ 'ଅର୍ଣ୍ଣବ' ବାତ୍ୟା ଆନ୍ଧ୍ରମୁହାଁ ହୋଇ ଯିବାପରେ ମଧ୍ୟ ଓଡ଼ିଶାରେ ଗଞ୍ଜାମ ଓ ଗଜପତି, ଏହି ଦୁଇଟି ଜିଲ୍ଲାରେ ପ୍ରବଳ ବୃଷ୍ଟିପାତ ହେବା ସହିତ ଋଷିକୁଲ୍ୟା ଓ ବଡ଼ ନଦୀର ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ଘଟିଲା । ପରେ ଭୂ–ସ୍ଖଳନ ହୋଇ ତିନିଜଣଙ୍କ ପ୍ରାଣହାନୀ ଘଟିଲା । କେତେ ଘରଦ୍ୱାର ଉଜୁଡ଼ି ପଡ଼ିଲା ସେ ଦୁଇ ଜିଲ୍ଲାରେ । ଅବଶ୍ୟ ୟା'ଠାରୁ ଅଧିକ କ୍ଷୟକ୍ଷତି ଘଟିଥିଲା ମହାବାତ୍ୟା ବେଳେ । ଜଗତ୍‌ସିଂହପୁର, ପୁରୀ ପ୍ରଭୃତି ଜିଲ୍ଲା ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ମହାବାତ୍ୟାରେ ସତର୍କତା ଅବଲମ୍ବନ କରାଯାଇ ନ ଥିବାରୁ ପ୍ରାୟ ହଜାର ହଜାର ବାତ୍ୟା ଓ ବନ୍ୟା ଦୁର୍ଗତ ଲୋକେ ପ୍ରାଣ ହରାଇବା ସହିତ ଆହତ ମଧ୍ୟ ହୋଇଥିଲେ । ଆଖି ସାମ୍ନାରେ ନିଜ ପରିବାର ଲୋକେ ପାଣିରେ ବୁଡ଼ିଗଲେ, ଭାସିଗଲେ ମୁହୂର୍ତ୍ତକ ମଧ୍ୟରେ । ମହାବାତ୍ୟାର ପରବର୍ତ୍ତୀ ଅବସ୍ଥାରେ କେହି କେହି ମାନସିକ ଭାରସାମ୍ୟ ହରାଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ମଧ୍ୟ ହେଉଥିଲେ । ଏସବୁକୁ ସେବର ସ୍ୱାଦପତ୍ରମାନେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରି ଲେଖିଥିଲେ । ରେଡିଓ ଓ ଟିଭିରୁ ମଧ୍ୟ ସେ ସବୁର ପ୍ରସାରଣ ଭିନ୍ନ ଢଙ୍ଗରେ ହୋଇଥିଲେ ମଧ୍ୟ କେତେଜଣ ଲେଖକ ବା ଲେଖିକା ସେମାନଙ୍କ କବିତା, ଗଳ୍ପ, ଉପନ୍ୟାସ ବା ପ୍ରବନ୍ଧମାନଙ୍କରେ ସେସବୁକୁ ସ୍ଥାନିତ କରିପାରିଲେ?

ଯେଉଁମାନେ ଆମ ଓଡ଼ିଆ ଭାଷା ଓ ସାହିତ୍ୟରେ ନିଜ ସୃଷ୍ଟିର ବୈଶିଷ୍ଟ୍ୟ ପ୍ରତିପାଦିତ କରି ପାରିଛନ୍ତି, ସେମାନେ ଶିକ୍ଷିତ ଓ ସଚେତନ ଓଡ଼ିଆମାନଙ୍କୁ ଗଭୀର ଭାବରେ ପ୍ରଭାବିତ କରିପାରିଥିଲେ । ସେମାନଙ୍କ ପୁସ୍ତକ ପାଠ କରିବାକୁ କିମ୍ବା ଘରେ ରଖିବାକୁ ଶିକ୍ଷିତ ଲୋକେ ଏକ ପ୍ରକାର ବ୍ୟାକୁଳାତା ପ୍ରକାଶ କରୁଥିଲେ । ତା'ପରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା, କମ୍ପ୍ୟୁଟର ଓ ମୋବାଇଲ ଯୁଗରେ ଆମ ସାହିତ୍ୟର ବଛା ବଛା ବିଷୟକୁ କଏଦ କରି ରଖାଗଲା ସିନା, ଶସ୍ତା ଲେଖକମାନେ ସେତେବେଳେ ଉନ୍ନତ ସାହିତ୍ୟ ସୃଷ୍ଟି ନ କରି ମଧ୍ୟ ପ୍ରଚାର କୌଶଳରେ ଖୁବ୍ ମାତିଲେ, ଅର୍ଥ ବ୍ୟୟ କରି ନିଜ ନିଜ ପୁସ୍ତକର ଉନ୍ମୋଚନ କରାଇ ତାହାର ପ୍ରଚାର ପତ୍ରପତ୍ରିକା ଓ ସମ୍ବାଦପତ୍ରମାନଙ୍କରେ କରାଇଲେ । ମନେ ହେଲା ଆମ ସାହିତ୍ୟ ସତେ ଯେପରି ଗୁରୁତ୍ୱ ହରାଇଲା । ଲେଖକ ବା ଲେଖିକାମାନେ ପ୍ରଚାରସର୍ବସ୍ୱ ହୋଇପଡ଼ିଲେ ଏବଂ ଅନ୍ୟ ସୂତ୍ରରୁ ଅର୍ଥ ଉପାର୍ଜନ କରୁଥିବାରୁ ନିଜ ପୁସ୍ତକର ପ୍ରଚାର ବା ପ୍ରସାର ପାଇଁ ଅର୍ଥ ବ୍ୟୟ କରିବା ବଡ଼ କଥା ନଥିଲା ସେମାନଙ୍କ ପକ୍ଷରେ । କିନ୍ତୁ କେହି କେହି ଚତୁର ଲେଖକ ବା ଲେଖିକା ଆଉ ପାଦେ ଆଗକୁ ଯାଇ ନିଜ ପୁସ୍ତକର ପୁରସ୍କାର ପାଇଁ ଯାବତୀୟ କୌଶଳର ଅବଲମ୍ବନ କରି କୃତକାର୍ଯ୍ୟ ମଧ୍ୟ ହେଲେ ।

ଆମ ସାହିତ୍ୟର ଏହି ଦୁର୍ଦ୍ଦଶା ମଧ୍ୟରେ ପ୍ରକୃତ ସ୍ୱାଭିମାନୀ ଲେଖକମାନେ ଅଣନିଃଶ୍ୱାସୀ ହୋଇପଡ଼ିଲେଣି । ଆଉ ଆମ ଭାଷା, ସାହିତ୍ୟ ଓ ସଂସ୍କୃତି ଯେ ଗୁରୁତ୍ୱହୀନ ହୋଇପଡ଼ିଛି, ଏଥିରେ ସନ୍ଦେହ ନାହିଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ସ୍ୱାବଲମ୍ବନଶୀଳ ସ୍ୱୟଂ ସହାୟକ ଗୋଷ୍ଠୀ



ତେଜେଶ୍ୱର ପଟ୍ଟନାୟକ

ଭାରତର ମୋଟ ଜନସଂଖ୍ୟା ବର୍ତ୍ତମାନ ପ୍ରାୟ ୧୪୮ କୋଟିରେ ପହଞ୍ଚିଛି । ତନ୍ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୫୧.୫୪ ପ୍ରତିଶତ ହୋଇଥିବାବେଳେ ମହିଳାଙ୍କ ସଂଖ୍ୟା ୪୮.୪୬ ପ୍ରତିଶତ । ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ତଥାପି ଆର୍ଥିକ ସ୍ୱାଧୀନତା, ଶିକ୍ଷା, ନିଯୁକ୍ତି ଓ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଅନେକ ମହିଳା ଏବେ ମଧ୍ୟ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ରାଜନୈତିକ ସଶକ୍ତୀକରଣ ଦିଗରେ ଏକ ବଳିଷ୍ଠ ପଦକ୍ଷେପ । କିନ୍ତୁ ବାସ୍ତବରେ ପ୍ରକୃତ ମହିଳା ସଶକ୍ତୀକରଣ ପାଇଁ ଆର୍ଥିକ ସ୍ୱାଧୀନତା, ଆତ୍ମବିଶ୍ୱାସ ଓ ସାମାଜିକ ସମ୍ମାନ ମଧ୍ୟ ଜରୁରୀ । ଏହି ଲକ୍ଷ୍ୟ ପୂରଣରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଆଜି ଏକ ପ୍ରଭାବଶାଳୀ ମାଧ୍ୟମ ଭାବେ ଉଭା ହୋଇଛି ।

ଜାତିର ଜନକ ମହାତ୍ମା ଗାନ୍ଧୀ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଇ ୧୯୩୦ ମସିହାରେ 'ୟଙ୍ଗ ଇଣ୍ଡିଆ' ପତ୍ରିକାରେ ଲେଖିଥିଲେ, 'ଆମ ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ ମହିଳା ଜାଣନ୍ତି ଯେ ବେକାରୀ କ'ଣ । ସେମାନଙ୍କୁ ଆର୍ଥିକ କାର୍ଯ୍ୟକଳାପରେ ସାମିଲ ହେବାର ସୁଯୋଗ ଦିଅନ୍ତୁ । ଏହାଦ୍ୱାରା ସେମାନେ କ୍ଷମତା ଏବଂ ଆତ୍ମବିଶ୍ୱାସ ହାସଲ କରିପାରିବେ, ଯାହା ସହିତ ସେମାନେ ପୂର୍ବରୁ ପରିଚିତ ନଥିଲେ ।' ଗାନ୍ଧୀଙ୍କ ଏହି ଚିନ୍ତାଧାରାରେ ମହିଳାଙ୍କୁ କେବଳ ସହାୟତା ପ୍ରଦାନ ନୁହେଁ, ବରଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଆଜିର ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଆଦର୍ଶକୁ ବାସ୍ତବ ରୂପ ଦେବାରେ ସମର୍ଥ ହୋଇଛି ।

ଭାରତରେ ମହିଳାମାନଙ୍କୁ ସଂଗଠିତ କରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାର ପ୍ରୟାସ ବହୁ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା । ୧୯୭୨ ମସିହାରେ ଅହମ୍ମଦାବାଦରେ ସ୍ୱଂ ନିଯୁକ୍ତ ମହିଳା ସଂଘ ଗଠନ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା । ପରବର୍ତ୍ତୀ ସମୟରେ, ବିଶେଷକରି ୧୯୮୦ ଦଶକରେ, କେତେକ ଗ୍ରାମାଞ୍ଚଳରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଘର ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନ ବ୍ୟାପକ ହେବାକୁ ଲାଗିଲା ।

୧୯୯୨ ମସିହାରେ ନାବାର୍ଡ ସ୍ୱୟଂ ସହାୟକ ଗୋଷ୍ଠୀ–ବ୍ୟାଙ୍କ ସଂଯୋଗ କାର୍ଯ୍ୟକ୍ରମ ଆରମ୍ଭ କରି ଏହି ଗୋଷ୍ଠୀଗୁଡ଼ିକୁ ଆନୁଷ୍ଠାନିକ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ିବାର ପଥ ପ୍ରଶସ୍ତ କରିଥିଲା । ପ୍ରାରମ୍ଭରେ ୫୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟାଙ୍କ ସହ ଯୋଡ଼ିବା ପାଇଁ ଏହା ଏକ ପରୀକ୍ଷାମୂଳକ ପ୍ରକଳ୍ପ ଭାବେ ଆରମ୍ଭ ହୋଇଥିଲା । ଏହି ପ୍ରକ୍ରିୟାରେ ନାବାର୍ଡ ଗୋଷ୍ଠୀ ଗଠନ, ଯୋଗ୍ୟତା ମାନଦଣ୍ଡ ଓ ପରିଚାଳନା ସମ୍ବନ୍ଧୀୟ ନିୟମାବଳୀ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ନିର୍ଦ୍ଧାରିତ ନିୟମାବଳୀ ଅନୁଯାୟୀ ବ୍ୟାଙ୍କଗୁଡ଼ିକୁ ଏହି ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ କରିବାର ସୁଯୋଗ ଦେଇଥିଲା ।

ସ୍ୱୟଂ ସହାୟକ ଗୋଷ୍ଠୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ମହିଳା ସଦସ୍ୟଙ୍କୁ ଆତ୍ମନିର୍ଭରଶୀଳ ଓ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା । ଏହା ଦାରିଦ୍ର୍ୟ ସୀମା ତଳେ ବାସ କରୁଥିବା ଅବହେଳିତ ମହିଳାମାନଙ୍କ, ଯଥା ଦଳିତ, ଆଦିବାସୀ, ଦିବ୍ୟାଙ୍ଗ ଓ ବିଧବା ମହିଳାଙ୍କ ପାଇଁ ଏକ ଉପଯୁକ୍ତ ମଞ୍ଚ ଯୋଗାଇଥାଏ । ଏହା ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ହାସଲ କରିବାର ସ୍ୱପ୍ନ ପୂରଣରେ ସହାୟତା କରେ ।

ସାଧାରଣତଃ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀରେ ୧୦ରୁ ୨୦ ଜଣ ସଦସ୍ୟ ରହିଥାନ୍ତି । ସମାନ ସାମାଜିକ ଓ ଆର୍ଥିକ ପୃଷ୍ଠଭୂମିର ବ୍ୟକ୍ତିମାନଙ୍କୁ ନେଇ ଏହି ଗୋଷ୍ଠୀ ଗଠିତ ହୋଇଥାଏ । ସେମାନେ ନିୟମିତ ଭାବେ ଅଳ୍ପ ଅଳ୍ପ ସଞ୍ଚୟ କରି ଏକ ସାମୂହିକ ପାଣ୍ଠି ଗଠନ କରନ୍ତି । ଏହି ପାଣ୍ଠିରୁ ଆବଶ୍ୟକତା ଅନୁଯାୟୀ ସଦସ୍ୟମାନଙ୍କୁ ଋଣ ଦିଆଯାଏ । ଏହାଦ୍ୱାରା ଛୋଟ ଛୋଟ ଆର୍ଥିକ ଆବଶ୍ୟକତା ପାଇଁ ମହିଳାମାନେ ମହାଜନଙ୍କ ଉପରେ ନିର୍ଭର କରିବାରୁ ରକ୍ଷା ପାଆନ୍ତି । ସଞ୍ଚୟ, ଋଣ ପରିଚାଳନା, ନିୟମିତ ବୈଠକ ଓ ସାମୂହିକ ନିଷ୍ପତ୍ତି ଗ୍ରହଣ ମାଧ୍ୟମରେ ସେମାନଙ୍କ ମଧ୍ୟରେ ଆର୍ଥିକ ଶୃଙ୍ଖଳା, ନେତୃତ୍ୱ ଓ ଆତ୍ମବିଶ୍ୱାସ ବିକଶିତ ହୁଏ ।

ସ୍ୱୟଂ ସହାୟକ ଗୋଷ୍ଠୀର ବିକାଶରେ ବ୍ୟାଙ୍କଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନାବାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀ–ବ୍ୟାଙ୍କ ସଂଯୋଗ କାର୍ଯ୍ୟକ୍ରମ ଏହି ଗୋଷ୍ଠୀଗୁଡ଼ିକୁ ଆନୁଷ୍ଠାନିକ ଋଣ ବ୍ୟବସ୍ଥାରେ ସାମିଲ କରିବାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ବ୍ୟାଙ୍କଗୁଡ଼ିକ କେବଳ ଋଣ ପ୍ରଦାନ କରୁନାହାନ୍ତି ସେମାନେ ସଞ୍ଚୟ ଅଭ୍ୟାସ, ଆର୍ଥିକ ସାକ୍ଷରତା, ଋଣର ଠିକ୍ ବ୍ୟବହାର ଓ ସମୟୋଚିତ ପରିଶୋଧ ସମ୍ପର୍କରେ ମଧ୍ୟ ମାର୍ଗଦର୍ଶନ ଦେଇଥାନ୍ତି । ଏହି ସହଯୋଗ ମହିଳାମାନଙ୍କୁ କ୍ଷୁଦ୍ର ଉଦ୍ୟୋଗ ଆରମ୍ଭ କରିବା, ଆୟ ବଢ଼ାଇବା ଓ ନିଜସ୍ୱ ଆର୍ଥିକ ପରିଚୟ ସୃଷ୍ଟି କରିବାର ସୁଯୋଗ ଦେଇଛି । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସ୍ଥାୟୀ ଜୀବିକା ଅର୍ଜନ କରିବାରେ ସକ୍ଷମ କରିବା ପାଇଁ ବ୍ୟାଙ୍କ ଓ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକର ଅବଦାନ ଅତୁଳନୀୟ । ତେଣୁ ଏହି ଗୋଷ୍ଠୀଗୁଡ଼ିକର ସଫଳତା ପାଇଁ ବ୍ୟାଙ୍କ, ନାବାର୍ଡ ଓ ସରକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ଆବଶ୍ୟକ ।

ଗ୍ରାମୀଣ ମହିଳାଙ୍କ ଜୀବିକା ଓ ଆର୍ଥିକ ସଶକ୍ତୀକରଣ ପାଇଁ ୨୦୧୧ ମସିହାରେ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଆରମ୍ଭ ହୋଇଥିଲା । ଏହି ଯୋଜନା ମହିଳାମାନଙ୍କୁ ଗୋଷ୍ଠୀ ଗଠନ, ସଞ୍ଚୟ, ଋଣ, ଦକ୍ଷତା ବିକାଶ ଓ ଜୀବିକା ଉପାର୍ଜନ ସହ ଯୋଡ଼ିବାରେ ସହାୟତା କରୁଛି । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଚାଷ, ପଶୁପାଳନ, ମାଛଚାଷ, ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତଶିଳ୍ପ, ସିଲେଇ ଓ ବିଭିନ୍ନ ଘରୋଇ ଉଦ୍ୟୋଗ ମାଧ୍ୟମରେ ଆୟ ଅର୍ଜନ କରୁଛନ୍ତି । ଏହି କାର୍ଯ୍ୟକଳାପ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ମହିଳାମାନଙ୍କ ପରିବାରର ଜୀବନଧାରଣ ମାନରେ ଉନ୍ନତି ଆଣୁଛି ।

୨୦୧୪ ମସିହାରେ NRLM ପରିସରକୁ ବ୍ୟାପକ କରାଯାଇ ଏଥିରେ ଅଧିକ ସାମାଜିକ–ଆର୍ଥିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଗଲା । ଏହାର ନାମ ପରିବର୍ତ୍ତନ କରାଯାଇ 'ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା–ଜାତୀୟ ଗ୍ରାମୀଣ ଜୀବିକା ମିଶନ' ରଖାଗଲା । ଏହି ମିଶନର ଲକ୍ଷ୍ୟ ହେଉଛି ୨୦୨୩–୨୪ ସୁଦ୍ଧା ୧୦ କୋଟି ଗ୍ରାମୀଣ ଗରିବ ପରିବାରକୁ ଏହାର ପରିସରଭୁକ୍ତ କରିବା ।

୨୦୨୬ ଅଗଷ୍ଟ ମାସ ସୁଦ୍ଧା କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟ ୱେବସାଇଟରେ ଉପଲବ୍ଧ ତଥ୍ୟ ଅନୁଯାୟୀ, ସମଗ୍ର ଭାରତରେ ପ୍ରାୟ ୯୨.୩୦ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଗଠିତ ହୋଇଥିବାବେଳେ ଏଥିରେ ମୋଟ ୧୦.୦୮ କୋଟି ସଦସ୍ୟ ଅଛନ୍ତି । ଏହାଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇପାରିଛି ଏବଂ ଲକ୍ଷ ଲକ୍ଷ ଗ୍ରାମୀଣ ମହିଳାଙ୍କୁ ଆବଶ୍ୟକ ସମୟରେ ଆର୍ଥିକ ସହାୟତା ଯୋଗାଇ ଦେଉଛି ।

ସ୍ୱୟଂ ସହାୟକ ଗୋଷ୍ଠୀ–ବ୍ୟାଙ୍କ ଋଣ ସଂଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ଗୋଷ୍ଠୀଗୁଡ଼ିକ ବ୍ୟାଙ୍କରୁ ବ୍ୟବସାୟ ପାଇଁ ଋଣ ପାଇ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ୨୦୧୩–୧୪ ମସିହାରୁ ଏହି ଯୋଜନା ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ମୋଟ ୧୨.୧୮ ଲକ୍ଷ କୋଟି ଟଙ୍କାର ଆନୁଷ୍ଠାନିକ ବ୍ୟାଙ୍କ ଋଣ ପାଇପାରିଛନ୍ତି । ଏହା ଗ୍ରାମୀଣ କ୍ଷେତ୍ରରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ବହୁଳ ଭାବରେ ବୃଦ୍ଧି କରିଛି ।

ଏହି ଯୋଜନା ଅଧୀନରେ ଋଣ ନେଉଥିବା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ନିର୍ଦ୍ଦିଷ୍ଟ ନିୟମାବଳୀ ଅନୁଯାୟୀ ସୁଧ ରିହାତି ପ୍ରଦାନ କରାଯାଏ । ଏହି ଗୋଷ୍ଠୀଗୁଡ଼ିକର ଋଣ ପରିଶୋଧ ରେକର୍ଡ ମଧ୍ୟ କେନ୍ଦ୍ର ସରକାରଙ୍କ । ଏଥିରୁ ଜଣାପଡ଼େ ଯେ ଋଣ ପରିଶୋଧ ନ କରିବାର ଆଶଙ୍କା ବିପଦ (Default Risk) ତୁଳନାତ୍ମକ ଭାବେ କମ୍, ଯାହାକୁ ସରକାର ମଧ୍ୟ ପ୍ରଶଂସା କରିଛନ୍ତି । ଜୀବନଧାରଣ ମାନରେ ଉନ୍ନତି, ଜୀବିକାର ବିବିଧୀକରଣ ମାଧ୍ୟମରେ ଆୟ ବୃଦ୍ଧି ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଉପରେ ଏହି ଯୋଜନା ବିଶେଷ ଗୁରୁତ୍ୱ ଦେଇଛି । କ୍ଷୁଦ୍ର ଆର୍ଥିକ ସେବା ବ୍ୟବସ୍ଥା (Microfinance System)ର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଗତ କିଛି ବର୍ଷ ମଧ୍ୟରେ ବ୍ୟାପକ ବିସ୍ତାର ଲାଭ କରିଛନ୍ତି ।

ଓଡ଼ିଶା ରାଜ୍ୟ ପରିପ୍ରେକ୍ଷୀରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ 'ମିଶନ ଶକ୍ତି'ର ଅବଦାନ ଉଲ୍ଲେଖନୀୟ । ୨୦୦୧ ମସିହା ମାର୍ଚ୍ଚ ୮ ତାରିଖରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ରାଜ୍ୟର ଲକ୍ଷ ଲକ୍ଷ ମହିଳାଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଂଗଠିତ କରିଛି । ୨୦୧୭ ମସିହାରେ ଏଥିପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ଗଠନ କରାଯାଇଥିଲା ଏବଂ ୨୦୨୧ ଜୁନ୍ ୧ ତାରିଖରେ ଏହା ସ୍ୱତନ୍ତ୍ର ବିଭାଗର ମାନ୍ୟତା ପାଇଥିଲା । ଓଡ଼ିଶାରେ ମିଶନ ଶକ୍ତି ବିଭାଗ ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ବିଭିନ୍ନ ନିର୍ଦ୍ଦିଷ୍ଟ ଲାଭଦାୟକ ବ୍ୟବସାୟ ଆରମ୍ଭ କରିବା ପାଇଁ ୨୫,୦୦୦ ଟଙ୍କାର ସିଧାସଳଖ ଆର୍ଥିକ ଅନୁଦାନ ଦିଆଯାଏ । ଏହା ବ୍ୟତୀତ ରାଜ୍ୟରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ 'ମିଶନ ଶକ୍ତି ଋଣ ଯୋଜନା' ନାମକ ଏକ ସୁଧମୁକ୍ତ (୦ ପ୍ରତିଶତ) ଋଣ ସହାୟତା ଯୋଜନା ରହିଛି । ଏହି ସୁବିଧା ପାଇବା ପାଇଁ ଯୋଗ୍ୟ ରହିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିୟମିତ ଭାବେ ଋଣ ପରିଶୋଧ କରିବାର ଅଭ୍ୟାସ ବଜାୟ ରଖନ୍ତି । ମିଶନ ଶକ୍ତି ମହିଳାମାନଙ୍କୁ ଋଣ, ଦକ୍ଷତା ବିକାଶ, ଉଦ୍ୟୋଗ ପରିଚାଳନା ଓ ଉତ୍ପାଦ ବିକ୍ରୟ କ୍ଷେତ୍ରରେ ସହାୟତା ଯୋଗାଇ ଦେଉଛି ।

ଓଡ଼ିଶାରେ ସ୍ୱୟଂ ସହାୟକ ଗୋଷ୍ଠୀ ଋଣ କ୍ଷେତ୍ରରେ ହାରାହାରି ବ୍ୟାଙ୍କର ଅଣ–କାର୍ଯ୍ୟକ୍ଷମ ସମ୍ପତ୍ତି ହାର ପ୍ରାୟ ୧.୯୯ ପ୍ରତିଶତ । ମିଶନ ଶକ୍ତି ଏହି ହାର ହ୍ରାସ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଜାତୀୟ ସ୍ତରରେ ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ହାରାହାରି ଅନାଦେୟ ଋଣ ହାର କମ୍ ରହିଛି ।

ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କେବଳ ଆର୍ଥିକ କାର୍ଯ୍ୟକଳାପରେ ସୀମିତ ନାହାନ୍ତି । ବ୍ୟାଙ୍କଗୁଡ଼ିକର ସହଯୋଗରେ ସେମାନେ ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ଡିଜିଟାଲ୍ ମାଧ୍ୟମରେ ଆର୍ଥିକ ସେବା ପହଞ୍ଚାଇବାରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ବ୍ୟାଙ୍କ ମିତ୍ର ଭାବେ କାର୍ଯ୍ୟ କରିବା, କୋଭିଡ୍ ସମୟରେ ସାରା ଭାରତରେ ମାସ୍କ ତିଆରି କରିବା, ଟିକାକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ସରକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ସେମାନଙ୍କ ଯଥେଷ୍ଟ ଅବଦାନ ରହିଛି । ଦେଶବ୍ୟାପୀ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ କୋଟି କୋଟି ମାସ୍କ ପ୍ରସ୍ତୁତ କରିବାର ଦାୟିତ୍ୱ ଦିଆଯାଇଥିଲା, ଯାହା ସେମାନଙ୍କ କାର୍ଯ୍ୟଦକ୍ଷତାର ଏକ ଉଲ୍ଲେଖନୀୟ ଉଦାହରଣ ।

ଏହା ବ୍ୟତୀତ ଅନେକ ଗୋଷ୍ଠୀ ନିଜ ଉତ୍ପାଦକୁ ମେଳା, ପ୍ରଦର୍ଶନୀ ଓ ଅନ୍‌ଲାଇନ୍ ବଜାର ମାଧ୍ୟମରେ ବିକ୍ରୟ କରୁଛନ୍ତି । ପଞ୍ଚାୟତ ଓ ଅନ୍ୟାନ୍ୟ ସ୍ଥାନୀୟ ସଂସ୍ଥାରେ ମହିଳାଙ୍କ ଅଂଶଗ୍ରହଣ ମଧ୍ୟ ସେମାନଙ୍କ ସାମାଜିକ ନେତୃତ୍ୱକୁ ଦୃଢ଼ କରିଛି ।

ମହିଳାଙ୍କ ଆୟ ବୃଦ୍ଧି ଓ ଉଦ୍ୟୋଗ ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଲଖପତି ଦିଦି' ଯୋଜନା ମଧ୍ୟ ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହାର ଲକ୍ଷ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ବିଭିନ୍ନ ଜୀବିକା କାର୍ଯ୍ୟକଳାପ ମାଧ୍ୟମରେ ବର୍ଷକୁ ଅତି କମ୍‌ରେ ଏକ ଲକ୍ଷ ଟଙ୍କାର ସ୍ଥାୟୀ ଆୟ ଅର୍ଜନ କରିବାରେ ସହାୟତା କରିବା । ଏଥିପାଇଁ ଉପଯୁକ୍ତ ତାଲିମ, ଋଣ, ବଜାର ସଂଯୋଗ ଓ ଉଦ୍ୟୋଗ ପରିଚାଳନା ସମ୍ପର୍କିତ ଜ୍ଞାନ ଆବଶ୍ୟକ ।

ତେବେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଏବେ ମଧ୍ୟ କେତେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ଅନେକ ମହିଳାଙ୍କ ପାଖରେ ଆଧୁନିକ ଦକ୍ଷତା, ବ୍ୟବସାୟ ପରିଚାଳନାର ଜ୍ଞାନ ଓ ବଜାର ସମ୍ପର୍କିତ ସୂଚନାର ଅଭାବ ରହିଛି । କେତେକ କ୍ଷେତ୍ରରେ ବ୍ୟାଙ୍କ ଋଣ ପାଇବାରେ ବିଳମ୍ବ, କଞ୍ଚାମାଲର ଅଭାବ ଓ ଉତ୍ପାଦ ବିକ୍ରୟରେ ଅସୁବିଧା ଦେଖାଦେଉଛି । କେତେକ ଗୋଷ୍ଠୀରେ ନିୟମିତ ବୈଠକ, ସଞ୍ଚୟ ଓ ଋଣ ପରିଶୋଧରେ ମଧ୍ୟ ଶିଥିଳତା ଦେଖାଯାଏ ।

ତେବେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଏବେ ମଧ୍ୟ କେତେକ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି । ଅନେକ ମହିଳାଙ୍କ ପାଖରେ ଆଧୁନିକ ଦକ୍ଷତା, ବ୍ୟବସାୟ ପରିଚାଳନାର ଜ୍ଞାନ ଓ ବଜାର ସମ୍ପର୍କିତ ସୂଚନାର ଅଭାବ ରହିଛି । କେତେକ କ୍ଷେତ୍ରରେ ବ୍ୟାଙ୍କ ଋଣ ପାଇବାରେ ବିଳମ୍ବ, କଞ୍ଚାମାଲର ଅଭାବ ଓ ଉତ୍ପାଦ ବିକ୍ରୟରେ ଅସୁବିଧା ଦେଖାଦେଉଛି । କେତେକ ଗୋଷ୍ଠୀରେ ନିୟମିତ ବୈଠକ, ସଞ୍ଚୟ ଓ ଋଣ ପରିଶୋଧରେ ମଧ୍ୟ ଶିଥିଳତା ଦେଖାଯାଏ ।

ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାର, ବ୍ୟାଙ୍କ, ନାବାର୍ଡ ଓ ଅନ୍ୟାନ୍ୟ ସଂସ୍ଥା ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ । କେବଳ ଋଣ ପ୍ରଦାନ କରିବା ଯଥେଷ୍ଟ ନୁହେଁ ଦକ୍ଷତା ବିକାଶ, ଉତ୍ପାଦର ଗୁଣବତ୍ତା, ବ୍ରାଣ୍ଡିଂ, ବଜାର ସଂଯୋଗ ଓ ଡିଜିଟାଲ୍ ସାକ୍ଷରତା ଉପରେ ମଧ୍ୟ ସରକାରଙ୍କୁ ଗୁରୁତ୍ୱ ଦେବାକୁ ହେବ । ଏହାଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଇବା ସହ ଦୀର୍ଘକାଳୀନ ଭାବେ ଲାଭଜନକ ଉଦ୍ୟୋଗ ପରିଚାଳନା କରିପାରିବେ ।

ସ୍ୱୟଂ ସହାୟକ ଗୋଷ୍ଠୀ କେବଳ ସଞ୍ଚୟ ଓ ଋଣର ଏକ ମାଧ୍ୟମ ନୁହେଁ ଏହା ମହିଳାଙ୍କ ଆତ୍ମସମ୍ମାନ, ଆର୍ଥିକ ସ୍ୱାଧୀନତା ଓ ସାମାଜିକ ନେତୃତ୍ୱର ପ୍ରତୀକ । ଏହି ଗୋଷ୍ଠୀଗୁଡ଼ିକୁ ଦକ୍ଷତା, ଆନୁଷ୍ଠାନିକ ଋଣ ଓ ଉପଯୁକ୍ତ ବଜାର ସହ ଯୋଡ଼ାଯାଇପାରିଲେ ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ହେବା ସହ ମହିଳାଙ୍କ ଜୀବନରେ ସ୍ଥାୟୀ ପରିବର୍ତ୍ତନ ଆସିପାରିବ । ମହିଳାଙ୍କୁ ବିକାଶର ସକ୍ରିୟ ଭାଗୀଦାର ଭାବେ ଗଢ଼ିତୋଳିବା ହିଁ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରକୃତ ସଫଳତା ହେବ ।

(ଲେଖକ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜଣେ ପୂର୍ବତନ ଉପ –ମହାପ୍ରବନ୍ଧକ ଏବଂ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାର ଜଣେ ସ୍ତମ୍ଭକାର)
ମୋ: ୯୨୬୨୨୯୬୨୯୨

ଦାରିଦ୍ୟ ଦୂରୀକରଣର ସ୍ୱପ୍ନ



ସନ୍ତୋଷ କୁମାର ମିଶ୍ର

ଅନେକ ସମୟରେ ମନକୁ ପ୍ରଶ୍ନ ଆସେ ଆଧୁନିକ ବିକଶିତ ଭାରତରେ ଦାରିଦ୍ୟ ଦୂରୀକରଣ ସ୍ୱପ୍ନ କି? ଅଭିଜ୍ଞତା କୁହେ ଏହା ଏକ ଜଟିଳ ପ୍ରଶ୍ନ ଯାହାର ଉତ୍ତର ଆଜି ମଧ୍ୟ ନିର୍ଦ୍ଦିଷ୍ଟ ବା ସ୍ପଷ୍ଟ ନୁହେଁ । କିନ୍ତୁ ସରକାର ଏବଂ ପ୍ରତ୍ୟେକ ନାଗରିକ ଆବଶ୍ୟକତାଠାରୁ ଅଧିକ ଆଶାବାଦୀ ହୋଇ ଦାରିଦ୍ୟ ଦୂରୀକରଣ ପ୍ରୟାସ ପକ୍ଷରେ ଯୁକ୍ତି ବାଢିବା ବନ୍ଦ କରିନାହାନ୍ତି କି ପ୍ରକୃତ ପ୍ରୟାସ ପାଇଁ କାହାର ଆନ୍ତରିକତା ଥିବା ଭଳି ସାଧାରଣ ଜନତା ମନେ କରନ୍ତି ନାହିଁ ।

ସମାଜ ଭିତରେ ସ୍ୱଚ୍ଛଳ ବର୍ଗର ଲୋକ ନିଜ ନିଜ ବୃତ୍ତିରେ ଏତେ ବ୍ୟସ୍ତ ଯେ କୌଣସି ଗରିବ ଲୋକର ସମସ୍ୟା ପ୍ରତି ଧ୍ୟାନ ଦେବାପାଇଁ ତାଙ୍କ ପାଖରେ ହୁଏତ ସମୟର ଅଭାବ ରହିଛି ନତୁବା ସେସବୁ ପାଇଁ ଧ୍ୟାନ ଦେଇ ନିଜର ସମୟ ବରବାଦ କରିବାକୁ ସେମାନେ ଚାହାନ୍ତି ନାହିଁ । ଅନ୍ୟ ପକ୍ଷରେ ଜଣେ ଗରିବ ଲୋକ ପ୍ରତିଦିନ ତା'ର ପରିବାର ପାଇଁ ଦୁଇଓଳି ଦି'ମୁଠା ଭାତ ଯୋଗାଡ କରିବାରେ ଏତେ ବ୍ୟସ୍ତ ଯେ ସେ ନିଜର ଅସୁବିଧା, ଦାବି ବା ଦାୟିତ୍ୱ ବିଷୟରେ ବିଚାର କରିବାକୁ ସମୟ ପାଏ ନାହିଁ । ଏହା ଦେଶର ନାଗରିକମାନଙ୍କ ମଧ୍ୟରେ ନିଜସ୍ୱ ସମ୍ବଳ ତଥା ସ୍ୱରୋଜଗାରରେ ରହିଥିବା ଅସନ୍ତୁଳିତ ଆବଣ୍ଟନର ପ୍ରଭାବ ବୋଲି ମନେ କରାଯିବା ପ୍ରାୟ ଠିକ୍ ।

ଏକ ପରିସାଂଖ୍ୟିକ ଆକଳନରୁ ନାଗରିକମାନଙ୍କର ନିଜସ୍ୱ ସମ୍ବଳ ତଥା ସ୍ୱରୋଜଗାରରେ ରହିଥିବା ଅସନ୍ତୁଳିତ ଆବଣ୍ଟନର ସ୍ଥିତି ଖୁବ୍ ସ୍ପଷ୍ଟ । ଦେଶର ଧନୀଶ୍ରେଣୀରେ ଗଣାଯାଉଥିବା ଲୋକମାନଙ୍କର ତାଲିକାର ଅଗ୍ରମଣ୍ଡନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରୁ ଶତକଡା ୧୦% ଲୋକ ସମଗ୍ର ଦେଶର ଜାତୀୟ ସମ୍ବଳ ଓ ଆୟର ଶତକଡା ୫୮% ଭାଗ ଅକ୍ତିଆର କରି ରଖିଥିବା ବେଳେ, ନିମ୍ନରେ ରହିଥିବା ବ୍ୟକ୍ତିମନେ ମାତ୍ର ଶତକଡା ୧୫% ଭାଗର ଅଧିକାରୀ ହୋଇପାରିଛନ୍ତି । ଏହି ପରିସଂଖ୍ୟାନ ନିଜସ୍ୱ ସମ୍ବଳ ତଥା ସ୍ୱରୋଜଗାରରେ ରହିଥିବା ଅସନ୍ତୁଳିତ ଆବଣ୍ଟନ ଓ ତାହର ଅସମାନତାକୁ ଦୃଢୀଭୂତ କରୁଛି ।

ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାରୀ ସ୍ତରରେ ଅନେକ ଯୋଜନା ପ୍ରଣୟନ କରି ଏ ଦିଗରେ ପ୍ରଚୁର ବ୍ୟୟ ବରାଦ କାରାଯାଉଥିବା ସ୍ଥଳେ ଦେଶରେ ତଥା ଓଡ଼ିଶାରେ ଏହି ସ୍ଥିତିରେ ବିଶେଷ କିଛି ପରିବର୍ତ୍ତନ ହୋଇପାରିଥିଲା ପରି ଅନୁଭୂତ ହୁଏ ନାହିଁ । ବରଂ ଓଡ଼ିଶା ଦେଶର ଦରିଦ୍ରତମ ରାଜ୍ୟ ଭାବରେ ପରିଗଣିତ ହେବା ଚିନ୍ତାର ବିଷୟ । ଏହା ନିଶ୍ଚିତ ଯେ ଜାଣିଶୁଣି କେହି ଗରିବ ରହିବାକୁ ଚାହାନ୍ତି ନାହିଁ । ପ୍ରଣିତ ଯୋଜନାର ସୁବିଧା ସୁଯୋଗ ସମସ୍ତଙ୍କ ପାଖରେ ସମାନ ଭବରେ ପହଞ୍ଚେ ନାହିଁ । ଦେଶର ପୂର୍ବ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ପ୍ରସଙ୍ଗ କ୍ରମେ ସମ୍ବଳ ବାଟମାରଣ ହେଉଥିବାର ବିଷୟ ଉଲ୍ଲେଖ କରିଥିବା ହୁଏତ କେହି ଭୁଲିନଥିବେ । ଏହା ନିଃସନ୍ଦେହରେ ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ । ନିଜର ଆୟ ତୁଳନାରେ ଅତ୍ୟଧିକ ମାତ୍ରାରେ ସମ୍ପତ୍ତି ଠୁଳ କରିବାର ଦୁର୍ବାର ପ୍ରବୃତ୍ତି ସମ୍ବଳ ତଥା ସ୍ୱରୋଜଗାରରେ ରହିଥିବା ଅସନ୍ତୁଳିତ ଆବଣ୍ଟନକୁ ପ୍ରମାଣିତ କରୁଛି । ପ୍ରତିଦିନ ଆମେ ସମ୍ବାଦପତ୍ରରେ ପଢୁଥିବା ସରକାରୀ ବାବୁମାନଙ୍କର ଘରେ ଭିଜିଲାନ୍ସ ବିଭାଗର ଚଢଉ ଓ ତା'ର ସଫଳତାର କାହାଣୀ ଏହି କଥାକୁ ମଧ୍ୟ ପରିପୁଷ୍ଟ କରେ ।

ସମାଜରେ ଐକାନ୍ତିକ ଦାରିଦ୍ର୍ୟ ଏକ ଏପରି ସ୍ଥିତି ଯେଉଁଥିରେ ବ୍ୟକ୍ତି ତା'ର ଦୈନନ୍ଦିନ ପ୍ରାଥମିକ ଆବଶ୍ୟକତାକୁ ଯୋଗାଡ଼ କରିପାରି ନ ଥାଏ । ଖାଦ୍ୟ, ବସ୍ତ୍ର, ବାସଗୃହ, ସ୍ୱଚ୍ଛ ପିଇବା ପାଣି, ପ୍ରାଥମିକ ଶିକ୍ଷା ତଥା ପ୍ରାଥମିକ ଚିକିତ୍ସା କୌଣସି ନା କୌଣସି କାରଣରୁ ସେମାନଙ୍କ ପାଖରେ ପହଞ୍ଚି ପାରିନଥାଏ । ଏହି ସବୁ ଅବସ୍ଥାର ଉନ୍ନତୀକରଣ ପାଇଁ ଅନେକ ଯୋଜନା ହାତକୁ ନେଇଛନ୍ତି ସରକାର । କିନ୍ତୁ ଦାରିଦ୍ର୍ୟ ଦୂର ନହୋଇ ମୂଳ ସମ୍ବଳ ବାଟମାରଣା ହୋଇଯିବା ଗଭୀର ଚିନ୍ତାର ବିଷୟ । ଯେଉଁମାନେ ତଥାକଥିତ ଐକାନ୍ତିକ ଦାରିଦ୍ର୍ୟର ଶିକାର ହୋଇଛନ୍ତି ସେମାନେ ନିର୍ଦ୍ଦିଷ୍ଟ ଭାବରେ ଚରମ ଅପପୁଷ୍ଟିର ଶିକାର ହେବା ସହିତ ପର୍ଯ୍ୟାପ୍ତ ପରିମାଣର ସ୍ୱଚ୍ଛ ପିଇବା ପାଣି ଓ ପର୍ଯ୍ୟାପ୍ତ ପ୍ରଥମିକ ଚିକିତ୍ସା କିମ୍ବା ଆବଶ୍ୟକୀୟ ଔଷଧ ପାଇ ପାରନ୍ତି ନାହିଁ । ସେମାନେ ମଧ୍ୟ ଅଳିଆ ଓ ଆବର୍ଜନାର ସ୍ୱାସ୍ଥ୍ୟକର ନିଷ୍କାସନ କିମ୍ବା ପୁନଃଚକ୍ରଣ ପଦ୍ଧତି ସହିତ ସ୍ୱାସ୍ଥ୍ୟ ସୁରକ୍ଷା ସଂକ୍ରାନ୍ତ ସ୍ୱଚ୍ଛତା ଓ ତତ୍ସମ୍ବନ୍ଧିତ ନିଆ ଯାଉଥିବା ପଦକ୍ଷେପ ବା ଅଭ୍ୟାସ ପଦ୍ଧତି ବିଷୟରେ ସଚେତନତା ପ୍ରାପ୍ତ କରିପାରନ୍ତି ନାହିଁ । ପ୍ରାଥମିକ ଶିକ୍ଷା ଓ ବୈଷୟିକ ସଚେତନତାର ଅଭାବରୁ ସେହି ଗୋଷ୍ଠିର ଲୋକମାନେ ପିଢିକୁ ପିଢି ସାମାଜିକ ସ୍ତରରେ ଦୁର୍ବଳ ହୋଇଯିବାର ନଜିର ରହିଛି ।

ବର୍ତ୍ତମାନ ବିକଶିତ ଭାରତ ୨୦୪୭ର କାର୍ଯ୍ୟକ୍ରମ ହୁଏତ ଦାରିଦ୍ର୍ୟ ଦୂରୀକରଣର ବାହକ ହୋଇପାରିବ ବୋଲି ଅନ୍ତତଃ ଆମେମାନେ ପୁନଃ ଆଶା କରିବା । ସରକାରୀ କାର୍ଯ୍ୟକ୍ରମକୁ ଆଗେଇନେବାର ଗୁରୁ ଦାୟିତ୍ୱ ବହନ କରୁଥିବା ଅଧିକାରୀ ଓ ନେତାମାନଙ୍କ ଉପରେ ସାଧାରଣ ଜନତା ତୀକ୍ଷ୍ଣ ନଜର ରଖିବା ଉଚିତ ।

ବର୍ତ୍ତମାନ ବିକଶିତ ଭାରତ ୨୦୪୭ର କାର୍ଯ୍ୟକ୍ରମ ହୁଏତ ଦାରିଦ୍ର୍ୟ ଦୂରୀକରଣର ବାହକ ହୋଇପାରିବ ବୋଲି ଅନ୍ତତଃ ଆମେମାନେ ପୁନଃ ଆଶା କରିବା । ସରକାରୀ କାର୍ଯ୍ୟକ୍ରମକୁ ଆଗେଇନେବାର ଗୁରୁ ଦାୟିତ୍ୱ ବହନ କରୁଥିବା ଅଧିକାରୀ ଓ ନେତାମାନଙ୍କ ଉପରେ ସାଧାରଣ ଜନତା ତୀକ୍ଷ୍ଣ ନଜର ରଖିବା ଉଚିତ । ହୋଇପାରେ ସରକାରୀ ଅର୍ଥ ଆତ୍ମସାତ କରୁଥିବା ବ୍ୟକ୍ତି, ତାଙ୍କୁ ସହାୟତା କରୁଥିବା ନେତା ଓ ଅଧିବକ୍ତା ତଥା କିଛି ଚଣ୍ଡିଚାମୁଣ୍ଡାଙ୍କ ପ୍ରତି ସାଧାରଣ ଜନତା ତଙ୍କର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ କରିବାର ଆବଶ୍ୟକତା ନିଶ୍ଚୟ ରହିଛି ବୋଲି ମନେ କରିବାକୁ ଆମେ ବାଧ୍ୟ । ଆଶା କରିବା ଆମେ ସମସ୍ତେ ଯେପରି ସୁଧୁରି ଯିବା ।

ଓଗାଳପଡା, ଜାଆଁଳା, ଖୋର୍ଦ୍ଧା
ମୋ: ୮୧୪୪୧୪୫୨୯୧

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ମାଡ଼ି ଆସୁଛି...

ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ସେହିପରି ୩ ତାରିଖରେ ବର୍ଷାର ପରିମାଣ ବଢ଼ିବ। ରାୟଗଡା, କୋରାପୁଟ, ମାଲକାନାଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏହାସହ କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ୪ରେ ରାୟଗଡ଼ା, କୋରାପୁଟ, ମାଲକାନାଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ବରଗଡ଼, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଇଣ୍ଡିମେଣ୍ଟର...

ତେବେ ବିରୋଧୀ ନେତାମାନେ ଏଭଳି ଚାପରେ ଡରିବେ ନାହିଁ ବୋଲି ସେ କହିଛନ୍ତି । ଭୋଟ୍ ଅଧିକାର ଓ ନିର୍ବାଚନ ପ୍ରକ୍ରିୟା ସହ ଜଡ଼ିତ ପ୍ରସଙ୍ଗରେ ବିରୋଧୀ ନିଜ ଲଢ଼େଇରୁ ପଛକୁ ହଟିବେ ନାହିଁ ବୋଲି ଖଡଗେ ସ୍ପଷ୍ଟ କରିଛନ୍ତି । ଏହି ରାଲିରେ ଖଡଗେ ମହାରାଷ୍ଟ୍ର, ବିହାର ଓ ଉତ୍ତରପ୍ରଦେଶ ସରକାରଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି । ଏହି ରାଜ୍ୟଗୁଡ଼ିକରେ ଜନମତ ବଦଳରେ ନିର୍ବାଚନୀ ଅନିୟମିତତା ଜରିଆରେ କ୍ଷମତା ହାସଲ କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ଏଭଳି ସରକାରଙ୍କୁ ହଟାଇବା ଆବଶ୍ୟକ ବୋଲି ସେ ନିଜ ମତ ରଖିଛନ୍ତି ।ଦିଲ୍ଲୀର ରାମଲୀଳା ମୈଦାନରେ ହୋଇଥିବା ଏହି ମହାରାଲିରେ ଇଣ୍ଡିମେଣ୍ଟର ବିଭିନ୍ନ ଦଳର ନେତା ଓ କର୍ମୀ ଯୋଗ ଦେଇଥିଲେ । ମିଣ୍ଟୋ ରୋଡରୁ ଶୋଭାଯାତ୍ରାରେ ଆସି ନେତା ଓ କର୍ମୀମାନେ ରାମଲୀଳା ମୈଦାନରେ ପହଞ୍ଚିଥିଲେ। ମଞ୍ଚରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ମମତା ବାନାର୍ଜୀ ଓ ତେଜସ୍ୱୀ ଯାଦବଙ୍କ ସମେତ ଅନେକ ବିରୋଧୀ ନେତା ଉପସ୍ଥିତ ଥିଲେ ।'

ଭୋଟ୍ ବଚାଓ, ଦେଶ ବଚାଓ ନାରାରେ ଆୟୋଜିତ ଏହି ରାଲିର ମୁଖ୍ୟ ପ୍ରସଙ୍ଗ ଥିଲା ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ ଏବଂ ନିର୍ବାଚନ ପ୍ରକ୍ରିୟାରେ କଥିତ ଅନିୟମିତତା । ନିର୍ବାଚନ କମିଶନଙ୍କ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠାଇବା ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା, ଏସଆଇଆର ପ୍ରକ୍ରିୟା ବନ୍ଦ ଏବଂ ପେପର ବ୍ୟାଲଟ୍ ବ୍ୟବସ୍ଥା ଫେରାଇ ଆଣିବାକୁ ଦାବି କରିଛନ୍ତି ବିରୋଧୀ ଦଳଗୁଡ଼ିକ । ଶେଷରେ ଖଡଗେ ସମସ୍ତ ବିରୋଧୀ ଦଳର ନେତା ଓ କର୍ମୀଙ୍କୁ ଏକଜୁଟ୍ ହୋଇ ଲଢ଼େଇ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି ।

ଗତକାଲି ଖଡ଼ଗେଙ୍କ ବାସଭବନରେ 'ସିଇସିଦ ଙ୍କ ବିରୋଧରେ ଆଗତ ପ୍ରତୀକାତ୍ମକ ମହାଭିଯୋଗ ପ୍ରସ୍ତାବ ପରେ ଏହି ରାଲି ଅଧିକ ଆକ୍ରାମକ ହୋଇଛି, ଯେଉଁଥିରେ ୧୩.୨ କୋଟି ଭୋଟରଙ୍କ ନାମ ବାଦ୍ ଦିଆଯିବା ନେଇ ଅଭିଯୋଗ ଅଣାଯାଇଛି । ତେବେ "କୋକରୋଚ୍ ଜନତା ପାର୍ଟି" (ସିଜେପି) ର ସଂସ୍ଥାପକ ଅଭିଜିତ୍ ଦୀପକେ ବିରୋଧୀଙ୍କୁ ନୈତିକ ସମର୍ଥନ ଜଣାଇଥିଲେ ହେଁ, ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିବାକୁ ଏହି ରାଲିରୁ ଦୂରେଇ ରହିଛନ୍ତି ।

ଏହି ଆନ୍ଦୋଳନକୁ କାଉଣ୍ଟର କରିବା ପାଇଁ ବିଜେପି ପକ୍ଷରୁ ପଶ୍ଚିମ ଦିଲ୍ଲୀର ହରି ନଗରରୁ ତିଲକ ନଗର ପର୍ଯ୍ୟନ୍ତ ଶିଖ୍ ବିରୋଧୀ ଦଙ୍ଗାର ଶହୀଦମାନଙ୍କ ସ୍ମରଣରେ ପ୍ରତିବାଦ ମାର୍ଚ୍ଚ କରାଯାଉଛି, ଯାହାର ନେତୃତ୍ୱ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏବଂ ବାଂସୁରୀ ସ୍ୱରାଜ ନେଉଛନ୍ତି। ରାଜଧାନୀରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଦିଲ୍ଲୀ ପୁଲିସ ଓ ସିଆରପିଏଫର ୧୦,୦୦୦ ରୁ ଊର୍ଦ୍ଧ୍ୱ ଯବାନଙ୍କୁ ନିୟୋଜିତ କରାଯାଇଛି ।

ମାଡିଗଲା ବସ୍...

କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ହସ୍ପିଟାଲ ସୂତ୍ରରୁ ଖବର ମିଳିଛି । କ୍ରିଷ୍ଟା ଟାୱାର ପାଖରେ ଘରୋଇ ବସ୍ କ୍ରମାଗତ ତିନୋଟି ଦୁର୍ଘଟଣା ଘଟାଇବା ପୂର୍ବରୁ ଆଉ ଦୁଇଟି ଦୁର୍ଘଟଣା ଘଟାଇଥିବା ବେଳେ କ୍ଷୟକ୍ଷତି କିଛି ହୋଇନଥିବା ଖବର ମିଳିଛି । ଘରୋଇ ବସ୍ ରାଜଧାନୀ ରାସ୍ତାରେ ହିଟ୍ ଆଣ୍ଡ ରନ୍ ଭଳି ଘଟଣା ସକାଳୁ ସକାଳୁ ଘଟାଇବାକୁ ନେଇ ସବୁଆଡେ ଚର୍ଚ୍ଚା ହେଉଛି । ବସ୍‌କୁ ପୋଲିସ ପିଛା କରିବାରୁ ଡ୍ରାଇଭର ବସ୍‌କୁ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ନନେଇ ଖଣ୍ଡଗିରି ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲା । ନୟାପଲ୍ଲୀ ଥାନା ପୋଲିସ ଦୁର୍ଘଟଣାଜନିତ ମାମଲା ରୁଜୁ କରି ବସ୍‌କୁ ଜବତ କରିବା ସହ ଡ୍ରାଇଭର ମୁର୍ସାଦ ଅଲ୍ଲୀକୁ ଗିରଫ କରି କୋର୍ଟଚାଲାଣ କରିଛି । କେଉଁ କାରଣ ପାଇଁ ଡ୍ରାଇଭର ବସ୍‌କୁ ଏତେ ଦୁ୍ ଗତିରେ ଚଳାଇ ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ଘଟାଇଲା ତାହା ସ୍ପଷ୍ଟ ଜଣାପଡିନାହିଁ ।

ବନ୍ୟା ବିପନ୍ନଙ୍କ...

ତା'ଠାରୁ ଅଧିକ ଫସଲ ହାନି ସହିଥିବା ସମସ୍ତ ଚାଷୀଙ୍କୁ ସର୍ବାଧିକ ୨ ହେକ୍ଟର ପର୍ଯ୍ୟନ୍ତ ଇନପୁଟ୍ ସବସିଡି ଦିଆଯିବ । ଅଣ-ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଅଞ୍ଚଳରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ସହାୟତା ଦିଆଯିବ । ବାରମାସୀ ଫସଲ ପାଇଁ ସର୍ବନିମ୍ନ ଇନପୁଟ ସହାୟତା ୨୫୦୦ଟଙ୍କା, ଜଳସେଚିତ ଅଞ୍ଚଳ ପାଇଁ ୨୦୦୦ ଟଙ୍କା ଏବଂ ଅଣ-ଜଳସେଚିତ ଅଞ୍ଚଳ ପାଇଁ ସବନିମ୍ନ ୧୦୦୦ ଟଙ୍କା ଦିଆଯିବ । ଜମିରୁ ବାଲି କିମ୍ବା ପଟୁ ମାଟି ହଟାଇବା ପାଇଁ ହେକ୍ଟର ପିଛା ୧୮,୦୦୦ ଟଙ୍କା ହାରରେ ସହାୟତା ପ୍ରଦାନ କରାଯିବ ଏବଂ ପ୍ରତ୍ୟେକ ଚାଷୀଙ୍କୁ ସର୍ବନିମ୍ନ ସହାୟତା ରାଶି ୨,୨୦୦ ଟଙ୍କା ଦିଆଯିବ ।

ବାତ୍ୟା "ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ଚାଷୀମାନଙ୍କୁ ୧,୨୦,୦୦୦ ସଂଖ୍ୟକ ଡାଲି ଜାତୀୟ ମିନିକିଟ୍, ୫,୦୦୦ ତୈଳବୀଜ ଏବଂ ୫୦,୦୦୦ ପନିପରିବା ମଞ୍ଜି କିଟ୍ ଦିଆଯିବ । ସର୍ବମୋଟ ୧,୭୫,୦୦୦ ସ୍ୱତନ୍ତ୍ର ମିନିକିଟ୍ ଯୋଗାଇ ଦିଆଯିବ । ଆଖୁ ଚାଷ ହେଉଥିବା ୨,୦୦୦ ହେକ୍ଟର ପ୍ରଭାବିତ ଅଞ୍ଚଳରେ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ସ୍ପେସ୍ ଟ୍ରାନ୍ସପ୍ଲାଣ୍ଟିଂ ପଦ୍ଧତି ପ୍ରଦର୍ଶନ ପାଇଁ ହେକ୍ଟର ପିଛା ୨୭,୫୦୦ ଟଙ୍କା କିମ୍ବା ରେଟୁନ୍ ଫସଲ ପରିଚାଳନା ପାଇଁ ହେକ୍ଟର ପିଛା ୧୨,୫୦୦ ଟଙ୍କା ହାରରେ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ । ରବି ଋତୁ ୨୦୨୬-୨୭ ସମୟରେ କୀଟନାଶକ ଏବଂ ଜୈବ-କୀଟନାଶକ ଉପରେ ୭୫% ସବସିଡିର ବ୍ୟବସ୍ଥା କରାଯିବ ।

ଆଂଶିକ ଭାବେ କ୍ଷତିଗ୍ରସ୍ତ ପାମା ଘର ପାଇଁ ୬୫୦୦ ଟଙ୍କା ଏବଂ ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪୦୦୦ ଟଙ୍କା ସହାୟତା ଦିଆଯିବ । କ୍ଷତିଗ୍ରସ୍ତ କୁଡ଼ିଆ ଘର ପାଇଁ ୮୦୦୦ଟଙ୍କା ଓ ଗୁହାଳ ପାଇଁ ୩,୦୦୦ ଟଙ୍କା ସହାୟତା ମିଳିବ । ଯେଉଁ ପରିବାରଗୁଡ଼ିକର ଘର ଭାସି ଯାଇଛି କିମ୍ବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି କିମ୍ବା ଦୁଇ ଦିନରୁ ଅଧିକ ସମୟ ଧରି ଜଳମଗ୍ନ ହୋଇ ରହିଛି, ସେହି ପରିବାରଗୁଡ଼ିକୁ ପୋଷାକ ପତ୍ର ପାଇଁ ୨,୫୦୦ ଟଙ୍କା ଏବଂ ବାସନକୁସନ ପାଇଁ ୨,୫୦୦ ଟଙ୍କା ସହାୟତା ପ୍ରଦାନ କରାଯିବ । ଗୃହପାଳିତ ପ୍ରାଣୀ ହରାଇଥିବା ଚାଷୀଙ୍କୁ ଦୁଧିଆଳି ଗାଈ ମଇଁଷି ଆଦି ପ୍ରାଣୀର ମୃତ୍ୟୁ ପାଇଁ ୩୭,୫୦୦ ଟଙ୍କା ଏବଂ ମେ଼ା, ଛେଳି, ଘୁଷୁରି ପାଇଁ ୪,୦୦୦ ଟଙ୍କା ପ୍ରଦାନ କରାଯିବ ।

ସେହିପରି ଭାରବାହୀ ପଶୁ ଯଥା ଓଟ, ଘୋଡ଼ା, ବଳଦ ଇତ୍ୟାଦି ପାଇଁ ୩୨,୦୦୦ ଟଙ୍କା ଏବଂ ଛୋଟ ଭାରବାହୀ ପଶୁ ଯଥା ବାଛୁରୀ, ଗଧ, ଟଟୁ ଘୋଡ଼ା, ଖଚର ଆଦି ପାଇଁ ୨୦,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ । କୁକୁଡ଼ା ପିଛା ୧୦୦ ଟଙ୍କା ଭାବରେ ସର୍ବାଧିକ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ । ୧,୦୦୦ ଜଣ ଚାଷୀଙ୍କୁ ଛେଳି କିମ୍ବା ବଳଦ ଆଦି ଯୋଗାଇ ଦେବାରେ ସହାୟତା କରିବା ପାଇଁ ସବସିଡି ପ୍ରଦାନ କରାଯିବ ।

କ୍ଷତିଗ୍ରସ୍ତ ମାଛ ଚାଷୀ ମାନଙ୍କ ପାଇଁ ହେକ୍ଟର ପିଛା ୧,୧୨,୫୦୦ ଟଙ୍କା ହାରରେ ୭୫% ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ । ସମ୍ପୂର୍ଣ୍ଣ ଏବଂ ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପାଇଁ ୨୨,୫୦୦ ଟଙ୍କା ଏବଂ ଜାଲ ପାଇଁ ୧୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ । ସାମୁଦ୍ରିକ ଏବଂ ଚିଲିକା ମତ୍ସ୍ୟଜୀବୀମାନଙ୍କୁ ସମ୍ପୂର୍ଣ୍ଣ ଏବଂ ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପାଇଁ ୬୦,୦୦୦ ଟଙ୍କା ଏବଂ ଜାଲ ପାଇଁ ୧୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ ।

ଯେଉଁ ମାଛ ଚାଷୀମାନଙ୍କର ପୋଖରୀ ବନ୍ଧ ଭାଙ୍ଗିଯାଇଛି କିମ୍ବା ମାଟି କ୍ଷୟ ହୋଇଛି, ସେମାନଙ୍କୁ ସହାୟତା ପ୍ରଦାନ କରାଯିବ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚଜି) ଦ୍ୱାରା ଲିଜ୍ ସୂତ୍ରରେ ନିଆଯାଇଥିବା କମ୍ୟୁନିଟି ପୋଖରୀ ପାଇଁ ମଧ୍ୟ ସହାୟତା ଦିଆଯିବ । ହେକ୍ଟର ପିଛା ସର୍ବାଧିକ ୧,୭୫,୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ଦିଆଯିବ ।

ପ୍ରଭାବିତ ଏମଏସଏମଇ, ବ୍ୟବସାୟୀ, ଦୋକାନୀ, ଉଠାଦୋକାନୀ ଏବଂ ଅନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନକୁ ସହାୟତା ଦିଆଯିବ । କ୍ଷତିଗ୍ରସ୍ତ ଏମଏସଏମଇ, ବ୍ୟବସାୟୀ ଓ ଦୋକାନୀମାନଙ୍କୁ ସର୍ବାଧିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଯୋଗାଇ ଦିଆଯିବ । ଏହି ଋଣରେ ସର୍ବାଧିକ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨୫ ପ୍ରତିଶତ ସବସିଡି ଦିଆଯିବ । ଏହି ସବସିଡି ପରିମାଣ ରାଜ୍ୟ ସରକାର ସିଧାସଳଖ ବ୍ୟାଙ୍କ ଗୁଡ଼ିକୁ ଯୋଗାଇଦେବେ ।

ଉଠା ଦୋକାନୀ, ଅସ୍ଥାୟୀ ଷ୍ଟଲ୍ କିମ୍ବା କିଓସ୍କୋ ପାଇଁ ୧୦,୦୦୦ ଟଙ୍କା ଏବଂ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ୨୫,୦୦୦ ଟଙ୍କା ସହାୟତା ଦିଆଯିବ । ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ସମସ୍ତ ଯୋଗ୍ୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫୦୦୦ ଟଙ୍କାର ଅତିରିକ୍ତ ସିଡ୍ ମନି ପ୍ରଦାନ କରାଯିବ । ହସ୍ତଶିଳ୍ପ, ହସ୍ତତନ୍ତ କ୍ଷେତ୍ର ଅଧୀନରେ, ବୁଣାକାର ଓ କାରିଗରମାନଙ୍କୁ ସେମାନଙ୍କର ଯନ୍ତ୍ରପାତି ଓ ଉପକରଣ ବଦଳାଇବା ପାଇଁ ବ୍ୟକ୍ତି ପିଛା ୫,୦୦୦ ଟଙ୍କା ଏବଂ ସାମଗ୍ରୀ ନଷ୍ଟ ପାଇଁ କାରିଗର ପିଛା ୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯିବ । ପ୍ରଭାବିତ ରେଶମ ଚାଷୀମାନଙ୍କ ମଧ୍ୟରୁ ଏରି, ମଲବେରୀ, ଟସର ଚାଷୀଙ୍କୁ ହେକ୍ଟର ପିଛା ୬,୦୦୦ ଟଙ୍କା ଏବଂ ମୁଗା ଚାଷୀଙ୍କୁ ହେକ୍ଟର ପିଛା ୭୫୦୦ ଟଙ୍କା ଇନପୁଟ ସହାୟତା ଦିଆଯିବ । ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ପାଳନ ଗୃହଗୁଡ଼ିକ ପାଇଁ ପ୍ରଭାବିତ ରେଶମ ଚାଷୀମାନଙ୍କୁ ୧,୭୫,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ ।

ଏହା ସହିତ ଓଡ଼ିଶା ଉଠା ଜଳସେଚନ ନିଗମ, ସମସ୍ତ ପ୍ରଭାବିତ ଗ୍ରାମଗୁଡ଼ିକରେ ପ୍ରାଥମିକତା ଭିତ୍ତିରେ ଉଠା ଜଳସେଚନ ପଏଣ୍ଟଗୁଡ଼ିକର ମରାମତି ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ । ରବି ଋତୁ ପୂର୍ବରୁ ସମସ୍ତ ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ରାଷ୍ଟ୍ରୀୟ ଏକତା ଦିବସରେ ଶପଥପାଠ



ନୟାଗଡ଼,(ସବ୍ୟୁ) : ନୟାଗଡ ପୌର ପରିଷଦ ପକ୍ଷରୁ ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି । ଏହି ଅବସରରେ ପୌରାଞ୍ଚଳ ନିର୍ବାହୀ ଅଧିକାରୀ ଓ କର୍ମଚାରୀଗଣ ସାମୂହିକ ଶପଥପାଠ କରିଛନ୍ତି । ପୌର ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ରାଷ୍ଟ୍ରୀୟ ଏକତା ଦିବସ ସମାରୋହରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଏବଂ ପରିଷଦର କର୍ମଚାରୀ ରାଷ୍ଟ୍ରୀୟ ଏକତାର ଶପଥ ପାଠ କରିଥିଲେ । ଭାରତ ମାଟିର ମହାନ କ୍ରାନ୍ତିକାରୀ ଜନନାୟକ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜନ୍ମ ଦିବସରେ ରାଷ୍ଟ୍ରୀୟ ଏକତା ଭାବଧାରାକୁ ଅଧିକ ମଜବୁତ କରିବା ପାଇଁ କର୍ମଚାରୀନେ ସପଥ ଗ୍ରହଣ କରିଥିଲେ । ପ୍ରତ୍ୟେକ ନାଗରିକ ନିଜ ମଧ୍ୟରେ ଜାତୀୟତା ଭାବ ଜାଗ୍ରତ କରିବା ଉଚିତ ବୋଲି ନିର୍ବାହୀ ଅଧିକାରୀ ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ । ସେହିଭଳି ପ୍ରତ୍ୟେକ ସରକାରୀ କର୍ମଚାରୀ ନାଗରିକ ଙ୍କୁ ଉତ୍ତମ ତଥା ଶ୍ରେଷ୍ଠ ସେବା ଯୋଗାଇ ଦେବା ସହ ରାଷ୍ଟ୍ରୀୟ ଏକତା ପ୍ରତି ସମର୍ପିତ ରହିବାକୁ ନିର୍ବାହୀ ଅଧିକାରୀ ଆଚାର୍ଯ୍ୟ କର୍ମଚାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଶପଥଗ୍ରହଣ ଉତ୍ସବରେ ପୌର ପରିଷଦର କର୍ମଚାରୀ ଗଣ ସକ୍ରିୟ ସାମିଲ ରହିଥିଲେ ।



ରବିବାର ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ପରିସ୍ଥିତିର ସମୀକ୍ଷା କରୁଛନ୍ତି ।

ବୁଲେଟ୍ ଟ୍ରେନ୍...

ଯାତ୍ରା ସମୟରେ ମିଳିବାକୁ ଥିବା ଆରାମ ଓ ସୁବିଧା ପରଖିଥିଲେ। ଏଥିସହ ଟ୍ରେନ୍‌ର ଶୀତତାପ ନିୟନ୍ତ୍ରଣ ଓ ବାୟୁ ଚଳାଚଳ ବ୍ୟବସ୍ଥା, କପଲର୍ ଏବଂ ଅନ୍ୟାନ୍ୟ ରେଳ ଉପକରଣ ଓ ଆସେମ୍ବ୍ଲିର କାର୍ଯ୍ୟ ମଧ୍ୟ ଅନୁଧ୍ୟାନ କରିଥିଲେ।ଏହାବ୍ୟତୀତ ବଗିର ପାର୍ଶ୍ୱ (ସାଇଡ୍ ମଡ୍ୟୁଲ) ଓ ରୁଫ୍ ମଡ୍ୟୁଲର ନିର୍ମାଣକାର୍ଯ୍ୟ ସହ ସେଗୁଡ଼ିକର ସଂଯୋଗ ଓ ଆସେମ୍ବ୍ଲି ପ୍ରକ୍ରିୟା ମଧ୍ୟ ରେଳମନ୍ତ୍ରୀ ଦେଖିଥିଲେ।

ଜେଲ୍ ଡିଜି...

ଦାୟିତ୍ୱ ନିର୍ବାହ କରିବେ। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୨୦୧୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ସାରା ଶର୍ମାଙ୍କୁ ଭିଜିଲାନ୍ସ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ଝାରସୁଗୁଡ଼ା ଏସ୍ପି ଶ୍ରୀ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କୁ କଟକ ସ୍ଥିତ ପୁଲିସ ମୁଖ୍ୟାଳୟକୁ ଏଆଇଜି ଭାବେ ବଦଳି କରାଯାଇଛି। ସେହିପରି ନୂଆପଡ଼ା ଏସ୍ପି ଅମୃତପାଲ ସିଂହଙ୍କୁ କଟକ ସ୍ଥିତ ରାଜ୍ୟ ପୁଲିସ ପୁଲିସ ମୁଖ୍ୟାଳୟକୁ ଏସ୍ପି ଭାବେ ବଦଳି କରାଯାଇଛି।

ଖୋର୍ଦ୍ଧାରେ ଅତିରିକ୍ତ ଏସ୍ପି ଭାବେ କାର୍ଯ୍ୟ କରୁଥିବା ୨୦୨୨ ବ୍ୟାଚ୍‌ର ଆଇପିଏସ୍ ଅଫିସର ସୋନାଲି ସିଂହ ପାରମରଙ୍କୁ ଝାରସୁଗୁଡ଼ା ଏସ୍ପି ଭାବେ ବଦଳି କରାଯାଇଛି। କଟକ ସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଏଆଇଜି ଭାବେ କାର୍ଯ୍ୟ କରୁଥିବା ଓପିଏସ୍ ଅଫିସର ତପନ ନାରାୟଣ ରଥଙ୍କୁ ନୂଆପଡ଼ା ଏସ୍ପି ଭାବେ ବଦଳି କରାଯାଇଛି।

୨୦୨୬-୨୭...

ସେପ୍ଟେମ୍ବର ୨୯ରୁ ବିକ୍ରି ପାଇଁ ଉପଲବ୍ଧ ହୋଇଛି। ଏହି ପୁସ୍ତକଗୁଡ଼ିକୁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ କିଣିପାରିବେ।

ନୂଆ ପୁସ୍ତକ କିଣିବା ପାଇଁ ଏନସିଇଆରଟି ପକ୍ଷରୁ ଏକାଧିକ ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀମାନେ ଏନସିଇଆରଟିର ପ୍ରକାଶନ ବିଭାଗର ବିକ୍ରୟ କେନ୍ଦ୍ର, ଅଧିକୃତ ପୁସ୍ତକ ବିକ୍ରେତା ଏବଂ ସଂସ୍ଥାର ଅଫିସିଆଲ୍ ୱେବସାଇଟ୍ ମାଧ୍ୟମରେ ବହି କିଣିପାରିବେ। ଏହାବ୍ୟତୀତ ଆମାଜନ୍‌ରେ ମଧ୍ୟ ଏହି ପୁସ୍ତକ ଉପଲବ୍ଧ ରହିଛି। ତେଣୁ ଘରେ ବସି ଅନଲାଇନ୍‌ରେ ମଧ୍ୟ ଅଭିଭାବକମାନେ ନିଜ ପିଲାଙ୍କ ପାଇଁ ବହି କିଣିପାରିବେ।

କେବଳ ପୁସ୍ତକର ପରିବର୍ତ୍ତନ ନୁହେଁ, ନୂଆ ପାଠ୍ୟକ୍ରମରେ ଶିକ୍ଷାଦାନର ଶୈଳୀକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏନଇପି ୨୦୨୦ ଓ ଏନସିଏଫ୍-ଏସଇ ୨୦୨୩ ଅନୁଯାୟୀ ପ୍ରସ୍ତୁତ ଏହି ପୁସ୍ତକଗୁଡ଼ିକରେ ଦକ୍ଷତାଭିତ୍ତିକ ଶିକ୍ଷା, ଅନୁଭୂତିମୂଳକ ଶିକ୍ଷା, ବିଭିନ୍ନ ବିଷୟ ମଧ୍ୟରେ ସମନ୍ୱୟ, ଭାରତୀୟ ଜ୍ଞାନ ପରମ୍ପରା ଓ ପ୍ରଯୁକ୍ତିଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ପିଲାମାନେ କେବଳ ପାଠ ମନେ ରଖିବା ପରିବର୍ତ୍ତେ ବିଷୟଗୁଡ଼ିକୁ ବୁଝିବା ଓ ବ୍ୟବହାରିକ ଜ୍ଞାନ ହାସଲ କରିବାର ସୁଯୋଗ ପାଇବେ। ଅନ୍ୟପଟେ, ନୂଆ ବହି ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ପୁରୁଣା ପାଠ୍ୟପୁସ୍ତକ ବଦଳରେ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ନିର୍ଦ୍ଧାରିତ ନୂଆ ସଂସ୍କରଣ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ପୁସ୍ତକର ଡିଜିଟାଲ୍ ସଂସ୍କରଣ ଓ ଅନ୍ୟାନ୍ୟ ଶିକ୍ଷାଗତ ସୂଚନା ପାଇଁ ଏନସିଇଆରଟିର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ। ନୂଆ ପାଠ୍ୟକ୍ରମ ଅନୁଯାୟୀ ପାଠପଢ଼ା ଆରମ୍ଭ କରିବା ପୂର୍ବରୁ ନିଜ ବିଦ୍ୟାଳୟ ସହ ମଧ୍ୟ ଯୋଗାଯୋଗ କରିବା ଜରୁରି।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.ELS-ANGL-OT-26-27-13

କାର୍ଯ୍ୟର ନାମ: ଅନୁଗୁଳ ସ୍ଥିତ ବିଦ୍ୟୁତ୍ ଲୋକୋ ସେଡ୍‌ରେ କନଭେନସନାଲ ଏବଂ ତିନି ଫେଜ୍ ବିଦ୍ୟୁତ ଇଞ୍ଜିନ ଗୁଡ଼ିକର (ଲୋକୋମୋଟିଭ) ଟ୍ରାକ୍ସନ ମୋଟରକୁ ଖୋଲିବା, ସଫା କରିବା ଏବଂ ସାମାନ୍ୟ ମରାମତି କାର୍ଯ୍ୟ।

ବିଜ୍ଞାପିତ ମୂଲ୍ୟ: ₹15,24,530.30, EMD : ₹30,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹2,360/-, ଶେଷ ହେବା ଅବଧି: 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.06.11.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.20.11.2026ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୁଳ

PR- 528/R/26-27

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ: eT-M-RS-MP-50-PUI-2026

କାର୍ଯ୍ୟର ନାମ: ଦୁଇ ବର୍ଷର ଅବଧି ଲାଗି ପୁରୀ କୋଚିଂ ଡିପୋଠାରେ ରୋଲିଂ ଷ୍ଟକର ରକ୍ଷଣାବେକ୍ଷଣ ନିମନ୍ତେ ଆଉଟସୋର୍ସିଂ ଭିତ୍ତିରେ ମାନବ ସମ୍ବଳ ନିଯୁକ୍ତି।

ବିଜ୍ଞାପିତ ମୂଲ୍ୟ : ₹10,66,41,481.35, EMD: ₹6,83,200.00, ଟେଣ୍ଡର ନଥିପତ୍ରର ମୂଲ୍ୟ: ₹11,800, ଶେଷ ହେବା ଅବଧି: 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା 04.11.2026 ରିଖ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.18.11.2026 ରିଖ 13:00 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍: www.ireps.gov.in ରେ ଉପଲବ୍ଧ ଅଟେ।

ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର/ ପୁରୀ

PR-523/R/26-27

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,

13001/2315/2627 ଫୋନ୍ : (୦୬୭୪) ୨୩୯୩୫୨୪

ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

ପତ୍ର ସଂଖ୍ୟା ୨୩୪ **ବିଜ୍ଞାପନ** ତା : ୨୨.୧୦.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମ୍‌ଆଇଜି-୧୩ (MIG-13), ଏସ୍.ଏଚ୍.ଏସ୍, ବଡ଼ପାତ୍ରପଲ୍ଲୀ, ଫେଜ୍-୧, ସୁନ୍ଦରଗଡ଼ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ବିଶ୍ୱନାଥ ନାଏକ, ପିତା-ଅଶ୍ୱିନୀ ନାଏକ, ସା/ପୋ-ମଙ୍ଗସପୁର, ଥାନା-ଭଷ୍ମା, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବିଶ୍ୱନାଥ ନାଏକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ହରିହର ପତି, ପିତା-ଶ୍ରୀ ନାରାୟଣ ଚନ୍ଦ୍ର ପତି, ସା-ହାଉସିଂବୋର୍ଡ଼ କଲୋନୀ, ବଡ଼ପାତ୍ରପଲ୍ଲୀ, ଫେଜ୍-୧, ପୋ/ଥାନା-ସୁନ୍ଦରଗଡ଼, ଜିଲ୍ଲା-ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0325

କଳା ପଲସର ଆତଙ୍କ : ଲୁଟିଲେ ୮୫ ହଜାର ଟଙ୍କା , ମୋବାଇଲ

ଭାପୁର,(ସବ୍ୟୁ): ଦସ୍ତା ପ୍ଲେଟ ବ୍ୟବସାୟୀଙ୍କ ଘରେ ଦେଇ ଫେରୁଥିବା ଏକ ଅଟୋକୁ ଜଙ୍ଗଲ ମଧ୍ୟରେ ଦୁଇ ଯୁବକ କଳା ପଲସରରେ ଆସି ଅଟୋକୁ ଅଟକାଇ ଡ୍ରାଇଭରକୁ ଛୁରୀ ଦେଖାଇ ୮୫ ହଜାର ୨ଶହ ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି ।କଟକ ଜିଲ୍ଲା ମଧୁଆପଲ୍ଲୀ ଗ୍ରାମର ନିରଞ୍ଜନ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ଦସ୍ତା ପ୍ଲେଟ ବ୍ୟବସାୟ କରନ୍ତି ।ତାଙ୍କର ଏକ ମାଲ ବୁହା ଅଟୋରେ ଖଣ୍ଡପଡା ଥାନା ପୁଆଣିଆ ଗ୍ରାମର ଜଣେ ବ୍ୟବସାୟୀଙ୍କୁ ଦସ୍ତା ପ୍ଲେଟ ଦେଇ ଶନିବାର ଅପରାହ୍ନ ୩ଟାରେ ଫେରୁଥିଲେ । ଭାପୁର ବଜାର ପରେ ପିଠାଖାଇ ଜଙ୍ଗଲ ନିକଟରେ ଉକ୍ତ ଗାଡିକୁ ଦୁଇ ଜଣ ହେଲମେଟ ପିନ୍ଧିଥିବା ଯୁବକ କଳା ପଲସରରେ ଆସି ଗାଡି ଚଲାଉଥିବା ଖଣ୍ଡପଡା ଥାନା ପୁଆଣିଆ ଗ୍ରାମର ଡ୍ରାଇଭର ବୁଲୁ ବିଶ୍ୱାଳଙ୍କ ପୁଅ ବିଶ୍ୱଜିତ ବିଶ୍ୱାଳକୁ ଛୁରୀ ଦେଖାଇ ଭୟଭୀତ କରି ତାଙ୍କ ଠାରୁ ୮୫ ହଜାର ୨ ଶହ ଟଙ୍କା ଓ ମୋବାଇଲ ଲୁଟି ନେଇ ଭାପୁର ପଟକୁ ପଳାଇଥିଲେ ବୋଲି ଫତେଗଡ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଥାନା ଅଧିକାରୀ ଅଜୟ କୁମାର ସାହୁ ଡ୍ରାଇଭରକୁ ଡାକି ପଚରାଉଚରା କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

ଥାନା ପରିସରରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ

ଶରଣକୁଳ, (ସବ୍ୟୁ) :ନୟାଗଡ ପୋଲିସ ପକ୍ଷରୁ ଶରଣକୁଳ ଥାନା ପରିସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜନ୍ମ ଜୟନ୍ତୀ ଅବସରରେ ଶନିବାର ସନ୍ଧ୍ୟାରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟଅତିଥି ଭାବେ ଶରଣକୁଳ ଏସଡିପିଓ ଦୀପ୍ତିକାନ୍ତ ପ୍ରଧାନ, ମୁଖ୍ୟବକ୍ତା ଭାବେ ଓଡ଼ଗାଁ ମଣ୍ଡଳ ଆମ୍ବ ଅଧ୍ୟକ୍ଷ କୁଳମଣି ମାଝି ଓ ସମ୍ମାନିତ ଅତିଥି ଭାବେ ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ଶରଣକୁଳ ଥାନା ଅଧିକାରୀ ଅନୀତା ସାହୁ ପରିଚାଳନା କରିଥିବାବେଳେ ମାନସ ରଞ୍ଜନ ନାୟକ, ପ୍ରମୋଦ କୁମାର ପ୍ରଧାନ ଓ ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଗତକାଲି ନିଶାମୁକ୍ତ ଓଡ଼ିଶା ଓ ରାଷ୍ଟ୍ରୀୟ ଏକତା ଉପରେ ଏକ ତର୍କ ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା । ସେଥିରେ ତର୍କ ପ୍ରତିଯୋଗିତାରେ ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ ପ୍ରଥମ, ଶ୍ରଦ୍ଧା ବେହେରା ଦ୍ୱିତୀୟ, ରାଜଲକ୍ଷ୍ମୀ ଷଡ଼ଙ୍ଗୀ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କୁଇଜ ପ୍ରତିଯୋଗିତାରେ ଅଭିଲିପ୍ସା ପ୍ରଧାନ ପ୍ରଥମ, ଶୁଭ୍ରାଂଶୁ ପରିଡ଼ା ଦ୍ୱିତୀୟ ଓ ଓମ ସାଇପ୍ରକାଶ ତୃତୀୟ ସ୍ଥାନ ଅଧିକାର କରି ଶନିବାର ଅନୁଷ୍ଠିତ ସମାରୋହରେ ଉକ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

TPWODL

TP WESTERN ODISHA DISTRIBUTION LIMITED

(A Joint Venture of Tata Power and Government of Odisha)

Corporate Office : Burla, Dist.- Sambalpur (Odisha)-768017

ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ବିଶେଷ ସୂଚନା

ଟିପିଡବ୍ଲ୍ୟୁଓଡିଏଲ ତରଫରୁ ନଭେମ୍ବର-୨୦୨୬ ମାସରେ ନିମ୍ନଲିଖିତ ସାରଣୀ ଅନୁଯାୟୀ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠ (GRF Camp) ଅନୁଷ୍ଠିତ ହେବ ।

ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଅନୁରୋଧ ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ପାଇଁ ନିମ୍ନଲିଖିତ ସାରଣୀ ଅନୁଯାୟୀ ନିଜ ଅଞ୍ଚଳର ଅଭିଯୋଗ ପ୍ରତିବିଧାନ ପୀଠ (GRF Camp)ରେ ଉପସ୍ଥିତରହି ଅଭିଯୋଗ ପଞ୍ଜିକୃତ ତଥା ସମାଧାନ କରାଇ ନିଅନ୍ତୁ ।

DATE	VENUE & TIME FOR GRF CAMPS
ROURKELA CIRCLE (Under Sundargarh Dist.)	
10.11.2026	Power House Road Section Office, Rourkela
11.11.2026	Sundargarh Sub-Division Office, Sundargarh
12.11.2026	Kalunga Sub-Division Office, Rajgangpur
13.11.2026	Bonai Sub-Division Office, Bonai, Rourkela
16.11.2026	Basanti, Sub-Division Office, Rourkela
18.11.2026	Rajgangpur-I Sub-Division Office, Rajgangpur
19.11.2026	Chhend Section Office, Civil Township, Rourkela
20.11.2026	Ujalpur Sub-Division Office, Sundargarh
21.11.2026	Koel Nagar Sub-Division Office, Rourkela
23.11.2026	Panposh Sub-Division Office, Rourkela
25.11.2026	Rajgangpur-II Sub-Division Office, Rajgangpur
26.11.2026	Bandamunda Sub-Division Office, Bisra, RKL
27.11.2026	Hatibari Section Office, Kuarmunda, Rajgangpur
SAMBALPUR CIRCLE (Under Sambalpur, Jharsuguda & Deogarh Districts)	
06.11.2026	Section Office, Panchagaon, Brajrajnagar (F.N) Section Office, Lakhanpur, Brajrajnagar (A.N)
10.11.2026	Sub-division Office, Rengali, Sambalpur (F.N) Section Office, Parmanpur, Sambalpur (A.N)
11.11.2026	Section Office, Kusumi, Kuchinda (F.N) Sub-division Office, Kuchinda (A.N)
12.11.2026	Sub-division Office, Belpahar (F.N) Section Office, Brajrajnagar, Jharsuguda (A.N)
13.11.2026	Section Office, Chiplima, Sambalpur (F.N) Sub-division Office, Khetrajpur (A.N)
17.11.2026	Section Office, Barkote, Deogarh (Full Day)
18.11.2026	Section Office, Tileibani, Deogarh (Full Day)
19.11.2026	Section Office, Laikera, Jharsuguda (F.N) Sub-division Office No-I, Jharsuguda (A.N)
BARAGADA CIRCLE (Under Baragada Dist.)	
06.11.2026	Section Office, Bijepur-I (10.30 AM to 1.30 PM) Section Office, Bijepur-II (02 PM to 5.30 PM)
07.11.2026	Sub-division Office, Jharbandh (11AM to 5.30PM)
10.11.2026	Sub-division Office, Baragada- II (Full Day)
11.11.2026	Section Office, Padampur-I (10.30 AM to 1.30PM) Section Office, Padampur-II (02 PM to 5.30 PM)
12.11.2026	Section Office, Attabira-I (10.30 AM to 1.30 PM) Section Office, Rengalicamp (02 PM to 5.30 PM)
13.11.2026	Sub-division Office, Baragada- I (Full Day)
16.11.2026	Section Office, Barpali- I (10.30 AM to 1.30 PM) Section Office, Barpali- II (02 PM to 5.30 PM)
17.11.2026	Section Office, Khuntlipali (Full Day)
18.11.2026	Section Office, Ghenss-I (10.30 AM to 1.30 PM) Section Office, Ghenss-II (2.00 PM to 5.30 PM)
19.11.2026	Sub-division Office, Bhukta (Full Day)
BALANGIR CIRCLE (Under Bolangir & Sonepur Districts)	
03.11.2026	Kasabahal P.S.S, Balangir (F.N) Athgaon, Balangir (A.N)
07.11.2026	Agalpur Section Office, Balangir (F.N) Kendumundi P.S.S, Balangir (A.N)
10.11.2026	B.M.Pur Sub-Division Office, Sonepur (F.N) Champapur, Sonepur (A.N)
13.11.2026	Muribahal Section Office, Titilagarh (F.N) Gudighat P.S.S, Muribahal, Titilagarh (A.N)
17.11.2026	Khaprakhol Section Office (F.N) Dhandamunda, Khaprakhol, Sonepur (A.N)
18.11.2026	Sonepur Sub-Division Office (F.N) Kalapathar, Sonepur (A.N)
20.11.2026	Belpada Section Office, Titilagarh (F.N) Kanut P.S.S, Belpada, Titilagarh (A.N)
26.11.2026	Office of Sub-Division, No. I, Balangir
KALAHANDI CIRCLE (Under Bhawanipatna & Nuapada Districts)	
06.11.2026	Sub-division Office Narla, Bhawanipatna
07.11.2026	Sub-division Office Dharmagarh, Bhawanipatna
10.11.2026	Sub-division Office Charbahal, Bhawanipatna
11.11.2026	Sub-division Office No-II, Bhawanipatna
12.11.2026	Sub-division Office Khariar, Nuapada
13.11.2026	Sub-division Office Kesinga, Bhawapatna
17.11.2026	Sub-division Office Khariar Road, Nuapada
18.11.2026	Sub-division Office Nuapada
19.11.2026	Sub-division Office Junagarh, Bhawanipatna
21.11.2026	Sub-division Office No-I, Bhawanipatna
25.11.2026	Section Office M. Rampur, Bhawanipatna

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ଶିଶୁମାନଙ୍କ ପାଇଁ ମୌଳିକ ଭେଣ୍ଟିଲେସନ୍ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ଏକାଡେମୀ ଅଫ ପେଡିଆଟ୍ରିକ୍ସ (ଆଇଏପି) ଓଡ଼ିଶା- ଆଇଏପି ଓଡ଼ିପେଡିକନ୍ ୨୦୨୬ର ୪୬ତମ ବାର୍ଷିକ ସମ୍ମିଳନୀର ପ୍ରାକ୍- ସମ୍ମିଳନୀ କର୍ମଶାଳା ଅଂଶ ଭାବରେ ଶିଶୁମାନଙ୍କ ପାଇଁ ଏକ ମୌଳିକଭେଣ୍ଟିଲେସନ୍ କର୍ମଶାଳା ଭୁବନେଶ୍ୱରସ୍ଥିତ ଅଙ୍କୁରା ହସ୍‌ପିଟାଲ ଫର୍ ଓମେନ୍ ଆଣ୍ଡ ଚିଲ୍ଡ୍ରେନ ଠାରେ ୨୦୨୬ ଅକ୍ଟୋବର ୩୦ ତାରିଖରେ ସଫଳତାର ସହିତ ଆୟୋଜିତ ହୋଇଥିଲା। ଆଇଏପି ଭୁବନେଶ୍ୱର ସିଟି ଶାଖା ପକ୍ଷରୁ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ, ଖୋର୍ଦ୍ଧା ଜିଲ୍ଲା ଶାଖା ଏବଂ ଅଙ୍କୁରା ହସ୍‌ପିଟାଲ ଫର୍ ଓମେନ୍ ଆଣ୍ଡ ଚିଲ୍ଡ୍ରେନ, ଭୁବନେଶ୍ୱର ସହଯୋଗୀତାରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ପେଡିଆଟ୍ରିକ୍ ରେସ୍‌ପିରେଟୋରୀ ସପୋର୍ଟ (ଶିଶୁମାନଙ୍କର ଶ୍ୱାସ ପ୍ରଶ୍ୱାସ ଭିତ୍ତିକ ସମର୍ଥନ) ଏବଂ ମେକାନିକାଲ ଭେଣ୍ଟିଲେସନ (ଯାନ୍ତ୍ରିକ ଶ୍ୱାସକ୍ରିୟା)



ରେ ଶିଶୁରୋଗ ବିଶେଷଜ୍ଞମାନଙ୍କର ଜ୍ଞାନ ଓ ପ୍ରାକ୍ଟିକାଲ ଦକ୍ଷତାକୁ ସୁଦୃଢ଼ କରିବା ଏହି କର୍ମଶାଳାର ଲକ୍ଷ୍ୟ ଥିଲା। ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମରେ ରେସ୍‌ପିରେଟୋରୀ ଫିଜିଓଲୋଜି, ମେକାନିକାଲ ଭେଣ୍ଟିଲେସନ୍ ପଦ୍ଧତି, ଭେଣ୍ଟିଲେଟର ଗ୍ରାଫିକ୍ସ, ନନ୍-ଇନଭାସିଭ ଭେଣ୍ଟିଲେସନ (ଏନ୍‌ଆଇଭି), ହାଇ-ଫ୍ଲୋ ନାଜାଲ କାନୁଲା (ଏଚଏଫଏନ୍‌ସି), ଭେଣ୍ଟିଲେଟର ସେଟିଂସ୍, ସମସ୍ୟା ସମାଧାନ, ଏଆରଡିଏସ୍ ପରିଚାଳନା ଏବଂ ଇନ୍‌ହେଲ୍ଡ ନାଇଟ୍ରିକ ଅକ୍ସାଇଡ (ଆଇଏନ୍‌ଓ) ଭଳି ମୁଖ୍ୟ ବିଷୟଗୁଡ଼ିକ ଉପରେ ପାରସ୍ପରିକ ଆଲୋଚନାଭିତ୍ତିକ ଅଧିବେଶନ ଏବଂ ବ୍ୟାବହାରିକ ପ୍ରଶିକ୍ଷଣ ସ୍ଥାନ ପାଇଥିଲା। ପେଡିଆଟ୍ରିକ୍ କ୍ରିଟିକାଲ କେୟାର୍ (ଗୁରୁତର ଶିଶୁ ରୋଗ) ଚିକିତ୍ସା କ୍ଷେତ୍ରରେ ବିଶିଷ୍ଟ ଅଧ୍ୟାପକ ଏବଂ ବିଶେଷଜ୍ଞମାନେ ପାରସ୍ପରିକ ଆଲୋଚନା ଏବଂ ବ୍ୟବହାରିକ ପ୍ରଦର୍ଶନ ଜରିଆରେ ସେମାନଙ୍କର ଜ୍ଞାନ ଓ ଚିକିତ୍ସା ଅନୁଭୂତି ସହଭାଗୀତା କରିଥିଲେ।

ଗଞ୍ଜେଇ ସହ କାର ଜବତ : ଦୁଇ ଗିରଫ

ଦଶପଲ୍ଲା, (ସବ୍ୟୁ): ବାଣୀଗୋଛା ଥାନା ପୋଲିସ ରବିବାର ଦିନ ୫୭ ନଂ ଜାତୀୟ ରାଜପଥ କାମିଟିପଙ୍ଗା ହନୁମାନ ମନ୍ଦିର ଠାରେ ପେଟ୍ରୋଲିଂ କରୁଥିବା ବେଳେ କନ୍ଧମାଳରୁ ଭୁବନେଶ୍ୱର ଯାଉଥିବା ଏକ କାରକୁ ୪୨ ଜରି ପ୍ୟାକେଟ ଗଞ୍ଜେଇ ସହ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ କାର ମାଲିକ ତଥା ଡ୍ରାଇଭର କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ର ଜଗତଜିତ ସିଂ ଓରଫ ପପୁକୁ ଗିରଫ କରିଥିବା ବେଳେ ଗଞ୍ଜେଇ ନେଉଥିବା ସେହି ଜିଲା ବାଲିଗୁଡା ଥାନା ବରଖମା ଗାଁ ର ତାପସ ନାଏକ (୩୪)କୁ ପୋଲିସ ଗିରଫ କରିଛି । ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକଙ୍କ ଉପସ୍ଥିତି ରେ ପୋଲିସ ଜବତ ଗଞ୍ଜେଇ ଓଜନ କରିଥିବା ବେଳେ ଏହା ୮୪ କେଜି ଗଂଜେଇଥିବା ଜଣାପଡିଥିଲା । ଗିରଫ ୨ଜଣଙ୍କୁ ନୟାଗଡ଼ ଜେଲ କୁ ପଠାଇ ଦିଆଯାଇଛି । ଏହି ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

ଡମ୍ବରୁ ପାଠଶାଳା ପକ୍ଷରୁ ନୂତନ ବୈଷୟିକ ଜ୍ଞାନକୌଶଳ ଓ ଦକ୍ଷତା ବିକାଶ ଆଲୋଚନା

ସମ୍ବର୍ଦ୍ଧିତ ହେଲେ ଚାରୋଟି ରାଜ୍ୟର ୫୦ ମୁଖ୍ୟ ଶିକ୍ଷାବିତ

କଟକ, (ସବ୍ୟୁ): ଡମ୍ବରୁ ଲର୍ଣ୍ଣିଂ ଆପ୍ ପକ୍ଷରୁ ଏସ୍‌ଏସ୍ ଆସୋସିଏଟସ୍ ଇନୋଭେସନ୍ ଲାବ୍ ସହଯୋଗରେ ସହିଦ ଭବନରେ "ସମ୍ଭାବନା ୩.୦ - ଦି ସ୍କୁଲ୍ ଲିଡର୍ସ ସମିଟ୍ ଆୟୋଜିତ ହୋଇଯାଇଛି । ଏଥିରେ ନୂତନ ଶିକ୍ଷାନୀତି ଅନୁଯାୟୀ ସମସ୍ତ ପାଠ୍ୟ ପୁସ୍ତକ ଡମ୍ବରୁ ଆପ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ନିକଟରେ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଥିଲା । ଛାତ୍ରଛାତ୍ରୀମାନେ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ନିଜର ଦକ୍ଷତା ବିକାଶ କରିବା ସହିତ ଅତ୍ୟାଧୁନିକ ପଠନଶୈଳୀ ମାଧ୍ୟମରେ ପାଠ ପଢ଼ି ପାରିବେ ବୋଲି ବକ୍ତାମାନେ ନିଜ ଅଭିଭାଷଣରେ କହିଥିଲେ । ଶିକ୍ଷା କ୍ଷେତ୍ରରେ ନୂତନ ଚିନ୍ତାଧାରା, ପ୍ରଗତିଶୀଳ ନେତୃତ୍ୱ ଏବଂ ଶିକ୍ଷାର ଭବିଷ୍ୟତ ସମ୍ପର୍କରେ ଆଲୋଚନା ଓ ମତ ବିନିମୟ ପାଇଁ ଏହି ସମ୍ମିଳନୀରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱ, ଶିକ୍ଷାନୁଷ୍ଠାନର ମୁଖ୍ୟ, ଶିକ୍ଷାବିତ୍ ଓ ଅଭିଜ୍ଞ ଶିକ୍ଷକମାନେ ଏକ ମଞ୍ଚରେ ଏକାଠି ହୋଇଥିଲେ । ଡମ୍ବରୁର ପରିଚାଳନା ମଣ୍ଡଳୀଙ୍କ ଦୂରଦୃଷ୍ଟି, ନେତୃତ୍ୱ ଓ ମାର୍ଗଦର୍ଶନରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ମଣ୍ଡଳୀରେ ଡମ୍ବରୁର ଅଧ୍ୟକ୍ଷ ତଥା ସେଣ୍ଟ୍ ଜାଭିୟର୍ସ ଗ୍ରୁପ୍‌ସ୍ ଅଫ୍



ସ୍କୁଲର ପ୍ରତିଷ୍ଠାତା ଡଃ ପ୍ରଭୁଚରଣ ମହାନ୍ତି, ଡମ୍ବରୁର ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ସିଇଓ ତଥା ପ୍ରତିଷ୍ଠାତା ସମ୍ୟକ ମହାନ୍ତି, ସହ-ପ୍ରତିଷ୍ଠାତା ଆୟଶା ଦାସ ଏବଂ ସମର୍ଥ ମହାନ୍ତି ଯୋଗ ଦେଇଥିଲେ ।

ସମ୍ମିଳନୀରେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ହରକୃଷ୍ଣ ଶତପଥୀ ମୁଖ୍ୟ ବକ୍ତା ଏବଂ କଟକର ଅତିରିକ୍ତ ଜିଲ୍ଲା ଅଧିକାରୀ କମଲଜିତ୍ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମହାନଗର ନିଗମର ମେୟର ସୁବାଷ ସିଂହ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ । ଏହା ସହିତ ଅଭିନେତା ତଥା ଡମ୍ବରୁର ବ୍ରାଣ୍ଡ ଆମ୍ବାସଡର ସୁବାଶିଷ ଶର୍ମା, ବିଶିଷ୍ଟ କବି ଓ ସମାଜସେବୀ ଡ. ଶ୍ରୀକାନ୍ତ ମିଶ୍ର ଅନ୍ୟତମ ବକ୍ତା ଭାବେ, ନସିମ୍ ଖାନ୍ ଲାଇଫ ସ୍କିଲ୍ କୋଚ୍ କ ର୍ପୋରେଟ୍ ଟ୍ରେନର ଭାବେ ଯୋଗ ଦେଇଥିଲେ।

ଡମ୍ବରୁର ପରିଚାଳନା ମଣ୍ଡଳୀ ପକ୍ଷରୁ ସ୍ୱତନ୍ତ୍ର ଜ୍ଞାନ ବିନିମୟ ଅଧିବେଶନ ଆୟୋଜିତ ହୋଇଥିଲା । ଡମ୍ବରୁର ସହ-ପ୍ରତିଷ୍ଠାତା ଆୟଶା ଦାସ 'ଦି ଏଜେନ୍ସି ଅଫ୍ ଷ୍ଟୋରିଟେଲିଂ-ଫର୍ ଲିଟିଲ୍ ଲର୍ଣ୍ଣର୍ସ' ବିଷୟରେ ଆଲୋଚନା କରିଥିଲେ । ଡମ୍ବରୁର ସିଇଓ ତଥା ପ୍ରତିଷ୍ଠାତା ସମ୍ୟକ ମହାନ୍ତି 'ଡମ୍ବରୁ ଲର୍ଣ୍ଣିଂ ଇକୋ ସିଷ୍ଟମ୍ ସମ୍ପର୍କରେ ମତ ରଖିଥିଲେ । ଅନ୍ୟପକ୍ଷରେ ଡମ୍ବରୁର ସହ-ପ୍ରତିଷ୍ଠାତା ସମର୍ଥ ମହାନ୍ତି ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ପ୍ରଯୁକ୍ତିର ନୂତନ ଉଦ୍ଭାବନର ଭୂମିକା ଉପରେ ଆଲୋଚନା କରିଥିଲେ । ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ବିହାର ଓ ପଶ୍ଚିମବଙ୍ଗରୁ ୫୦ରୁ ଅଧିକ ଶିକ୍ଷାନୁଷ୍ଠାନର ମୁଖ୍ୟ ଓ ଶିକ୍ଷାବିତ୍ ଏହି ସମ୍ମିଳନୀରେ ଯୋଗଦେଇଥିଲେ । ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ, ନିଷ୍ଠା ଓ ନେତୃତ୍ୱ ପାଇଁ ସେମାନଙ୍କୁ ସମ୍ମାନିତ କରାଯାଇଥିଲା ।

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ପକ୍ଷରୁ ସଚେତନତା ପଦଯାତ୍ରା

ଭୁବନେଶ୍ୱର (ସବ୍ୟୁ): ଦୁର୍ନୀତିମୁକ୍ତ ସମାଜ ଗଠନ ସହିତ ସ୍ୱଚ୍ଛତା, ସଚ୍ଚୋଟତା ଓ ନୈତିକତାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ ଅବସରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଚଣ୍ଡିଖୋଲ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ପଦଯାତ୍ରା ବିରଜା ମନ୍ଦିର ପରିସରରୁ ଆରମ୍ଭ ହୋଇଥିଲା। ଚଣ୍ଡିଖୋଲ ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଆଞ୍ଚଳିକ କାର୍ଯ୍ୟାଳୟ ସମେତ ବିରଜା ମନ୍ଦିର ଶାଖାର ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହର ସହ ଯୋଗଦେଇଥିଲେ। ଏହି



କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ନୀତି ବିରୋଧରେ ଜନସଚେତନତା ସୃଷ୍ଟି, କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ବଜାୟ ରଖିବା ସହ ସମାଜରେ ସଚ୍ଚୋଟତା ଓ ନୈତିକ ମୂଲ୍ୟବୋଧର ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୁର୍ନୀତିମୁକ୍ତ ଭାରତ ଗଠନ ଦିଗରେ ସାମୂହିକ ଭାଗିଦାରୀ ଓ ନିଜ ନିଜ ସ୍ତରରେ ସଚ୍ଚୋଟତାର ସହ ଦାୟିତ୍ୱ ନିର୍ବାହ କରିବାକୁ କର୍ମଚାରୀମାନେ ଆହ୍ୱାନ ଦେଇଥିଲେ।

ମିଛ ପରିଚୟ ଦେଇ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ, ଯୁବକ ଗିରଫ

ଚୌଦ୍ୱାର, (ସବ୍ୟୁ):ନିଜର ପ୍ରକୃତ ପରିଚୟ ଗୋପନ ରଖି ଜଣେ ସ୍କୁଲପଢ଼ୁଆ ନାବାଳିକାଙ୍କୁ ପ୍ରେମ ସମ୍ପର୍କରେ ଫସାଇ ଦୀର୍ଘବର୍ଷ ଧରି ଦୁଷ୍କର୍ମ କରିଆସୁଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଯାଜପୁର ଅଞ୍ଚଳର ସାନ୍ତନୁ ରାଉତ (୩୨)। ସେ ଭୁବନେଶ୍ୱର ରବି ଟକିଜ୍ ନିକଟରେ ଏକ ଭଡ଼ାଘରେ ରହୁଥିଲେ। ପୁଲିସ ତାଙ୍କୁ ଗିରଫ କରି ଆଜି ପୋକ୍ସୋ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରିଛି।ଅଭିଯୋଗ ଅନୁଯାୟୀ, ୨୦୧୯ ମସିହାରେ ପୀଡ଼ିତା ସ୍କୁଲରେ ପଢ଼ୁଥିବା ସମୟରେ ଅଭିଯୁକ୍ତ ନିଜକୁ ଅର୍ଣ୍ଣବ ମହାନ୍ତି ବୋଲି ପରିଚୟ ଦେବା ସହ ନିକଟସ୍ଥ ହାଉସିଂ ବୋର୍ଡ ଅଞ୍ଚଳରେ ରହୁଥିବା କହିଥିଲେ। ଏହି ମିଛ ପରିଚୟ ଦେଇ ସେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ବାରମ୍ବାର ଜବରଦସ୍ତି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି।ଇତିମଧ୍ୟରେ ପୀଡ଼ିତା ସାବାଳିକା ହେବା ପରେ ଯୁବକଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ଯୁବକଙ୍କ ପ୍ରକୃତ ପରିଚୟ ସାମ୍ନାକୁ ଆସିଥିଲା। ନିଜକୁ ଅର୍ଣ୍ଣବ ମହାନ୍ତି ବୋଲି ପରିଚୟ ଦେଇଥିବା ଯୁବକଙ୍କ ପ୍ରକୃତ ନାମ ସାନ୍ତନୁ ରାଉତ ବୋଲି ଜଣାପଡ଼ିଥିଲା। ଏହାପରେ ଘଟଣା ଥାନାରେ ପହଞ୍ଚିଥିଲା। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ସାନ୍ତନୁଙ୍କୁ ଗିରଫ କରିଛି। ନାବାଳିକା ଥିବା ସମୟରୁ ଯୌନ ନିର୍ଯାତନା ଅଭିଯୋଗ ରହିଥିବାରୁ ପୋକ୍ସୋ ଆଇନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାମଲାର ତଦନ୍ତ ଜାରି ରହିଛି।

ଭିଏସ୍‌ଏସ୍‌ନଗର ସମସ୍ୟା ପାଇଁ ଉନ୍ନୟନ ପରିଷଦର ଉଦ୍‌ବେଗ

ଭୁବନେଶ୍ୱର (ସବ୍ୟୁ): ଭିଏସ୍‌ଏସ୍‌ନଗର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ସମିତି ବୈଠକ ଅନୁଷ୍ଠାନର ସଭାପତି କୃପାସିନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭି.ଏସ୍.ଏସ୍.ନଗର ବାସିନ୍ଦା ମାନଙ୍କର ସ୍ଥାୟୀ ସମସ୍ୟା ଗୁଡ଼ିକ ସମାଧାନ ହେଉ ନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଗତ ବୈଠକର ବିବରଣୀ ପାଠ କରିବା ସହିତ କହିଥିଲେ ଯେ, ଭି.ଏସ୍.ଏସ.ନଗର ଲକ୍ଷ୍ମୀବିହାର ରାସ୍ତା ପାଇଁ ଦୁଇ ଦୁଇ ଥର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଉନ୍ନୟନ ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି, ବାଣୀବିହାର ର ୩ ନମ୍ବର ଗେଟ ଖୋଲିବା ପାଇଁ ସାଂସଦ, ବିଧାୟକ ଓ ବାଣୀବିହାର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଛି, ସତସଙ୍ଗ ମନ୍ଦିର ପାଖରେ ଥିବା ଭୂତଳ ରାସ୍ତା ପାଇଁ ବାରମ୍ବାର ଏନ୍.ଏଚ୍.ଏ.ଆଇ. ଅଧିକାରୀଙ୍କୁ ଅବଗତ କରାଯାଇଛି ଓ ଡ଼ାକ୍ତରଖାନାରେ ଯୋଗ, ଫିଜିଓଥିରାପି ସବୁଦିନ କରିବା ସହିତ ଲାବରେଟୋରୀ ଚାଲୁ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିସନ ଓ ମହାନଗର ନିଗମକୁ ବାରମ୍ବାର ପତ୍ର ଲେଖାଯାଇଛି। ଏ ସମସ୍ତ ସତ୍ତ୍ୱେ କୌଣସି କାମର ଅଗ୍ରଗତି ହେଉ ନାହିଁ। ମେୟର ପ୍ରତି ୱାଡର୍‌ରେ ସମସ୍ୟା ସମାଧାନ ପାଇଁ ବୈଠକ କରିଥିବାବେଳେ ୧୧ ନମ୍ବର ୱାଡ଼ରେ ବୈଠକ କରିନାହାଁନ୍ତି। ଅନ୍ୟ ପାଖରେ ସୈନିକ ସ୍କୁଲ ପାଖ ଅଳିଆଗଦା ଆଜି ପର୍ଯ୍ୟନ୍ତ ହଟୁନାହିଁ। ଏ ସମସ୍ତ ସମସ୍ୟାର ସମାଧାନ ନହେଲେ ଭି.ଏସ୍.ଏସ୍.ନଗର ସହିତ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ବାସିନ୍ଦାମାନେ ଭବିଷ୍ୟତରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଏକତ୍ରିତ ହେବେ ବୋଲି ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଶ୍ରୀ ଦାଶଶର୍ମା କହିଛନ୍ତି। ବୈଠକରେ କୋଷାଧ୍ୟକ୍ଷ ମହେଶ୍ୱର ବିଶ୍ୱାଳ ଆର୍ଥିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ପ୍ରଭାସିନୀ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରତାପ କୁମାର ନନ୍ଦ, ଧଣଣୀଧର ରାଉତ, ଶିତଳଚନ୍ଦ୍ର ମହାନ୍ତି, ରାମ ଚନ୍ଦ୍ରର ସାମଲ ଓ ଚିନ୍ତାମଣି ବାରିକଙ୍କ ସହିତ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଡ଼. କୁମୁଦଚନ୍ଦ୍ର ମିଶ୍ର, ଡ଼. ସୁରେଶ ଚନ୍ଦ୍ର କର, ଶଶି ଭୂଷଣ ଦାସ, ତ୍ରିଲୋଚନ ରଥ, ବିଭୂତି ଭୂଷଣ ତ୍ରିପାଠୀ, ଅମ୍ବିକା ମହାନ୍ତି ଓ ସୋମନାଥ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଉପସଭାପତି ଡ଼. ଜୟନ୍ତ କୁମାର ପରିଡ଼ା ଧନ୍ୟବାଦ ଜ୍ଞାପନ କରିଥିଲେ।

ବେଆଇନ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବା ପାଇଁ

'ଭୋଟ୍ ଚୋରି'ର ମିଥ୍ୟା ନାଟକ କରୁଛି କଂଗ୍ରେସ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଦେଶର ଜନସାଧାରଣ ଲଗାତାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଜବୁତ ନେତୃତ୍ୱ ଉପରେ ନିଜର ଆସ୍ଥା ପ୍ରକଟ କରିଛନ୍ତି । ଜନାଦେଶର ଏହି ନିରନ୍ତର ସମର୍ଥନକୁ କଂଗ୍ରେସ ସହ୍ୟ କରିପାରୁନାହିଁ । ନିଜର ରାଜନୈତିକ ବିଫଳତା ଓ କ୍ରମାଗତ ପରାଜୟର ଫଳାଫଳକୁ ସ୍ୱୀକାର କରିବା ପରିବର୍ତ୍ତେ କଂଗ୍ରେସ ଦଳ ଏବେ ନିର୍ବାଚନ ଆୟୋଗ ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଉପରେ ଆରୋପ ଲଦିବାରେ ବ୍ୟସ୍ତ ଅଛି ବୋଲି କହିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ହରିୟାଣାର ଫରିଦାବାଦ ଠାରେ ଆୟୋଜିତ 'ଲୋକତନ୍ତ୍ର ବଞ୍ଚାଓ, ଅରାଜକତା ହଟାଓ' ପଦଯାତ୍ରାରେ ସାମିଲ ହେବା ଅବସରରେ ଶ୍ରୀ ପ୍ରଧାନ କଂଗ୍ରେସର ଅରାଜକତା ଏବଂ ଦୋମୁହାଁ ନୀତିକୁ କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ, କଂଗ୍ରେସ ଯେଉଁ 'ଭୋଟ୍ ଚୋରି'ର ହଟଚମଟ ସୃଷ୍ଟି କରୁଛି, ତାହା କେବଳ ନିଜର ପରାଜୟକୁ ଲୁଚାଇବା ଏବଂ ବେଆଇନ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଦେବାର ଏକ ନିନ୍ଦନୀୟ ଷଡ଼ଯନ୍ତ୍ର ମାତ୍ର । କଂଗ୍ରେସର ନୀତି ହେଉଛି- ଯେଉଁଠି ନିର୍ବାଚନରେ ଜିତିବେ, ସେଠି ଗଣତନ୍ତ୍ର ସୁରକ୍ଷିତ; ଆଉ ଯେଉଁଠି ହାରିବେ, ସେଠି 'ଅଙ୍ଗୁର କୋଳି ଖଟା' ସଦୃଶ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଜନସାଧାରଣଙ୍କ ବିଶ୍ୱାସ ହରାଇସାରିଥିବା କଂଗ୍ରେସ ଦଳ ଏବେ ସଂସଦରୁ ସଡ଼କ ପର୍ଯ୍ୟନ୍ତ କେବଳ ମିଥ୍ୟା ଓ ଭ୍ରମ ସୃଷ୍ଟି କରିବାରେ ଲିପ୍ତ ଅଛି । ସଂସଦୀୟ ଗଣତନ୍ତ୍ରର ମଜାକ ଉଡ଼ାଇ ସେମାନେ ନିଜର 'ମକ୍ ପାର୍ଲାମେଣ୍ଟ'ର ଆୟୋଜନ କରୁଛନ୍ତି । ଅତୀତରେ ଦେଶ ଉପରେ ଜରୁରୀକାଳୀନ ପରିସ୍ଥିତି ଲଦି ଦେଇ ଗଣତନ୍ତ୍ରର ହତ୍ୟା କରିଥିବା କଂଗ୍ରେସ ଆଜି ସମ୍ବିଧାନର ଦୁହାଇ ଦେଉଛି, ଯାହା ଅତ୍ୟନ୍ତ ହାସ୍ୟାସ୍ପଦ। ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି ଯେ, ଆଜି ଫରିଦାବାଦର ଏହି ସଫଳ ପଦଯାତ୍ରା ସମଗ୍ର ଦେଶକୁ ଏକ ସ୍ପଷ୍ଟ ସନ୍ଦେଶ ଦେଇଛି ଯେ, ଗଣତନ୍ତ୍ରର ଆଢୁଆଳରେ ଅରାଜକତା ସୃଷ୍ଟି କରିବା, ଜନାଦେଶକୁ ଅପମାନିତ କରିବା ଏବଂ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ବଦନାମ କରିବାର କଂଗ୍ରେସି ଷଡ଼ଯନ୍ତ୍ରକୁ ଦେଶବାସୀ କେବେବି ସ୍ୱୀକାର କରିବେ ନାହିଁ। ଏହି ପଦଯାତ୍ରାରେ ଅନେକ କେନ୍ଦ୍ରମନ୍ତ୍ରୀ ଓ ହରିୟାଣା ସରକାରଙ୍କ ମନ୍ତ୍ରୀଗଣ ସମେତ ବିପୁଳ ସଂଖ୍ୟାରେ ପାର୍ଟି କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଯୋଗ ଦେଇଥିଲେ ।

ଲକ୍ଷାଧିକ ଟଙ୍କାର ବାଣ ଜବତ, ଜଣେ କୋର୍ଟ ଚାଲାଣ

ଆଠଗଡ଼, (ସବ୍ୟୁ): ଟିଗିରିଆ ଥାନା ଅନ୍ତର୍ଗତ ପୁରୁଣା ଟିଗିରିଆ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି । ବିଶେଷ ସୂତ୍ରରୁ ଖବର ପାଇ ଟିଗିରିଆ ପୋଲିସ ପୁରୁଣା ଟିଗିରିଆ ଗ୍ରାମର ଚୈତନ୍ୟ ସଓ୍ୱାଇଁଙ୍କ ଘର ଉପରେ ସଦଳବଳେ ଚଢ଼ାଉ କରି ବେଆଇନ ବାଣ, ଏବଂ ଗୋଟିଏ ଗାଡି ସହିତ ଜଣଙ୍କୁ ଗିରଫ କରାଯାଇଛି । ଏହି ଅଭିଯୋଗ ରେ ଟିଗିରିଆ ଥାନାରେ ୩୬୪/୨୬ ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଚୈତନ୍ୟ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଟିଗିରିଆ ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

ଜିଓ ଏୟାରଟେଲଠାରୁ ପ୍ରାୟ ୧୦ ଗୁଣ ଅଧିକ ମୂଳ ମୋବାଇଲ୍ ଗ୍ରାହକ ଯୋଡ଼ିଛି

ସେପ୍ଟେମ୍ବରରେ ଜିଓର ୧୯ ଲକ୍ଷ ଏବଂ ଏୟାରଟେଲ୍‌ର ୨ ଲକ୍ଷ ମୂଳ ମୋବାଇଲ୍ ଗ୍ରାହକ ବୃଦ୍ଧି

ଭୁବନେଶ୍ୱର (ସବ୍ୟୁ): ଷ୍ଟକ୍ ବଜାରରେ ଦମ୍‌ଦାର ଲିଷ୍ଟିଂ ପରେ ରିଲାଏନ୍ସ ଜିଓ ପାଇଁ ମୋବାଇଲ୍ ଗ୍ରାହକଙ୍କ କ୍ଷେତ୍ରରୁ ମଧ୍ୟ ଆସିଛି ଖୁସି ଖବର। ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ର ସେପ୍ଟେମ୍ବର ମାସର ରିପୋର୍ଟ ଆଧାରରେ ଡିଏଏମ କ୍ୟାପିଟାଲ ଏବଂ ଆଇଆଇଏଫଏଲ କ୍ୟାପିଟାଲର ବିଶ୍ଳେଷଣ ଅନୁଯାୟୀ, ମେସିନ୍-ଟୁ-ମେସିନ୍ (ଏମଟୁଏମ) କନେକ୍ସନ୍‌କୁ ବାଦ୍ ଦେବା ପରେ ଜିଓର ମୋବାଇଲ୍ ଗ୍ରାହକ ସଂଖ୍ୟାରେ ୧୯ ଲକ୍ଷ ବୃଦ୍ଧି ଘଟିଥିବା ବେଳେ ଏୟାରଟେଲ୍‌ର ଗ୍ରାହକ ସଂଖ୍ୟାରେ ମାତ୍ର ୨ ଲକ୍ଷ ବୃଦ୍ଧି ହୋଇଛି। ଅର୍ଥାତ୍ ଜିଓ, ଏୟାରଟେଲ୍ ତୁଳନାରେ ପ୍ରାୟ ୧୦ ଗୁଣ ଅଧିକ ମୂଳ (କୋର୍) ମୋବାଇଲ୍ ଗ୍ରାହକ ଯୋଡ଼ିଛି। ଦେଶରେ ଏହି ବର୍ଗର ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୨୨ ଲକ୍ଷ ବୃଦ୍ଧି ପାଇଥିବା ବେଳେ ଏଥିରେ କେବଳ ଜିଓର ଭାଗ ପ୍ରାୟ ୮୬ ପ୍ରତିଶତ ରହିଛି।

ଆକ୍ଟିଭ୍ ମୋବାଇଲ୍ ୟୁଜର୍ସଙ୍କ କ୍ଷେତ୍ରରେ ମଧ୍ୟ ଜିଓ ଦମ୍‌ଦାର ପ୍ରଦର୍ଶନ କରିଛି। ଡିଏଏମର ରିପୋର୍ଟ ଅନୁଯାୟୀ, ମେସିନ୍-ଟୁ-ମେସିନ୍ କନେକ୍ସନ୍‌କୁ ବାଦ୍ ଦେଇ ହୋଇଥିବା ଗଣନାରେ ସେପ୍ଟେମ୍ବର ମାସରେ ଜିଓର ସକ୍ରିୟ ଉପଭୋକ୍ତା (ଆକ୍ଟିଭ୍ ୟୁଜର୍ସ) ସଂଖ୍ୟାରେ ୧୩ ଲକ୍ଷ ବୃଦ୍ଧି ହୋଇଛି। ଅନ୍ୟପକ୍ଷରେ ଏୟାରଟେଲ୍ ଓ ଭୋଡାଫୋନ୍ ଆଇଡିଆର ସକ୍ରିୟ ଉପଭୋକ୍ତା ସଂଖ୍ୟା ହ୍ରାସ ପାଇଛି। ଏୟାରଟେଲ୍‌ର ୨ ଲକ୍ଷ ଏବଂ ଭୋଡାଫୋନ୍ ଆଇଡିଆର ୩ ଲକ୍ଷ ସକ୍ରିୟ ଉପଭୋକ୍ତା ହ୍ରାସ ପାଇଛନ୍ତି। ଏହି ଆଧାରରେ ଦେଶରେ ମୋଟ ସକ୍ରିୟ ମୋବାଇଲ୍ ଉପଭୋକ୍ତା ସଂଖ୍ୟାରେ ୬ ଲକ୍ଷ ବୃଦ୍ଧି ରେକର୍ଡ କରାଯାଇଛି। ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା କ୍ଷେତ୍ରରେ ମଧ୍ୟ ଜିଓ ନିଜର ଅଗ୍ରଣୀ ସ୍ଥିତି ବଜାୟ ରଖିଛି। ଟ୍ରାଇ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ଶେଷ ସୁଦ୍ଧା ଜିଓର ମୋବାଇଲ୍ ଗ୍ରାହକ ସଂଖ୍ୟା ୫୧.୧୧ କୋଟି ଥିବା ବେଳେ ଏୟାରଟେଲ୍‌ର ଗ୍ରାହକ ଆଧାର ୪୯.୪୩ କୋଟି ରହିଛି। ସେହିପରି ଭୋଡାଫୋନ୍ ଆଇଡିଆର ୨୦.୦୧ କୋଟି ଏବଂ ବିଏସଏନଏଲର ୯.୪୩ କୋଟି ମୋବାଇଲ୍ ଗ୍ରାହକ ରହିଛନ୍ତି। ତେବେ ଏହି ମୋଟ ଗ୍ରାହକ ସଂଖ୍ୟାରେ ମେସିନ୍-ଟୁ-ମେସିନ୍ କନେକ୍ସନ୍ ମଧ୍ୟ ସାମିଲ ରହିଛି।

ଓସିସିଏଲ୍ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୨୦୨୬-୨୭ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସିଏଲ୍) ପକ୍ଷରୁ ୨୦୨୬-୨୭ ବର୍ଷ ପାଇଁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଭୁବନେଶ୍ୱରର ସୂର୍ଯ୍ୟନଗରସ୍ଥିତ ଓୟୁଏଟି ପଡ଼ିଆଠାରେ ଆରମ୍ଭ ହୋଇଛି। ଜଳ ସମ୍ପଦ ବିଭାଗର ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖାର ଯନ୍ତ୍ରୀ- ସର୍ବୋଚ୍ଚ ତଥା ସ୍ୱତନ୍ତ୍ର ସଚିବ ବିଘ୍ନରାଜ ପୁରୋହିତ ଏବଂ ଯୋଜନା ଓ ନକ୍ସା ବିଭାଗର ଯନ୍ତ୍ରୀ-ସର୍ବୋଚ୍ଚ ସୁଶୀଲ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଏଥିରେ ଓସିସିଏଲ୍‌ର ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ପତାକା ଉତ୍ତୋଳନ, ମଶାଲ ଶୋଭାଯାତ୍ରା ଓ ଅଂଶଗ୍ରହଣକାରୀଙ୍କ ପକ୍ଷରୁ ଆକର୍ଷଣୀୟ ପରେଡ୍ ଅନୁଷ୍ଠିତ ହୋଇଥିଲା। ଓସିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରି ଶାରୀରିକ ସୁସ୍ଥତା, ଶୃଙ୍ଖଳା, ଦଳଗତ କାର୍ଯ୍ୟଧାରା ଓ ସୁସ୍ଥ ପ୍ରତିଯୋଗିତା ମନୋଭାବର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତିଯୋଗିତାର ପ୍ରଥମ ଦିନରେ ଫୁଟ୍‌ବଲ୍ ଓ କ୍ରିକେଟ୍ ଖେଳ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଭଲିବଲ୍, କବାଡ଼ି, ବ୍ୟାଡମିଣ୍ଟନ୍, ଦୌଡ଼କୁଦ, ସନ୍ତରଣ, ଚେସ୍, କ୍ୟାରମ୍ ସମେତ ବିଭିନ୍ନ ମନୋରଞ୍ଜନଧର୍ମୀ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଅବସରରେ ଜଳ ସମ୍ପଦ ବିଭାଗର ଗୁଣବତ୍ତା ନିୟନ୍ତ୍ରଣ ଓ ନିଶ୍ଚିତତା (QAQC) ମୁଖ୍ୟ ଯନ୍ତ୍ରୀ ଇଂ. ଦୀପକ ମୁର୍ମୁ, ଏମ୍‌କେଏସ୍‌ର ମୁଖ୍ୟ ଯନ୍ତ୍ରୀ ଇଂ. ହେମନ୍ତ କୁମାର ପଣ୍ଡାବ ଏବଂ ଓସିସିଏଲ୍‌ର ନିର୍ଦ୍ଦେଶକ (ଯାନ୍ତ୍ରିକ) ଇଂ. ଅମରଜିତ ବେହେରାଙ୍କ ସମେତ ଜଳ ସମ୍ପଦ ବିଭାଗ ଓ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍‌ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କର୍ମଚାରୀମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତାର ଅଭ୍ୟାସକୁ ପ୍ରୋତ୍ସାହିତ କରିବା, ପାରସ୍ପରିକ ସମ୍ପର୍କ ଦୃଢ଼ କରିବା ଏବଂ ସଂଗଠନ ମଧ୍ୟରେ ଏକତା ଓ ସହଯୋଗର ଭାବନା ବୃଦ୍ଧି କରିବା



ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ ପକ୍ଷରୁ

ସ୍ଥାୟୀତ୍ୱ ମାସ-୨୦୨୬ ଉଦ୍‌ଯାପିତ : ୧୪,୬୦୦ରୁ ଅଧିକ ଲୋକ ଉପକୃତ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ବେଦାନ୍ତ ଗ୍ରୁପର ପ୍ରମୁଖ ସ୍ଥାୟୀତ୍ୱ ପଦକ୍ଷେପ ଅଧୀନରେ ଆୟୋଜିତ ସ୍ଥାୟୀତ୍ୱ ମାସ-୨୦୨୬ର ସଫଳ ସମାପନ ହୋଇଛି। ଏହି ଏକ ମାସବ୍ୟାପୀ କାର୍ଯ୍ୟକ୍ରମ ମାଧ୍ୟମରେ କମ୍ପାନୀର ୧୪,୬୦୦ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ସହଯୋଗୀ, ଛାତ୍ରଛାତ୍ରୀ, ପରିବାରବର୍ଗ ଓ ସ୍ଥାନୀୟ ସମୁଦାୟର ସଦସ୍ୟଙ୍କୁ ସାମିଲ କରାଯାଇଥିଲା। ଝାରସୁଗୁଡ଼ା, ଲାଞ୍ଜିଗଡ଼, ବାଲ୍କୋ ଏବଂ କମ୍ପାନୀର କୋଇଲା ଖଣି କାର୍ଯ୍ୟକ୍ଷେତ୍ରରେ ଆୟୋଜିତ ଏହି ପଦକ୍ଷେପରେ ପରିବେଶ ସୁରକ୍ଷା, ପ୍ରାକୃତିକ ସମ୍ପଦ ସଂରକ୍ଷଣ, ସୁରକ୍ଷା ଓ ସାମୁଦାୟିକ କଲ୍ୟାଣକୁ ଗୁରୁତ୍ୱ ଦିଆଯାଇଥିଲା।

ଏହି ଅଭିଯାନର ଅଂଶସ୍ୱରୂପ ଝାରସୁଗୁଡ଼ା ଓ ଲାଞ୍ଜିଗଡ଼ରେ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ଜୈବବିବିଧତା ସଂରକ୍ଷଣ, ସ୍ଥାୟୀ ଜୀବିକା ଓ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଏଥିରେ ୫୦ଟି ଆମ୍ବ ଚାରା ରୋପଣ, ୩୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବୃତ୍ତିଗତ ପରାମର୍ଶ, ୩୦୦ରୁ ଅଧିକ



କୃଷକଙ୍କୁ କୃଷି ସହାୟତା, ୧୦ଟି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଏବଂ ୧୨ଟି ଜଳାଶୟର ସଫେଇ ଅଭିଯାନ ଅନ୍ତର୍ଭୁକ୍ତ ଥିଲା। ଏହି ଜଳାଶୟ ସଫେଇ କାର୍ଯ୍ୟକ୍ରମ ଦ୍ୱାରା ୨,୫୦୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ବାଲ୍କୋରେ ସ୍ଥାୟୀତ୍ୱ ମାସ ଅଧୀନରେ ୨,୬୦୦ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ସହଯୋଗୀ, ଛାତ୍ରଛାତ୍ରୀ, ପରିବାରବର୍ଗ ଓ ସମୁଦାୟର ସଦସ୍ୟଙ୍କୁ ସାମିଲ କରାଯାଇଥିଲା। ବୃକ୍ଷରୋପଣ, ସ୍ଥାୟୀତ୍ୱ ସଚେତନତା ଓ ସାମୁଦାୟିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏଠାରେ ଆୟୋଜିତ ହୋଇଥିଲା।

ସେହିପରି ବେଦାନ୍ତ ଆଲୁମିନିୟମର କୋଇଲା ଖଣିଗୁଡ଼ିକରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୮,୩୯୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ସୌର ଆଲୋକ ବ୍ୟବସ୍ଥା ସ୍ଥାପନ ମାଧ୍ୟମରେ ୫,୫୦୦ ଲୋକ ଉପକୃତ ହୋଇଥିବାବେଳେ ସୁରଭି ଭଳି ଶିକ୍ଷା ଓ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୯,୦୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ଯୁବକଯୁବତୀଙ୍କୁ ସହାୟତା ଯୋଗାଇ ଦିଆଯାଇଥିଲା। ସୁରଭି ହେଉଛି ସରକାରଙ୍କ ଦ୍ୱାରା ପରିଚାଳିତ ଏକ ଶିକ୍ଷା ଓ ପ୍ରତିଭା ବିକାଶ କାର୍ଯ୍ୟକ୍ରମ, ଯାହାକୁ ବେଦାନ୍ତ ଆଲୁମିନିୟମ୍ ସହଯୋଗ କରୁଛି। ଏହା ସହ ସ୍ଥାୟୀତ୍ୱ, ସୁରକ୍ଷା ଓ ସାମୁଦାୟିକ ସମ୍ପର୍କ ବୃଦ୍ଧି ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିଲା।

ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର କହିଥିଲେ, "ଭାରତର ଉତ୍ପାଦନ କ୍ଷେତ୍ର ନିରନ୍ତର ଅଭିବୃଦ୍ଧି ହାସଲ କରୁଥିବାବେଳେ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବାର କ୍ଷମତା ଅଭିବୃଦ୍ଧି ଓ ଦାୟିତ୍ୱ ମଧ୍ୟରେ କେତେ ସଫଳତାର ସହ ସନ୍ତୁଳନ ରକ୍ଷା କରାଯାଉଛି, ତାହା ଉପରେ ନିର୍ଭର କରିବ। ଏହି ମାସବ୍ୟାପୀ କାର୍ଯ୍ୟକ୍ରମ ଶିକ୍ଷା ଓ ସାମୂହିକ ଦାୟିତ୍ୱବୋଧର ସଂସ୍କୃତିକୁ ମଧ୍ୟ ସୁଦୃଢ଼ କରିଥିଲା। ବାଲ୍କୋରେ 'ଭେଦାସ୍ ଲେଭଲ୍-୧: ଇଏସଜି ଏସେନ୍ସିଆଲ୍ସ' ପାଠ୍ୟକ୍ରମରେ ୬୦ ପ୍ରତିଶତ ସମାପନ ହାର ହାସଲ କରି ବୃହତ୍ ବ୍ୟବସାୟିକ ଏକକ ବର୍ଗରେ 'ଲର୍ଣ୍ଣିଂ ପାୱାରହାଉସ୍' ପୁରସ୍କାର ଲାଭ କରିଥିଲା। ଅନ୍ୟପକ୍ଷରେ ଜାମଖାନି କାର୍ଯ୍ୟକ୍ଷେତ୍ର ୯୮.୫ ପ୍ରତିଶତ ସମାପନ ହାର ସହ କ୍ଷୁଦ୍ର ବ୍ୟବସାୟିକ ଏକକ ବର୍ଗରେ ପୁରସ୍କାର ହାସଲ କରିଥିଲା। ଲାଞ୍ଜିଗଡ଼ ବୃହତ୍ ବ୍ୟବସାୟିକ ଏକକ ବର୍ଗରେ 'କଲେକ୍ଟିଭ୍ ଆକ୍ସନ୍' ପୁରସ୍କାରରେ ତୃତୀୟ ସ୍ଥାନ ଅଧିକାର କରିଥିଲା।

୧୯୮୪ ଦଙ୍ଗା ପୀଡ଼ିତଙ୍କ କ୍ଷତରେ ଲୁଣ ଛିଞ୍ଚିଲା ରାମଲୀଳା ରାଲି : ଅମିତ ଶାହ

ନୂଆଦିଲ୍ଲୀ : ୧୯୮୪ ମସିହାର ଶିଖ୍ ବିରୋଧୀ ଦଙ୍ଗାର ବାର୍ଷିକୀ ଦିନରେ ଦିଲ୍ଲୀର ରାମଲୀଳା ମୈଦାନରେ ଇଣ୍ଡି ମେଣ୍ଟ ପକ୍ଷରୁ ରାଲି ଆୟୋଜନକୁ ନେଇ କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଏହି ରାଲି ୧୯୮୪ ଦଙ୍ଗା ପୀଡ଼ିତ ଓ ସେମାନଙ୍କ ପରିବାରର କ୍ଷତରେ ଲୁଣ ଛିଞ୍ଚିବା ସଦୃଶ ବୋଲି ସେ କହିଛନ୍ତି। ରବିବାର ଚଣ୍ଡୀଗଡ଼ରେ ୨୫୮ କୋଟି ଟଙ୍କାର ବିକାଶ ପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ ପରେ ଏକ ସଭାରେ ଉଦ୍ବୋଧନ ଦେଇ ଶାହ କହିଥିଲେ, ୧୯୮୪ ନଭେମ୍ବର ୧ରେ ଦିଲ୍ଲୀରେ



ହଜାର ହଜାର ଶିଖ୍ଙ୍କ ଜୀବନ ଯାଇଥିଲା। ଅନେକଙ୍କୁ ଜୀବନ୍ତ ଜାଳି ଦିଆଯାଇଥିଲା। ଅନେକ ପରିବାର ଘରଦ୍ୱାର ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଶିଶୁମାନେ ଅନାଥ ଓ ମହିଳାମାନେ ବିଧବା ହୋଇଥିଲେ। ଏଭଳି ଏକ ଦୁଃଖଦ ଦିନରେ ରାଲି ଆୟୋଜନ କରିବା ଉଚିତ ନୁହେଁ ବୋଲି ସେ ମତ ଦେଇଥିଲେ। ଶାହ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ବିବାଦୀୟ 'ବଡ଼ ଗଛ ପଡ଼ିଲେ ଭୂମି ଥରେ' ମନ୍ତବ୍ୟକୁ ମଧ୍ୟ ମନେ ପକାଇଥିଲେ। ତାଙ୍କ ଅଭିଯୋଗ ଅନୁସାରେ, ଏହି ତାରିଖରେ ରାଲି ନକରିବାକୁ ବିଜେପି ପକ୍ଷରୁ କଂଗ୍ରେସକୁ ନଭେମ୍ବର ୧, ୨ ଓ ୩ ତାରିଖରେ କାର୍ଯ୍ୟକ୍ରମ ନ ରଖିବାକୁ ଅନୁରୋଧ କରାଯାଇଥିଲା। ତଥାପି କଂଗ୍ରେସ ଏହାକୁ ଅଣଦେଖା କରିଥିବା ସେ କହିଛନ୍ତି। ରାହୁଲଙ୍କ 'ମହବତ୍ କି ଦୋକାନ' ସ୍ଲୋଗାନକୁ ମଧ୍ୟ ସମାଲୋଚନା କରି ଏଥିରୁ ଘୃଣା ହିଁ ମିଳିବ ବୋଲି ଶାହ କଟାକ୍ଷ କରିଥିଲେ। ଅନ୍ୟପକ୍ଷରେ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଏବଂ ଭୋଟର ତାଲିକାରେ କଥିତ ଅନିୟମିତତା ଓ ସ୍ୱତନ୍ତ୍ର ଗଭୀର ସଂଶୋଧନ ପ୍ରକ୍ରିୟାକୁ ବିରୋଧ କରି ଇଣ୍ଡି ମେଣ୍ଟ 'ଚଲୋ ଦିଲ୍ଲୀ' ରାଲି ଆୟୋଜନ କରିଥିଲା। ଏହାକୁ 'ଭୋଟ୍ ବଚାଓ, ଦେଶ ବଚାଓ' ଅଭିଯାନର ଅଂଶ ବୋଲି ମେଣ୍ଟ ପକ୍ଷରୁ କୁହାଯାଇଥିଲା। ରାଲିରେ ରାହୁଲ ଗାନ୍ଧୀ ନିର୍ବାଚନୀ ଅନିୟମିତତା ଅଭିଯୋଗ ଉଠାଇଥିବା ବେଳେ ଅମିତ ଶାହ ଏହାର ତାରିଖକୁ ନେଇ କଂଗ୍ରେସକୁ ଘେରିଛନ୍ତି। ଏହାକୁ ନେଇ ଦେଶର ରାଜନୈତିକ ମହଲରେ ବାକ୍‌ଯୁଦ୍ଧ ତୀବ୍ର ହୋଇଛି।

ରୁଷର ମିସାଇଲ୍ ଉତ୍ପାଦନ କେନ୍ଦ୍ର ଉପରେ ୟୁକ୍ରେନର ଆକ୍ରମଣ

କିଭ୍: ରୁଷ୍-ୟୁକ୍ରେନ୍ ଯୁଦ୍ଧ ମଧ୍ୟରେ ରୁଷ୍ର ରୋଷ୍ଟୋଭ୍ ଅଞ୍ଚଳରେ ଥିବା ଏକ ପ୍ରତିରକ୍ଷା ଶିଳ୍ପ କାରଖାନା ଉପରେ ଆକ୍ରମଣ କରିଥିବା ଦାବି କରିଛି ୟୁକ୍ରେନ୍। ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ରବିବାର କହିଛନ୍ତି ଯେ, ରୁଷ୍ର କ୍ଷେପଣାସ୍ତ୍ର ଉତ୍ପାଦନ ସହ ଜଡ଼ିତ କାମେନସ୍କି ପ୍ଲାଣ୍ଟକୁ ୟୁକ୍ରେନ୍ ସେନା ଟାର୍ଗେଟ୍ କରିଛି। ଏହା ସହିତ ରୁଷ୍ର ଦୁଇଟି ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଆକ୍ରମଣ ହୋଇଥିବା ସେ ଦାବି କରିଛନ୍ତି। ଜେଲେନସ୍କିଙ୍କ ଅନୁଯାୟୀ, ରୋଷ୍ଟୋଭ୍ ଅଞ୍ଚଳରେ ଥିବା କାମେନସ୍କି କେମିକାଲ୍ ପ୍ଲାଣ୍ଟ ରୁଷ୍ର ପ୍ରତିରକ୍ଷା ଶିଳ୍ପ ପାଇଁ କ୍ଷେପଣାସ୍ତ୍ର ଉତ୍ପାଦନ କାର୍ଯ୍ୟରେ ଜଡ଼ିତ। ଏହି କାରଖାନା ଉପରେ ଆକ୍ରମଣକୁ ସେ ୟୁକ୍ରେନ୍ର ଦୀର୍ଘପଥଗାମୀ ପ୍ରତିଆକ୍ରମଣର ଅଂଶ ବୋଲି କହିଛନ୍ତି। ଏହା ବ୍ୟତୀତ ରୁଷ୍ର ପାନ୍ତସିର୍-ଏସ୍୨ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ଏସ୍-୪୦୦ ଟ୍ରାୟମ୍ଫ୍ ବ୍ୟବସ୍ଥାର କମାଣ୍ଡ ଯାନକୁ ମଧ୍ୟ ଟାର୍ଗେଟ୍ କରାଯାଇଥିବା ଜେଲେନସ୍କି କହିଛନ୍ତି। ଏହି ଦୁଇଟି ପ୍ରତିରକ୍ଷା ସାମଗ୍ରୀର ମିଳିତ ମୂଲ୍ୟ ପ୍ରାୟ ୭ କୋଟି ଡଲାର ବୋଲି ସେ ଆକଳନ କରିଛନ୍ତି। ଆକ୍ରମଣରେ ସାମିଲ୍ ୟୁକ୍ରେନ୍ର ସୁରକ୍ଷା ସେବା ଏବଂ ପ୍ରତିରକ୍ଷା ବାହିନୀର ଅନ୍ୟ ୟୁନିଟ୍ଗୁଡ଼ିକୁ ସେ ଧନ୍ୟବାଦ ଜଣାଇଛନ୍ତି। ୟୁକ୍ରେନ୍ ସେନାର ଜେନେରାଲ୍ ଷ୍ଟାଫ୍ଙ୍କ ପୂର୍ବ ସୂଚନା ଅନୁସାରେ, ଅକ୍ଟୋବର ୩୧ ରାତିରେ ଡ୍ରୋନ୍ ଓ ନେପଚ୍ୟୁନ୍ କ୍ଷେପଣାସ୍ତ୍ର ବ୍ୟବହାର କରି କାମେନସ୍କି କାରଖାନା ଉପରେ ଆକ୍ରମଣ କରାଯାଇଥିଲା। ଏହାର ଏକ ପ୍ରସ୍ତୁତ ସାମଗ୍ରୀ ଗୋଦାମରେ ନିଆଁ ଲାଗିଥିବା ଏବଂ ଚାରିଟି ଉତ୍ପାଦନ କାରଖାନା କ୍ଷତିଗ୍ରସ୍ତ ହୋଇଥିବା ୟୁକ୍ରେନ୍ ପକ୍ଷରୁ ଦାବି କରାଯାଇଛି। ତେବେ ଏହି କ୍ଷୟକ୍ଷତି ସମ୍ପର୍କରେ ରୁଷ୍ ପକ୍ଷରୁ ତତ୍କାଳ କୌଣସି ମତ ମିଳିନାହିଁ। ଅନ୍ୟପକ୍ଷରେ ରୁଷ୍ ପକ୍ଷରୁ ଶନିବାର ରାତିରେ ୟୁକ୍ରେନ୍ର ଚାରିଟି ଅଞ୍ଚଳର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରାଯାଇଥିବା ଜେଲେନସ୍କି ଅଭିଯୋଗ କରିଛନ୍ତି। ଡ୍ନିପ୍ରୋ, ଭିନିସ୍ତିଆ, ଝିଟୋମିର୍ ଓ ଖମେଲନିସ୍କି ଅଞ୍ଚଳର ବିଦ୍ୟୁତ୍ ଉପକେନ୍ଦ୍ର, ଟ୍ରାନ୍ସଫର୍ମର ଏବଂ ବିଦ୍ୟୁତ୍ ଲାଇନ୍ ଏହି ଆକ୍ରମଣର ଲକ୍ଷ୍ୟ ହୋଇଥିଲା। ଫଳରେ ଲକ୍ଷାଧିକ ପରିବାର ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିବା ସେ କହିଛନ୍ତି। ୟୁକ୍ରେନ୍ ବାୟୁସେନାର ଦାବି ଅନୁଯାୟୀ, ରୁଷ୍ ପକ୍ଷରୁ ଛଡ଼ାଯାଇଥିବା ୪୩୩ଟି ଦୀର୍ଘପଥଗାମୀ ଡ୍ରୋନ୍ ମଧ୍ୟରୁ ୩୭୧ଟିକୁ ଖସାଇ ଦିଆଯାଇଥିଲା।

ଭାରତରେ ଟ୍ରୁକଲର ଲାଇଟ୍ ଆପ୍ ଶୁଭାରମ୍ଭ

ବେଙ୍ଗାଲୁରୁ: ଟ୍ରୁକଲର ପକ୍ଷରୁ ଭାରତରେ "ଟ୍ରୁକଲର ଲାଇଟ୍' ନାମକ ଏକ ନୂତନ ହାଲୁକା ଆଣ୍ଡ୍ରଏଡ୍ ଆପ୍ ଶୁଭାରମ୍ଭ କରାଯାଇଛି । ମାତ୍ର ୧୦ ଏମବି ଆକାରର ଏହି ଆପ୍ କମ୍ ଷ୍ଟୋରେଜ୍ ଓ ୪ ଜିବି ପର୍ଯ୍ୟନ୍ତ ରାମ୍ ଥିବା ସ୍ମାର୍ଟଫୋନ୍ ପାଇଁ ଉଦ୍ଦିଷ୍ଟ । ଏଥିରେ କଲର ଆଇଡି, ସ୍ପାମ୍ କଲ୍ ଚିହ୍ନଟ ଓ ଠକେଇ କଲ୍ ବ୍ଲକ୍ କରିବା ଭଳି ସୁବିଧା ରହିଛି । ଏହାସହ କଲ୍ ହିଷ୍ଟ୍ରି, କଣ୍ଟାକଫସ୍ ଓ ନମ୍ବର ସର୍ଚ୍ଚ ସୁବିଧା ମଧ୍ୟ ଉପଲବ୍ଧ ହେବ ।ଟ୍ରୁକଲରର ସିଇଓ ରିଜିତ ଝୁନଝୁନଓ୍ୱାଲା କହିଛନ୍ତି ଯେ, ସ୍ମାର୍ଟଫୋନର ମୂଲ୍ୟ କିମ୍ବା ଷ୍ଟୋରେଜ୍ ଆଧାରରେ ସୁରକ୍ଷା ସୀମିତ ରହିବା ଉଚିତ ନୁହେଁ । କମ୍ କ୍ଷମତାସମ୍ପନ୍ନ ଫୋନ୍ ବ୍ୟବହାରକାରୀଙ୍କୁ ମଧ୍ୟ ସମାନ ସ୍ପାମ୍ ଓ ଠକେଇ ସୁରକ୍ଷା ଯୋଗାଇବା ପାଇଁ ଟ୍ରୁକଲର ଲାଇଟ୍ ପ୍ରସ୍ତୁତ କରାଯାଇଛି ।

ଶସ୍ତା ହେବ 'ବନ୍ଦେ ଭାରତ ସ୍ଲିପର' ଭଡ଼ା

ନୂଆଦିଲ୍ଲୀ: ଭାରତୀୟ ରେଳବାଇ ଯାତ୍ରୀମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତିକର ଖବର ଆଣିଛି। ଦିଲ୍ଲୀ ଏବଂ ବାରଣାସୀ ମଧ୍ୟରେ ଆରମ୍ଭ ହୋଇଥିବା ଅତ୍ୟାଧୁନିକ ବନ୍ଦେ ଭାରତ ସ୍ଲିପର ଟ୍ରେନର ଭଡ଼ାକୁ ନେଇ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ସ୍ଲିପର ଟ୍ରେନର କିଛି ଶ୍ରେଣୀର ଭଡ଼ା ପୂର୍ବରୁ ଚାଲୁଥିବା ସାଧାରଣ ବନ୍ଦେ ଭାରତ ଏକ୍ସପ୍ରେସ (ଚେୟାର କାର୍) ଠାରୁ ମଧ୍ୟ କମ୍ ରହିଛି। ଆରାମଦାୟକ ରାତି ଯାତ୍ରା ପାଇଁ ପ୍ରସ୍ତୁତ ଏହି ବନ୍ଦେ ଭାରତ ସ୍ଲିପର ଟ୍ରେନର ବିଭିନ୍ନ ବର୍ଗର ଭଡ଼ା ନିମ୍ନମତେ ସ୍ଥିର କରାଯାଇଛି | ଥର୍ଡ ଏସିର ଭଡ଼ା ୧,୯୧୫ ଟଙ୍କା ଥିବାବେଳେ ସେକେଣ୍ଡ ଏସିର ଭଡ଼ା ୨,୪୭୦ ଟଙ୍କା, ଫାଷ୍ଟ କ୍ଲାସ୍ ଏସିର ଭଡ଼ା ୩,୦୩୦ ଟଙ୍କା ରହିଛି | ଅନ୍ୟପଟେ ବାରଣାସୀ-ନୂଆଦିଲ୍ଲୀ ସାଧାରଣ ବନ୍ଦେ ଭାରତ ଏକ୍ସପ୍ରେସର ଏସି ଚେୟାର କାର୍ ଭଡ଼ା ପ୍ରାୟ ୧,୮୩୫ ଟଙ୍କା ଏବଂ ଏକ୍ଜିକ୍ୟୁଟିଭ୍ କ୍ଲାସ୍ ଭଡ଼ା ୩,୩୮୫ ଟଙ୍କା ରହିଛି | ଏହାକୁ ତୁଳନା କଲେ ବନ୍ଦେ ଭାରତ ସ୍ଲିପରର ଥର୍ଡ ଏସି ଭଡ଼ା ମାତ୍ର କିଛି ଅଧିକ ଟଙ୍କା ଦେଇ ଯାତ୍ରୀମାନଙ୍କୁ ଶୋଇକି ଯିବାର ସୁବିଧା ଯୋଗାଇଦେବ। ରେଳ ବିଭାଗର ସୂଚନା ଅନୁଯାୟୀ, ଏହି ସ୍ଲିପର ଟ୍ରେନ୍ ଯାତ୍ରୀମାନଙ୍କୁ ବିମାନ ଭଳି ଅତ୍ୟାଧୁନିକ ଏବଂ ଆରାମଦାୟକ ଅନୁଭବ ପ୍ରଦାନ କରିବ।

ଓମାନରୁ ଭାରତ ଫେରିଲେ ମହାଦେବ ବେଟିଂ ଆପର ମୁଖ୍ୟ ଅଭିଯୁକ୍ତ ସୌରଭ

ରାୟପୁରର ସ୍ୱତନ୍ତ୍ର ଅଦାଲତରେ ହେବେ ହାଜର

ନୂଆଦିଲ୍ଲୀ: ବେଆଇନ ଅନଲାଇନ୍ ବେଟିଂ ନେଟୱର୍କ ମହାଦେବ ଆପ୍ର ପ୍ରମୋଟର ତଥା ମୁଖ୍ୟ ଅଭିଯୁକ୍ତ ସୌରଭ ଚନ୍ଦ୍ରାକରଙ୍କୁ ଓମାନରୁ ଭାରତ ଫେରାଇ ଆଣିଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)। ଭାରତର ଅନ୍ୟ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଏବଂ ଓମାନ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏହି ପ୍ରତ୍ୟର୍ପଣ ପ୍ରକ୍ରିୟା ସଫଳ ହୋଇଛି। ଓମାନରୁ ଏକ ସ୍ୱତନ୍ତ୍ର ସିବିଆଇ ଟିମ୍ ତାଙ୍କୁ ଭାରତ ଆଣିଛି। ନଭେମ୍ବର ୨ ତାରିଖରେ ତାଙ୍କୁ ରାୟପୁରସ୍ଥିତ ସିବିଆଇର ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବ। ଚନ୍ଦ୍ରାକରଙ୍କ ବିରୋଧରେ ସିବିଆଇର ଦୁଇଟି ମାମଲା ରହିଛି। ଏହି ଦୁଇ ମାମଲାରେ ତଦନ୍ତକାରୀ ସଂସ୍ଥା ପୂର୍ବରୁ ଅଭିଯୋଗପତ୍ର ଦାଖଲ କରିସାରିଛି। ଏହାବ୍ୟତୀତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଅର୍ଥ ହେରଫେର ମାମଲାରେ ମଧ୍ୟ ତାଙ୍କ ନାମ ରହିଛି। ଏହି ମାମଲାରେ ଇଡି ପକ୍ଷରୁ ଅଦାଲତରେ ଅଭିଯୋଗ ଦାଖଲ କରାଯାଇଛି। ଛତିଶଗଡ଼ ସରକାରଙ୍କ ଅନୁରୋଧକ୍ରମେ ସିବିଆଇ ମହାଦେବ ଅନଲାଇନ୍ ବୁକ୍ ମାମଲାର ତଦନ୍ତ ହାତକୁ ନେଇଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଦେଶର ଅନ୍ୟତମ ବୃହତ୍ ବେଆଇନ ଅନଲାଇନ୍ ବେଟିଂ ନେଟୱର୍କ ଭାବେ ଏହା କାର୍ଯ୍ୟ କରୁଥିଲା। ଭାରତ ବାହାରୁ ପରିଚାଳିତ ଏହି ନେଟୱର୍କ ଜରିଆରେ କ୍ରିକେଟ୍,



ଫୁଟବଲ୍, ତାସ୍ ଖେଳ ସମେତ ବିଭିନ୍ନ କ୍ରୀଡ଼ା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ବେଆଇନ ଭାବେ ଟଙ୍କା ଲଗାଯାଉଥିବା ଅଭିଯୋଗ ରହିଛି। ଦେଶର ବିଭିନ୍ନ ସ୍ଥାନରେ ଫ୍ରାଞ୍ଚାଇଜି ଭିତ୍ତିକ ପ୍ୟାନେଲ୍ ଓ ଶାଖା ମାଧ୍ୟମରେ ଏହି ନେଟୱର୍କ ଉପଭୋକ୍ତାଙ୍କୁ ଯୋଡୁଥିଲା ଏବଂ ସେମାନଙ୍କଠାରୁ ବେଟିଂ ଟଙ୍କା ସଂଗ୍ରହ କରୁଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି। ବେଆଇନ କାରବାରରୁ ମିଳୁଥିବା ଅର୍ଥକୁ ବହୁ ସଂଖ୍ୟକ ମ୍ୟୁଲ୍ ବ୍ୟାଙ୍କ ଖାତା ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ଅନ୍ୟତ୍ର ପଠାଯାଉଥିଲା। ପରେ ହାୱାଲା ମାଧ୍ୟମରେ ଏହି ଅର୍ଥ ବିଦେଶକୁ ସ୍ଥାନାନ୍ତର ହେଉଥିବା ସିବିଆଇ ଅଭିଯୋଗ କରିଛି। ଏହି ଅର୍ଥର କିଛି ଅଂଶ ସରକାରୀ କର୍ମଚାରୀଙ୍କୁ ସୁରକ୍ଷା ଟଙ୍କା ଦେବାରେ ବ୍ୟବହାର ହୋଇଥିବା ମଧ୍ୟ ତଦନ୍ତରେ ସାମ୍ନାକୁ ଆସିଛି। ସିବିଆଇ ଦୁର୍ନୀତି ନିବାରଣ ଆଇନ, ୧୯୮୮ ସହିତ ଅପରାଧିକ ଷଡ଼ଯନ୍ତ୍ର, ଠକେଇ ଓ ଜାଲିଆତି ସମ୍ପର୍କିତ ଆଇନ ଏବଂ ଛତିଶଗଡ଼ ଜୁଆ ନିଷେଧ ଆଇନ ଅନୁଯାୟୀ ଅଭିଯୋଗପତ୍ର ଦାଖଲ କରିଛି। ଚନ୍ଦ୍ରାକର ଏହି ମାମଲାଗୁଡ଼ିକର ଅନ୍ୟତମ ପ୍ରମୁଖ ଅଭିଯୁକ୍ତ। ଅନ୍ୟପଟେ ଇଡି ଏହି ମାମଲା ସହ ଜଡ଼ିତ ଦେଶ ଓ ବିଦେଶର ଅନେକ ସମ୍ପତ୍ତି ଜବତ କରିଛି। ଇଣ୍ଟରପୋଲ୍ ପକ୍ଷରୁ ଜାରି ରେଡ୍ କର୍ଣ୍ଣର ନୋଟିସ୍ ଆଧାରରେ ଓମାନ ପୁଲିସ ଚନ୍ଦ୍ରାକରଙ୍କୁ ଚିହ୍ନଟ କରି ଅଟକ ରଖିଥିଲା। ଏହାପରେ ସିବିଆଇ ଓ ଇଡି ଓମାନ ସରକାରଙ୍କ ନିକଟରେ ଆନୁଷ୍ଠାନିକ ପ୍ରତ୍ୟର୍ପଣ ପ୍ରସ୍ତାବ ଦାଖଲ କରିଥିଲେ। ଭାରତୀୟ ତଦନ୍ତକାରୀ ସଂସ୍ଥା, ଇଣ୍ଟରପୋଲ୍ ଏବଂ ଓମାନର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ପରେ ପ୍ରତ୍ୟର୍ପଣକୁ ଅନୁମତି ମିଳିଥିଲା।

ଚେକ୍ ଦୂତାବାସରେ ଜାୱାର ଚେକ ଦିବସ ପାଳନ

ନୂଆଦିଲ୍ଲୀ:ନୂଆଦିଲ୍ଲୀସ୍ଥିତ ଚେକ୍ ଗଣରାଜ୍ୟ ଦୂତାବାସରେ ଜାଓ୍ୱା ୟେଜ୍ଡି ମୋଟରସାଇକେଲ୍ସ ପକ୍ଷରୁ ଚେକ୍ ଡେ ୨୦୨୬ ପାଳନ କରାଯାଇଛି । ୧୯୨୯ରେ ଚେକ୍ ଗଣରାଜ୍ୟର ପ୍ରାଗଠାରେ ଆରମ୍ଭ ହୋଇଥିବା ଜାଓ୍ୱା ବ୍ରାଣ୍ଡ ନିଜର ଐତିହ୍ୟ, ନବସୃଜନ ଓ ମୋଟରସାଇକେଲ ନିର୍ମାଣ ପରମ୍ପରାକୁ ଏହି ଅବସରରେ ସ୍ମରଣ କରିଛି ।ଏହି ଅବସରରେ କ୍ଲାସିକ୍ ଲିଜେଣ୍ଡସର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି ଯେ, ଜାଓ୍ୱା ୪୨ ଭାରତରେ ମଡର୍ଣ୍ଣ କ୍ଲାସିକ୍ ମୋଟରସାଇକେଲ ବର୍ଗକୁ ନୂଆ ପରିଚୟ ଦେବା ସହ ନୂତନ ପିଢ଼ିର ଚାଳକଙ୍କ ମଧ୍ୟରେ ବ୍ରାଣ୍ଡ ପ୍ରତି ଆଗ୍ରହ ସୃଷ୍ଟି କରିଛି । ଜାଓ୍ୱା କେବଳ ନିଜର ଐତିହ୍ୟକୁ ସଂରକ୍ଷଣ କରୁନାହିଁ, ବରଂ ଆଧୁନିକ ଚାଳକଙ୍କ ପାଇଁ ନିଜର ସ୍ୱତନ୍ତ୍ର ପରିଚୟକୁ ଆଗକୁ ବଢ଼ାଉଛି ବୋଲି ସେ କହିଛନ୍ତି ।

ପ୍ରଦୂଷଣ ରୋକିବାକୁ କଟକଣା ଗୁରୁଗ୍ରାମ ସୀମାରେ ୫ କିମି ଯାଏଁ ଗାଡ଼ି ଜାମ୍

ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ରୋକିବାକୁ ନୂଆ ଯାନବାହନ କଟକଣା ଲାଗୁ ହେବା ପରେ ଦିଲ୍ଲୀ-ଗୁରୁଗ୍ରାମ ସୀମାରେ ଭୟଙ୍କର ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଛି। ରବିବାର ସକାଳୁ ସାରହୌଲ୍ ସୀମା ଓ ଟୋଲ୍ ପ୍ଲାଜା ନିକଟରେ ଗାଡ଼ିର ଲମ୍ବା ଧାଡ଼ି ଲାଗିଥିଲା। ଜାତୀୟ ରାଜପଥ-୪୮ ରେ ପ୍ରାୟ ୫ କିଲୋମିଟର ଯାଏଁ ଗାଡ଼ି ଅଟକି ରହିଥିଲା। ଦିଲ୍ଲୀ ସରକାରଙ୍କ ନିୟମ ଅନୁସାରେ, ନଭେମ୍ବର ୧ରୁ ଜାନୁଆରି ୩୧ ପର୍ଯ୍ୟନ୍ତ ଦିଲ୍ଲୀ ବାହାରେ ପଞ୍ଜିକୃତ ବିଏସ୍-୬ ମାନକରୁ କମ୍ ପେଟ୍ରୋଲ ଓ ଡିଜେଲ୍ ଗାଡ଼ିକୁ ରାଜଧାନୀରେ ପ୍ରବେଶ ଅନୁମତି ମିଳିବ ନାହିଁ। ଏଥିରେ ବିଏସ୍-୩ ଓ ବିଏସ୍-୪ ଗାଡ଼ି ମଧ୍ୟ ରହିଛି। ତେବେ ସିଏନ୍ଜି, ଇଲେକ୍ଟ୍ରିକ୍ ଓ ବିଏସ୍-୬ ଗାଡ଼ିକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ଯାଞ୍ଚ ପାଇଁ ପ୍ରାୟ ୫୦ ଜଣ ଟ୍ରାଫିକ୍ ଓ ହରିୟାଣା ପୁଲିସ କର୍ମଚାରୀ ମୁତୟନ ହୋଇଥିଲେ। ନିୟମ ଉଲ୍ଲଙ୍ଘନକାରୀ ଗାଡ଼ିକୁ ଚାଲାଣ କାଟି ଫେରାଇ ଦିଆଯାଉଥିଲା। ଫଳରେ ଅନେକ ଯାତ୍ରୀ ଦୁଇ ଘଣ୍ଟାରୁ ଅଧିକ ସମୟ ଟ୍ରାଫିକ୍ରେ ଫସି ରହିଥିଲେ। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଜାମ୍ ଅପରାହ୍ଣ ପ୍ରାୟ ୩ଟାରେ କମିଥିଲା। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାରଙ୍କ ଏହି ପଦକ୍ଷେପ ଯାତ୍ରୀଙ୍କ ପାଇଁ ଭାରି ଯନ୍ତ୍ରଣାଦାୟକ ହୋଇଛି।

'ନିଜକୁ ସମ୍ମାନ କରୁଥିବା ବିଚାରପତିଙ୍କୁ ସରକାର ସମ୍ମାନ ଦିଅନ୍ତି'

ନୂଆଦିଲ୍ଲୀ: ନ୍ୟାୟପାଳିକାର ସ୍ୱାଧୀନତା ଏବଂ ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ସରକାରଙ୍କ ଭୂମିକାକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ସଞ୍ଜୟ କିଶନ କୌଲ ତାଙ୍କ ସ୍ମୃତିଗ୍ରନ୍ଥ 'ୱିଦାଉଟ୍ ଫିୟର ଅର୍ ଫେଭର'ରେ ନ୍ୟାୟପାଳିକା ଓ ସରକାରଙ୍କ ମଧ୍ୟରେ ସମ୍ପର୍କ, ବିଚାରପତି ନିଯୁକ୍ତି ଏବଂ କଲେଜିୟମ୍ ବ୍ୟବସ୍ଥାର ଆହ୍ୱାନ ସମ୍ପର୍କରେ ନିଜ ଅନୁଭୂତି ଲେଖିଛନ୍ତି। ଏଥିରେ ସେ କହିଛନ୍ତି, ଯେଉଁ ବିଚାରପତିମାନେ ନିଜ ଅନୁଷ୍ଠାନର ସମ୍ମାନ ଓ ସ୍ୱାଧୀନତା ରକ୍ଷା ପାଇଁ ଦୃଢ଼ ରହନ୍ତି, ସରକାର ସେମାନଙ୍କୁ ଅଧିକ ସମ୍ମାନ କରନ୍ତି। ଜଷ୍ଟିସ୍ କୌଲଙ୍କ ମତରେ, ବିଚାରପତି ନିଯୁକ୍ତି ପ୍ରକ୍ରିୟାରେ ସରକାରଙ୍କ ସହ ପରାମର୍ଶ ହେବା ସ୍ୱାଭାବିକ। କିନ୍ତୁ କଲେଜିୟମ୍ ନିଜ ଭିତରେ ଆଲୋଚନା କରି ନିଷ୍ପତ୍ତି ନେବା ପୂର୍ବରୁ ସରକାରଙ୍କ ଅନୁମୋଦନ ଲୋଡ଼ିବା ଠିକ୍ ନୁହେଁ। ତାଙ୍କ ମତରେ, ପ୍ରଥମେ କଲେଜିୟମ୍ ସ୍ୱାଧୀନ ଭାବେ ପ୍ରାର୍ଥୀଙ୍କ ନାମ ଉପରେ ବିଚାରବିମର୍ଶ କରିବା ଉଚିତ। ଏହାପରେ ସରକାରଙ୍କ ସହ ଆଲୋଚନା ହେବା ଆବଶ୍ୟକ। ସ୍ମୃତିଗ୍ରନ୍ଥରେ ସେ ପୂର୍ବତନ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ସହ ମତଭେଦ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଜଷ୍ଟିସ୍ କୌଲଙ୍କ ଅଭିଯୋଗ



ଅନୁଯାୟୀ, ବିଚାରପତି ନିଯୁକ୍ତି ପ୍ରସଙ୍ଗରେ ଚନ୍ଦ୍ରଚୂଡ଼ ସରକାରଙ୍କ ପ୍ରତି ଆବଶ୍ୟକତାଠାରୁ ଅଧିକ ନମନୀୟ ଆଭିମୁଖ୍ୟ ଗ୍ରହଣ କରୁଥିଲେ। କଲେଜିୟମ୍ରେ ଛଅଟି ଖାଲି ପଦ ପୂରଣ ପାଇଁ ଆଲୋଚନା ବେଳେ ଏହି ମତଭେଦ ଦେଖାଦେଇଥିବା ସେ ଲେଖିଛନ୍ତି। ତାଙ୍କ ଅନୁସାରେ, ବୈଠକ ପୂର୍ବରୁ ପାଞ୍ଚଟି ନାମ ଉପରେ ସହମତି ହୋଇଥିଲା। କିନ୍ତୁ ବୈଠକକୁ ଯିବା ସମୟରେ ଚନ୍ଦ୍ରଚୂଡ଼ ଆଉ ଜଣେ ପ୍ରାର୍ଥୀଙ୍କ ନାମ ପ୍ରସ୍ତାବ କରିଥିଲେ। ଏହି ନାମ ସରକାରଙ୍କ ପକ୍ଷରୁ ଆସିଥାଇପାରେ ବୋଲି କୌଲ ସନ୍ଦେହ କରିଥିଲେ। ଏପରିକି କଲେଜିୟମ୍ ବୈଠକ ମଧ୍ୟରେ ସରକାରଙ୍କ ମତ ଜାଣିବା ପାଇଁ ଫୋନ୍ କରିବା ଉଚିତ କି ନାହିଁ ବୋଲି ଚନ୍ଦ୍ରଚୂଡ଼ ପ୍ରଶ୍ନ କରିଥିବା କୌଲ ତାଙ୍କ ପୁସ୍ତକରେ ଦାବି କରିଛନ୍ତି। ଶେଷରେ ପାଞ୍ଚଟି ନାମ ମଞ୍ଜୁର ହୋଇଥିଲା, ଷଷ୍ଠ ନାମଟି ଆଗକୁ ବଢ଼ିନଥିଲା। ଅନ୍ୟ ଏକ ଘଟଣାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ବିଚାରପତି ପ୍ରାର୍ଥୀଙ୍କ ନିଯୁକ୍ତିକୁ ନେଇ ସରକାରଙ୍କ ପକ୍ଷରୁ ପ୍ରଶ୍ନ ଉଠିଥିବା କୌଲ ଲେଖିଛନ୍ତି। ପ୍ରାର୍ଥୀଙ୍କ ପରିବାରର ଜାତି ସମ୍ପର୍କରେ ପଚରାଯାଇଥିବା ପ୍ରଶ୍ନକୁ ସେ ଅପ୍ରାସଙ୍ଗିକ ବୋଲି ମନେ କରିଥିଲେ। ଏହାକୁ ନେଇ ଚନ୍ଦ୍ରଚୂଡ଼ଙ୍କ ସହ ତାଙ୍କର ମତଭେଦ ତୀବ୍ର ହୋଇଥିଲା। ଏହି ପ୍ରସଙ୍ଗରେ ସେ ବୈଠକରୁ ବାହାରି ଆସିଥିବା ଏବଂ ପରେ ସରକାର ନିଜ ଆଭିମୁଖ୍ୟ ବଦଳାଇବା ପରେ ପ୍ରାର୍ଥୀଙ୍କ ନିଯୁକ୍ତି ପ୍ରକ୍ରିୟା ଆଗକୁ ବଢ଼ିଥିବା ଉଲ୍ଲେଖ କରିଛନ୍ତି। ତେବେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଏହି ଅଭିଯୋଗ ଉପରେ ଭିନ୍ନ ମତ ରଖିଛନ୍ତି। ପୁସ୍ତକଟି ପଢ଼ିବା ପରେ ହିଁ ଏହାର ବିଷୟବସ୍ତୁ ଓ ପ୍ରସଙ୍ଗ ଅନୁଯାୟୀ ବିସ୍ତୃତ ମତ ଦେଇପାରିବେ ବୋଲି ସେ କହିଛନ୍ତି। ତାଙ୍କ କହିବା ଅନୁଯାୟୀ, କଲେଜିୟମ୍ ବୈଠକଗୁଡ଼ିକ ସମ୍ମାନଜନକ ପରିବେଶରେ ହୋଇଥିଲା ଏବଂ ସେଠାରେ ଯୁକ୍ତିସଙ୍ଗତ ଆଲୋଚନା ହୋଇଥିଲା। କୌଲ ବୈଠକରୁ ଉଠି ଚାଲିଯାଇଥିବା ଘଟଣା ତାଙ୍କର ମନେ ନାହିଁ ବୋଲି ମଧ୍ୟ ଚନ୍ଦ୍ରଚୂଡ଼ କହିଛନ୍ତି।

ନେପାଳରେ ପ୍ରବଳ ତୁଷାରପାତ

ଫସି ରହିଛନ୍ତି ୬ ଭାରତୀୟ ପର୍ଯ୍ୟଟକ

ନୂଆଦିଲ୍ଲୀ: ନେପାଳରେ ପ୍ରବଳ ତୁଷାରପାତ ଯୋଗୁଁ ଫସି ରହିଛନ୍ତି ୬ ଜଣ ଭାରତୀୟ ପର୍ଯ୍ୟଟକ। ଏମାନଙ୍କ ମଧ୍ୟରେ ଦୁଇ ଜଣ ମହିଳା ଅଛନ୍ତି। ଶନିବାର ଅପରାହ୍ଣରୁ ନେପାଳର ଶେ-ଫୋକ୍ସୁଣ୍ଡୋ ଜାତୀୟ ଉଦ୍ୟାନ ଅଞ୍ଚଳରେ ପ୍ରବଳ ବରଫପାତ ହେବାରୁ ପର୍ଯ୍ୟଟକମାନେ ଫସି ଯାଇଛନ୍ତି। ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ନେପାଳ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି। ଉଦ୍ଧାର କାର୍ଯ୍ୟ ପାଇଁ ହେଲିକପ୍ଟରର ସହାୟତା ନିଆଯିବାକୁ ଉଦ୍ୟମ ଚାଲିଛି। ଡୋଲ୍ପା ଜିଲ୍ଲାର ମୁଖ୍ୟ ଜିଲ୍ଲା ଅଧିକାରୀ ଜୁନୁ ଢକାଲଙ୍କ ସୂଚନା ଅନୁଯାୟୀ, ଭାରତୀୟ ପର୍ଯ୍ୟଟକମାନେ କାଠ ମାଣ୍ଡୁଠାରୁ ପ୍ରାୟ ୩୦୦ କିଲୋମିଟର ଉତ୍ତର-ପଶ୍ଚିମରେ ଥିବା ଶେ-ଫୋକ୍ସୁଣ୍ଡୋ ଗ୍ରାମୀଣ ପୌରପାଳିକାର ୮ ନମ୍ବର ୱାର୍ଡ ଅନ୍ତର୍ଗତ ଧୋ ଅଞ୍ଚଳକୁ ଯାଇଥିଲେ। ହଠାତ୍ ପ୍ରବଳ ତୁଷାରପାତ ହେବାରୁ ସମଗ୍ର ଅଞ୍ଚଳ ବରଫରେ ଆଚ୍ଛାଦିତ ହୋଇଯାଇଛି। ଢକାଲ କହିଛନ୍ତି ଯେ, ପର୍ଯ୍ୟଟକମାନେ କେଉଁଠାରେ ଫସି ରହିଛନ୍ତି, ସେହି ସ୍ଥାନ ଚିହ୍ନଟ କରାଯାଇଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସେନାର ହେଲିକପ୍ଟର ପଠାଯାଇଛି। ଖୁବଶୀଘ୍ର ସେମାନଙ୍କୁ



ସୁରକ୍ଷିତ ଉଦ୍ଧାର କରାଯିବ ବୋଲି ଆଶା ରହିଛି। ତେବେ ନେପାଳର ଅନଲାଇନ୍ ଖବର ପୋର୍ଟାଲ 'ଅନଲାଇନ୍ ଖବର' ଅନୁଯାୟୀ, ସୁରକ୍ଷାକାର୍ଯ୍ୟରେ ମୁତୟନ ଥିବା ନେପାଳ ସେନାର ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଉଦ୍ଧାର କାର୍ଯ୍ୟରେ ବିଳମ୍ବ ହୋଇଛି। ଅଧିକାରୀମାନେ ଅନ୍ୟ ଏକ ହେଲିକପ୍ଟରର ବ୍ୟବସ୍ଥା କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ମୁଖ୍ୟ ଜିଲ୍ଲା ଅଧିକାରୀଙ୍କ କହିବା ଅନୁଯାୟୀ, ସୁରକ୍ଷାକର୍ମୀ ଏବଂ ସେମାନଙ୍କ ସହ ଥିବା ନେପାଳୀ ଗାଇଡ୍ଙ୍କ ଚେତାବନୀ ସତ୍ତ୍ୱେ ପର୍ଯ୍ୟଟକମାନେ ଆଗକୁ ବଢ଼ିଥିଲେ। ପ୍ରବଳ ବରଫପାତ ମଧ୍ୟରେ ସେମାନେ ନିଜ ଗାଇଡ୍ଙ୍କୁ ଛାଡ଼ି ହ୍ରଦ ଆଡ଼କୁ ଯାଇଥିଲେ। ଶନିବାର ରାତିରେ ସେମାନଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏହାପୂର୍ବରୁ ଶନିବାର ସନ୍ଧ୍ୟାରେ ଗାଇଡ୍ ଡୋଲ୍ପା ଜିଲ୍ଲା ପ୍ରଶାସନକୁ ଫୋନ୍ କରି ପ୍ରବଳ ବରଫପାତ ଯୋଗୁଁ ପର୍ଯ୍ୟଟକମାନେ ଫସି ଯାଇଥିବା ସୂଚନା ଦେଇଥିଲେ। ରବିବାର ସକାଳେ ସେମାନଙ୍କ ସହ ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ତେବେ ପର୍ଯ୍ୟଟକମାନେ ନିଖୋଜ ନୁହନ୍ତି, କାରଣ ସେମାନେ କେଉଁଠାରେ ଫସିଛନ୍ତି ତାହା ଚିହ୍ନଟ ହୋଇସାରିଛି ବୋଲି ଢକାଲ ସ୍ପଷ୍ଟ କରିଛନ୍ତି। ଡୋଲ୍ପା ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଫସିଥିବା ପର୍ଯ୍ୟଟକମାନେ ହେଲେ ମୌମିତା ହାଲଦାର, ପିୟାଲି କୋଲେ, ଜାଜଲା ତ୍ରିବେଦୀ କୁମାର, ଆଦିତ୍ୟ ସିଂହ, ଦୀପ୍ତିକା ବିଶ୍ୱାସ ଏବଂ ରାଜେଶ ଦୋତେବେ , ନେପାଳର ହିମାଳୟ ପାର୍ବତ୍ୟାଞ୍ଚଳରେ ପ୍ରବଳ ତୁଷାରପାତ ଯୋଗୁଁ ପର୍ଯ୍ୟଟକ ଫସିବା ଘଟଣା ନୂଆ ନୁହେଁ।

ଫ୍ରାଙ୍କଫର୍ଟରେ ଲୁଟପାଟ୍, ପୋଲିସ ଉପରକୁ ପେଟ୍ରୋଲ୍ ବୋମା ମାଡ଼


ଫ୍ରାଙ୍କଫର୍ଟ/ବର୍ଲିନ୍: ବାଧ୍ୟତାମୂଳକ ସାମରିକ ସେବା ପ୍ରତ୍ୟାହାର, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ସରକାରୀ ଅନୁଦାନ ଏବଂ କ୍ରମବର୍ଦ୍ଧିଷ୍ଣୁ ସାଧାରଣ ଜୀବନଯାପନ ଖର୍ଚ୍ଚ ବିରୋଧରେ ଜର୍ମାନୀରେ ଯୁବପିଢ଼ିଙ୍କ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଛି। 'ଜେନ୍ ଜି ରେଗେଲ୍ଟ' ସଂଗଠନର ଆହ୍ୱାନରେ ବର୍ଲିନ୍, ଫ୍ରାଙ୍କଫର୍ଟ, ମ୍ୟୁନିଚ୍, ହାମ୍ବୁର୍ଗ ସମେତ ଦେଶର ୩୪ରୁ ଉର୍ଦ୍ଧ୍ୱ ସହରରେ ଦଶହଜାରରୁ ଅଧିକ ଯୁବକ-ଯୁବତୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ତେବେ ଶନିବାର ରାତିରେ ଫ୍ରାଙ୍କଫର୍ଟରେ ଏହି ପ୍ରଦର୍ଶନ ହିଂସାତ୍ମକ ରୂପ ନେଇଥିବା ବେଳେ ମୁଖାପିନ୍ଧା ଦୁର୍ବୃତ୍ତମାନେ ବହୁ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନରେ ଲୁଟପାଟ୍ କରିବା ସହ ଭଙ୍ଗାରୁଜା କରିଛନ୍ତି। ଫ୍ରାଙ୍କଫର୍ଟ ସହର ମଧ୍ୟଭାଗରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ପୁଲିସକୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଛି। ମୁଖାପିନ୍ଧା ଉପଦ୍ରବକାରୀମାନେ ଅଗ୍ନିଶମ ଓ ସୁରକ୍ଷା କର୍ମୀଙ୍କ ଉପରକୁ ପେଟ୍ରୋଲ୍ ବୋମା ଏବଂ ପଥର ମାଡ଼ କରିଥିଲେ। ପୁଲିସ ସାରା ସହରରେ ସାଧାରଣ ନାଗରିକଙ୍କୁ ଘଟଣାସ୍ଥଳରୁ ଦୂରେଇ ରହିବାକୁ ବାରମ୍ବାର ନିବେଦନ



କରିଛି। ସେହିପରି ହାମ୍ବୁର୍ଗରେ ଉତ୍ତ୍ୟକ୍ତ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ ପାଇଁ ତିଆରି ହୋଇଥିବା ବ୍ୟାରିକେଡ୍ଗୁଡ଼ିକରେ ନିଆଁ ଲଗାଇ ଦେଇଛନ୍ତି, ଯାହାକୁ ନିୟନ୍ତ୍ରଣ କରିବା ପାଇଁ ୱାଟର କ୍ୟାନନ୍ସ ବ୍ୟବହାର କରାଯାଇଛି। ଜର୍ମାନ କାନ୍ସେଲର ଫ୍ରିଡରିକ୍ ମେର୍ଜଙ୍କ ସରକାରୀ ନୀତିକୁ ସମାଲୋଚନା କରି ଯୁବ ସଂଗଠନର ବାକ୍ତା ଲିନା ଫ୍ରିଡରିଚ୍ କହିଛନ୍ତି ଯେ, ଆମେ ଯୁଦ୍ଧ କିମ୍ବା ବାଧ୍ୟତାମୂଳକ ନିୟମ ପାଇଁ ନୁହେଁ, ବରଂ ଶାନ୍ତି, ସ୍ୱାଧୀନତା ଏବଂ ସୁଦୃଢ଼ ଶିକ୍ଷା-ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ସଂଗ୍ରାମ କରୁଛୁ। ଅନ୍ୟପକ୍ଷରେ, ଜର୍ମାନୀ ଗୃହ ମନ୍ତ୍ରଣାଳୟ ଚେତାବନୀ ଦେଇଛି ଯେ, ଶାନ୍ତିପୂର୍ଣ୍ଣ ଯୁବ ପ୍ରଦର୍ଶନର ସୁଯୋଗ ନେଇ କେତେକ ବାମପନ୍ଥୀ ଏବଂ ବିଦେଶୀ ଉଗ୍ରବାଦୀ ଗୋଷ୍ଠୀ ହିଂସା ସୃଷ୍ଟି କରୁଛନ୍ତି।

ସୋମବାର ନବୀକରଣୀୟ ଶକ୍ତି ସମ୍ମିଳନୀ, ପ୍ରଦର୍ଶନୀ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ଭାରତର ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ନିବେଶ, ନୂତନ ପ୍ରଯୁକ୍ତି ଓ ଆନ୍ତର୍ଜାତିକ ସହଯୋଗକୁ ଗୁରୁତ୍ୱ ଦେଇ ନଭେମ୍ବର ୨ରୁ ନୂଆଦିଲ୍ଲୀରେ ଆରମ୍ଭ ହେବ ଭାରତ ନବୀକରଣୀୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଅପରାହ୍ଣ ପ୍ରାୟ ୪ଟା ୩୦ରେ ଭାରତ ମଣ୍ଡପମ୍ରେ ଏହାର ଉଦ୍ଘାଟନ କରିବେ ଏବଂ ଉପସ୍ଥିତ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିବେ। ନଭେମ୍ବର ୨ରୁ ୫ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି 'ନିବେଶ କର, ନବସୃଜନ କର, ପ୍ରେରଣା ଦିଅ'। ଏଥିରେ ୧୩୦ରୁ ଅଧିକ ଦେଶର ପ୍ରତିନିଧି, ୪୦ରୁ ଅଧିକ ମନ୍ତ୍ରୀଙ୍କ ସମେତ ନୀତି ନିର୍ଦ୍ଧାରକ, ନିବେଶକ, ଆର୍ଥିକ ଅନୁଷ୍ଠାନ ଓ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିମାନେ ଯୋଗଦେବେ। ଏହା ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ବିଶ୍ୱସ୍ତରୀୟ ନିବେଶ ଓ



ପ୍ରଯୁକ୍ତିଗତ ସହଭାଗିତା ପାଇଁ ଏକ ମଞ୍ଚ ଯୋଗାଇବ। ଅଷ୍ଟ୍ରେଲିଆ, ଡେନମାର୍କ, ୟୁରୋପୀୟ ସଂଘ, ଫ୍ରାନ୍ସ, ଜର୍ମାନୀ, ନେଦରଲ୍ୟାଣ୍ଡ, ନରୱେ, ସ୍ୱିଡେନ୍ ଓ ବ୍ରିଟେନ୍ ଏହି ସମ୍ମିଳନୀରେ ଦେଶୀୟ ସହଯୋଗୀ ଭାବେ ଯୋଗଦେବେ। ସେମାନେ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ନିଜ ଦେଶର ଅଭିଜ୍ଞତା, ପ୍ରଯୁକ୍ତି ଓ ନିବେଶ ସମ୍ଭାବନା ଉପସ୍ଥାପନ କରିବେ। ଏହି ସମ୍ମିଳନୀରେ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ନିଜ ନିଜର ନବୀକରଣୀୟ ଶକ୍ତି କ୍ଷମତା, ନିବେଶ ସୁଯୋଗ ଏବଂ ଉତ୍ପାଦନ କ୍ଷମତା ପ୍ରଦର୍ଶନ କରିବେ। ଏଥିରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଛତିଶଗଡ଼, ଦିଲ୍ଲୀ, ଗୁଜରାଟ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ରହିଛନ୍ତି। ଏହା ଓଡ଼ିଶାକୁ ନିଜର ନବୀକରଣୀୟ ଶକ୍ତି ସମ୍ଭାବନା ଏବଂ ଏହି କ୍ଷେତ୍ରରେ ଉପଲବ୍ଧ ନିବେଶ ସୁଯୋଗକୁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଉପସ୍ଥାପନ କରିବାର ସୁଯୋଗ ଦେବ। ଏହି ଆୟୋଜନ ସହିତ ଆନ୍ତର୍ଜାତିକ ସୌର ମେଣ୍ଟର ନବମ ଅଧିବେଶନ ଏବଂ ଚତୁର୍ଥ ଆନ୍ତର୍ଜାତିକ ସବୁଜ ହାଇଡ୍ରୋଜେନ୍ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହେବ। ଭାରତ ନବୀକରଣୀୟ ଶକ୍ତି ସମ୍ମିଳନୀରେ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ନିବେଶ, ଶିଳ୍ପ ଓ ପ୍ରଯୁକ୍ତି ସହଭାଗିତା ଉପରେ ଆଲୋଚନା ହେବ। ଆନ୍ତର୍ଜାତିକ ସୌର ମେଣ୍ଟର ଅଧିବେଶନରେ ସୌର ଶକ୍ତି କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗ, ଅର୍ଥ ଯୋଗାଣ ଓ ଅନୁଷ୍ଠାନିକ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ସେହିପରି ସବୁଜ ହାଇଡ୍ରୋଜେନ୍ ସମ୍ମିଳନୀରେ ଏହି କ୍ଷେତ୍ରର ପ୍ରଯୁକ୍ତି, ନିବେଶ ଓ ବ୍ୟାପକ ଉତ୍ପାଦନ ଉପରେ ଆଲୋଚନା ହେବ। ପୂର୍ବରୁ ଆୟୋଜିତ 'ରି-ଇନଭେଷ୍ଟ' ସମ୍ମିଳନୀର ଅଭିଜ୍ଞତାକୁ ଆଧାର କରି ଏଥର ଅଧିକ ବ୍ୟାପକ ଭାବେ ବିଶ୍ୱର ସ୍ୱଚ୍ଛ ଶକ୍ତି କ୍ଷେତ୍ରକୁ ଏକାଠି କରିବା ଲକ୍ଷ୍ୟ ରଖାଯାଇଛି। ଏଥିରେ ପୂର୍ଣ୍ଣାଙ୍ଗ ଅଧିବେଶନ, ମନ୍ତ୍ରୀସ୍ତରୀୟ ଆଲୋଚନା, ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ବୈଠକ ଏବଂ ଦେଶ ଓ ରାଜ୍ୟସ୍ତରୀୟ ଅଧିବେଶନ ଆୟୋଜିତ ହେବ। ଏହା ସହିତ ବ୍ୟବସାୟ-ବ୍ୟବସାୟ, ବ୍ୟବସାୟ-ସରକାର ଏବଂ ସରକାର-ସରକାର ମଧ୍ୟରେ ଆଲୋଚନା ହେବ।

ଶୃଙ୍ଖଳା ଜିତିଲା ଭାରତ

ହାମିଲଟନ, ୧।୧୧(ଏଜେନ୍ସି) : ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି -୨୦ ଶୃଙ୍ଖଳାକୁ ୩-୨ ରେ ଜିତିଛି ଭାରତ । ଯେଭଳି ଆରମ୍ଭ ହୋଇଥିଲା ସେଭଳି ଶେଷ ହୋଇପାରିନାହିଁ। ପ୍ରଥମ ୩ ଟି ମ୍ୟାଚ ଜିତି ଶୃଙ୍ଖଳା ସ୍ୱିପ୍ ଲକ୍ଷ୍ୟରେ ଥିବା ଟିମ୍ ଇଣ୍ଡିଆକୁ ଶେଷ ଦୁଇଟି ମ୍ୟାଚରେ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ତେଣୁ ସିରିଜ ବିଜୟ ଉତ୍ସବ ଫିକା ପଡିଯାଇଛି । ରବିବାର ହାମିଲଟନର ସେଡନ ପାର୍କରେ ଖେଳାଯାଇଥିବା ପଞ୍ଚମ ଟି -୨୦ ରେ ଘରୋଇ ନ୍ୟୁଜିଲାଣ୍ଡ ୭ ୱିକେଟରେ ଭାରତକୁ ପରାଜିତ କରି ସମ୍ମାନ ରକ୍ଷିଛି। ଭାରତ ପ୍ରଥମେ ବ୍ୟାଟିଂ କରି ଇଷାନ କିଶାନଙ୍କ ୬୧ ଓ ଶ୍ରେୟାସ ଆୟରଙ୍କ ୫୦ ରନ ବଳରେ ୮ ୱିକେଟ ହରାଇ ୧୯୧ ରନ କରିଥିଲା। ଜବାବ୍‌ରେ ନ୍ୟୁଜିଲାଣ୍ଡ ସେଫର୍ଟଙ୍କ ଦମଦାର ୯୩ ରନ ଓ ଗ୍ଲେନ୍ ଫିଲିପ୍ସଙ୍କ ୬୪ ରନ ବଳରେ ଦୁଇ ଓଭର ବାକି ଥାଇ ମ୍ୟାଚ ଜିତିଯାଇଛି। ଆଗାମୀ ୪ ତାରିଖରୁ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଆରମ୍ଭ ହେବ। ଆଡାମ ମିଲେନଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ଓ ଗ୍ଲେନ୍ ଫିଲିପ୍ସ ପ୍ଲେୟାର ଅଫ ଦ ସିରିଜ ବିବେଚିତ ହୋଇଛନ୍ତି।

୧୯୨ ରନର ବିଜୟ ଲକ୍ଷ୍ୟକୁ ପିଛା କରି ନ୍ୟୁଜିଲାଣ୍ଡ ୯ ରନରେ ପ୍ରଥମ ୱିକେଟ ହରାଇଥିଲା। ଫିନ ଆଲିନ ୨ ରନ କରି ପାଭିଲିୟନ ଫେରିଥିଲେ। ଏହା ପରେ ଟିମ୍ ସେଫର୍ଟ ଓ ଡାର୍ଲି ମିଚେଲ ଭାରତୀୟ ବୋଲରଙ୍କ ଉପରେ ଆକ୍ରମଣ ଆରମ୍ଭ କରିଥିଲେ। ଦୁହେଁ ଦ୍ୱିତୀୟ ୱିକେଟ ପାଇଁ ୭୩ ରନ ଯୋଡି ବିଜୟର ମୂଳଦୂଆ ପକାଇଥିଲେ। ମିଚେଲ ୨୯ ରନ କରି ପାଭିଲିୟନ ଫେରିଥିଲେ। କିନ୍ତୁ ସେଫର୍ଟଙ୍କ ବିସ୍ଫୋରକ ବ୍ୟାଟିଂ ଜାରି ରହିଥିଲା। ଫର୍ମରେ ଥିବା ଗ୍ଲେନ୍ ଫିଲିପ୍ସ ପଡିଆକୁ ଆସିବା ମାତ୍ରେ ଭାରୀତୟ ବୋଲରଙ୍କ ଚାପ ଆହୁରୀ ବଢିଯାଇଥିଲା। ଦୁହେଁ ୮୬ ରନ ଯୋଡି ଦଳର ବିଜୟ ସୁନିଶ୍ଚିତ କରିଥିଲେ। ସେଫର୍ଟ ୫୦ ବଲରୁ ୧୧ ଚୌକା ଓ ୫ ଛକା ସହାୟତାରେ ୯୩ ରନର ଇନିଂସ ଖେଳି ଆଉଟ୍ ହୋଇଥିଲେ। ୧୮ ଓଭରରେ ନ୍ୟୁଜିଲାଣ୍ଡ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହାପୂର୍ବରୁ ବ୍ୟାଟିଂ କରିଥିବା ଭାରତ ପାଇଁ ଇଶାନ କିଶାନ ୩୨ ବଲରୁ ୬୧, ଶ୍ରେୟାସ ଆୟର ୨୩ ବଲରୁ ୫୦, ମଧ୍ୟମକ୍ରମରେ ନମନ ଧୀର ୨୩ ବଲରୁ ୩୩, ନୀତିଶ କୁମାର ରେଡ୍ଡୀ ୧୭ ବଲରୁ ୨୨ ରନ କରିଥିଲେ। ତେଣୁ ଭାରତ ୨୦ ଓଭରରେ ୮ ୱିକେଟ ହରାଇ ୧୯୧ ରନ କରିଥିଲା। ନ୍ୟୁଜିଲାଣ୍ଡର ଆଡାମ ମିଲନେ ୪ ଟି, ନାଥନ ସ୍ମିଥ୍ ଓ ବଲବିର ଟିକନର ୨ ଟି ଲେଖାଏଁ ୱିକେଟ ସଫଳତା ହାସଲ କରିଥିଲେ।



ନିରାଶ କଲେ ଭୁବି

ଦ୍ରୁତ ବୋଲର ଭୁବନେଶ୍ୱର କୁମାରଙ୍କ ଟି -୨୦ ପ୍ରତ୍ୟାବର୍ତ୍ତନ ଆଶାନୁରୂପ ହୋଇପାରିନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି -୨୦ ଶୃଙ୍ଖଳାରେ ଭୁବିଙ୍କୁ ଦୀର୍ଘ ୪ ବର୍ଷ ପରେ ସୁଯୋଗ ମିଳିଥିଲା। ସମ୍ପୂର୍ଣ୍ଣ ଶୃଙ୍ଖଳାରେ ଭୁବି ୪ ମ୍ୟାଚ ଖେଳି ମାତ୍ର ଗୋଟିଏ ୱିକେଟ ହାସଲ କରିବାକୁ ସକ୍ଷମ ହୋଇଥିଲେ। ଏହି ସମୟ ମଧ୍ୟରେ ସେ ୧୬ ଓଭର ବୋଲିଂ କରି ୧୧.୨୫ ହାରରେ ୧୮୦ ରନ ବ୍ୟୟ କରିଥିଲେ। ଏହାକୁ ଲଜ୍ଜାଜନକ ରେକର୍ଡ ଭାବେ ବିବେଚନା କରାଯାଉଛି। ପୂର୍ବରୁ ୨୦୨୧ରେ ଅଷ୍ଟ୍ରେଲିଆ ବିପକ୍ଷରେ ଶୃଙ୍ଖଳାରେ ନ୍ୟୁଜିଲାଣ୍ଡର କାଇଲ ଜାମିସନ୍ ୧୭୫ ରନ ବ୍ୟୟ କରି ଏହି ସୂଚୀର ଶୀର୍ଷରେ ଥିଲେ। ଏବେ ଭୁବନେଶ୍ୱର ତାଙ୍କୁ ପଛରେ ପକାଇଦେଇଛନ୍ତି। ଏଭଳି ପ୍ରଦର୍ଶନ ପରେ ଚୟନକର୍ତ୍ତା ଭୁବନେଶ୍ୱର କୁମାରଙ୍କ ଉପରେ ପୁନର୍ବାର ଆସ୍ଥା ପ୍ରକଟ କରୁଛନ୍ତି କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିବ।

ଟ୍ୱିନ୍ ସିଟି ମାରାଥନରେ ଦୀପୁ, ମାମିନା ବିଜେତା

ଭୁବନେଶ୍ୱର, ୧।୧୧(ସବ୍ୟୁ): ଭୁବନେଶ୍ୱର-କଟକ ଟ୍ୱିନ୍ ସିଟି ମାରାଥନ୍-୨୦୨୬ର ଫୁଲ୍ ମାରାଥନ୍ ଓପନ୍ ବର୍ଗରେ ପୁରୁଷଙ୍କ ମଧ୍ୟରେ ଦୀପୁ କିସ୍କୁ ଏବଂ ମହିଳାଙ୍କ ମଧ୍ୟରେ ମାମିନା ମୁର୍ମୁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଦୀପୁ ୨ ଘଣ୍ଟା ୪୪ ମିନିଟ୍ ୫୩ ସେକେଣ୍ଡରେ ଦୌଡ଼ ଶେଷ କରିଥିବା ବେଳେ ମାମିନା ୩ ଘଣ୍ଟା ୪୦ ମିନିଟ୍ ୩୯ ସେକେଣ୍ଡ ସମୟ ନେଇ ମହିଳା ବର୍ଗରେ ବିଜୟୀ ହୋଇଛନ୍ତି। ପୁରୁଷ ବର୍ଗରେ ରାକେଶ ମାହେତୋ ୨ ଘଣ୍ଟା ୪୫ ମିନିଟ୍ ୫୦ ସେକେଣ୍ଡ ସହ ଦ୍ୱିତୀୟ ଏବଂ ଅଭିନ୍ନା ରାଣା ୨ ଘଣ୍ଟା ୪୭ ମିନିଟ୍ ୫ ସେକେଣ୍ଡ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ମହିଳା ବର୍ଗରେ ସନ୍ଧ୍ୟା ମୁର୍ମୁ ୪ ଘଣ୍ଟା ୧୩ ମିନିଟ୍ ୧୦ ସେକେଣ୍ଡ ସହ ଦ୍ୱିତୀୟ ଏବଂ ସାକ୍ରୋ ବେସ୍ରା ୪ ଘଣ୍ଟା ୧୫ ମିନିଟ୍ ୧୬ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଆଇରନମ୍ ପକ୍ଷରୁ ଆୟୋଜିତ ଏହି ମାରାଥନ୍ ସଫଳତାର ସହ ଶେଷ ହୋଇଛି। ଏହା ଓଡ଼ିଶାରେ ପ୍ରଥମ ଥର ପାଇଁ ଆନ୍ତର୍ଜାତିକ ମାରାଥନ୍ ଓ ଦୂରତା ଦୌଡ଼ ସଂଘ (ଏଆଇଏମ୍ଏସ୍) ଦ୍ୱାରା ସାର୍ଟିଫାଏଡ୍ ଭାବେ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଫୁଲ୍ ମାରାଥନ୍, ହାଫ୍ ମାରାଥନ୍, ୧୦ କିଲୋମିଟର, ୫ କିଲୋମିଟର ଓ ୩ କିଲୋମିଟର ଭଳି ପାଞ୍ଚଟି ବର୍ଗରେ ୧୫୦୦ରୁ ଅଧିକ ଧାବକ ଓ ଧାବିକା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ପ୍ରାୟ ୪୦୦ ଜଣ ମହିଳା ପ୍ରତିଯୋଗୀ ଥିଲେ। ଏହା ରାଜ୍ୟରେ ଦୌଡ଼ ଓ ଫିଟନେସ୍ ପ୍ରତି ବଢୁଥିବା ଆଗ୍ରହକୁ ପ୍ରତିଫଳିତ କରିଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ପୁଲିସ୍ର ଆଣ୍ଟି-ନକ୍ସଲ ଅପରେସନ୍ସ ଓ ସ୍ପେଶାଲ୍ ଇଣ୍ଟେଲିଜେନ୍ସ ୱିଙ୍ଗ୍ ନିର୍ଦ୍ଦେଶକ ତଥା ପୁଲିସ୍ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ମାରାଥନ୍ର ବ୍ରାଣ୍ଡ ଆମ୍ବାସାଡର୍ ଦୁଃଖୀଶ୍ୟାମ ଓ ବବିତାଙ୍କ ସହ ମିଶି ସେ ଏହାର ଶୁଭାରମ୍ଭ କରିଥିଲେ। ଶ୍ରୀ ପଣ୍ଡା ନିଜେ ମଧ୍ୟ ହାଫ୍ ମାରାଥନ୍ରେ ଭାଗ ନେଇଥିଲେ। ଆୟୋଜନକୁ ସଫଳ କରିବାରେ ସହଯୋଗ କରିଥିବା ପ୍ରତିଯୋଗୀ, ଅତିଥି, ପ୍ରାୟୋଜକ, ସ୍ୱେଚ୍ଛାସେବୀ, ପୁଲିସ୍, ଚିକିତ୍ସାକର୍ମୀ ଓ ସହଯୋଗୀ ଦଳଙ୍କୁ ଆୟୋଜକଙ୍କ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଯାଇଛି।



ସେକ୍ରେଟାରିଏଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୧।୧୧(ସବ୍ୟୁ) : ଓଡ଼ିଶା ସେକ୍ରେଟାରିଏଟ୍ କ୍ରିକେଟ୍ ଆସୋସିଏସନ୍ର ଆନୁକୂଲ୍ୟରେ ଆୟୋଜିତ ୨୨ତମ ସେକ୍ରେଟାରିଏଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ହାଇଟେକ୍ ଷ୍ଟାଡିୟମରେ ରଙ୍ଗାରଙ୍ଗ ପରିବେଶରେ ଉଦ୍‌ଘାଟିତ ହୋଇଛି। ହାଇଟେକ୍ ଗ୍ରୁପର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଦୀର୍ଘ ବର୍ଷ ଧରି ନିଜର ସ୍ୱତନ୍ତ୍ରତା ବଜାୟ ରଖିଥିବା ଏହି ଟୁର୍ଣ୍ଣାମେଣ୍ଟର ୨୨ତମ ସଂସ୍କରଣରେ ମୋଟ ୧୬ଟି ଦଳ ଭାଗ ନେଉଛନ୍ତି। ଟୁର୍ଣ୍ଣାମେଣ୍ଟ ଲିଗ୍ କମ୍ ନକ୍‌ଆଉଟ୍ ପଦ୍ଧତିରେ ଖେଳାଯିବ। ପ୍ରତି ଶନିବାର ଓ ରବିବାର ମ୍ୟାଚ୍ ଆୟୋଜନ କରାଯିବ। ବ୍ୟସ୍ତବହୁଳ ଦୈନନ୍ଦିନ କାର୍ଯ୍ୟଧାରାରୁ କିଛି ସମୟ ବାହାର କରି ଖେଳାଳିମାନେ ନିଜକୁ ସୁସ୍ଥ ଓ ସକ୍ରିୟ ରଖିବା ସହ ପରସ୍ପର ମଧ୍ୟରେ ଭାଇଚାରା ବଢ଼ାଇବାର ଏହା ଏକ ଭଲ ମାଧ୍ୟମ ବୋଲି ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ। ଏଭଳି ଆୟୋଜନ ପାଇଁ ସେମାନେ କ୍ରିକେଟ୍ ଆସୋସିଏସନ୍କୁ ସାଧୁବାଦ ଜଣାଇଥିଲେ। ଉଦ୍‌ଘାଟନୀ ଅବସରରେ ସେକ୍ରେଟାରିଏଟ୍ କ୍ରିକେଟ୍ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଶଶାଙ୍କ ଶେଖର ମହାପାତ୍ର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ମିଶ୍ର ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ହାଇଟେକ୍ ମେଡିକାଲ୍ କଲେଜର ମୁଖ୍ୟ ପ୍ରଶାସନିକ ଅଧିକାରୀ ମାଲକିନ୍ ବେହେରା, ଗିରିଶ ପାତ୍ର, ଏନ୍. ରାମା ରାଓ, ପ୍ରଫେସର ଡ. ସୁଭାଷ ନାୟକ, ଡ. ଜ୍ୟୋର୍ତିମୟ ପଣ୍ଡା, ସିଏଓ ଡ. ଆର୍. ଏସ୍. ଗୁନେଗା, ଲଳିତ ମହାନ୍ତି, କ୍ରୀଡ଼ା ପରିଚାଳକ ସୁରେଶ କୁମାର ନାୟକ ଏବଂ ଆସୋସିଏସନ୍ର ଯୁଗ୍ମ ସମ୍ପାଦକ ନୃସିଂହ ଚରଣ ପୃଷ୍ଟିଙ୍କ ସମେତ ଗିରିଶ କୁମାର ଦିଗଲ, ଅବିନାଶ ଖଣ୍ଡୁଆଳ, କେ. ରାମା ରାଓ, ତ୍ରିଲୋଚନ ବାରିକ, ଦେବାଶିଷ ସିଂହ, ସୁମିତ ବାରିକ, ଦିନେଶ, ପଦ୍ମଚରଣ ରାଉତ ଓ ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଓଡ଼ିଶାରେ କାଭା ପୁରୁଷ ଭଲିବଲ୍ ଲିଗ୍

ଭୁବନେଶ୍ୱର, ୧।୧୧(ସବ୍ୟୁ): ଭାରତରେ ପ୍ରଥମ ଥର ପାଇଁ କାଭା ପୁରୁଷ ଭଲିବଲ୍ ଲିଗ୍-୨୦୨୬ ଓଡ଼ିଶାରେ ଆୟୋଜିତ ହେବ। ନଭେମ୍ବର ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ଏହି ଆନ୍ତର୍ଜାତିକ ପ୍ରତିଯୋଗିତା ହେବ। ଏଥିରେ ସାତଟି ଦେଶର ଆଠଟି ଦଳ ଓ ୨୨୦ରୁ ଅଧିକ ଖେଳାଳି, ଅଧିକାରୀ ଓ ବୈଷୟିକ କର୍ମଚାରୀ ଯୋଗଦେବେ। ନଭେମ୍ବର ୧ ତାରିଖରେ କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ମିଳନୀ କକ୍ଷରେ ଓଡ଼ିଶା ଭଲିବଲ୍ ସଂଘର ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ଏହି ସୂଚନା ଦିଆଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ମାନଦ ସାଧାରଣ ସମ୍ପାଦକ ପ୍ରଫେସର ଡ. ଗଗନେନ୍ଦୁ ଦାଶ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଭାରତରୁ ଦୁଇଟି ଦଳ ଏହି ଲିଗରେ ଭାଗ ନେବେ। ଇରାନ, କାଜାଖସ୍ତାନ, ମାଳଦ୍ୱୀପ, ଶ୍ରୀଲଙ୍କା, ନେପାଳ ଓ ଆଫଗାନିସ୍ତାନରୁ ଗୋଟିଏ ଲେଖାଏଁ ଦଳ ଅଂଶଗ୍ରହଣ କରିବେ। କିଟ୍ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ଭଲିବଲ୍ ସଂଘ ମିଳିତ ଭାବେ ଆନ୍ତର୍ଜାତିକ ଭଲିବଲ୍ ମହାସଂଘ ଓ କାଭାର ତତ୍ତ୍ୱାବଧାନରେ ଏହା ଆୟୋଜନ କରିବେ। ନଭେମ୍ବର ୧୫ରେ ଉଦ୍ଘାଟନୀ ଉତ୍ସବ ହେବ। ପ୍ରତିଦିନ ତିନୋଟି ମ୍ୟାଚ୍ ଖେଳାଯିବ। ୨୨ ତାରିଖରେ ବ୍ରୋଞ୍ଜ ଓ ସ୍ୱର୍ଣ୍ଣ ପଦକ ମ୍ୟାଚ୍ ସହ ପ୍ରତିଯୋଗିତା ଶେଷ ହେବ। ଏହା ସହ ନଭେମ୍ବର ୨୨ରୁ ୨୬ ତାରିଖ ଯାଏଁ କିଟ୍ସ୍ଥିତ ଏଫ୍ଆଇଭିବି ଆନ୍ତର୍ଜାତିକ ଉତ୍କର୍ଷ କେନ୍ଦ୍ରରେ ବେଳାଭୂମି ଭଲିବଲ୍ ପ୍ରଶିକ୍ଷକ ପାଠ୍ୟକ୍ରମ ଆୟୋଜିତ ହେବ। ଏହା ପ୍ରଶିକ୍ଷକଙ୍କ ବୈଷୟିକ ଜ୍ଞାନ ଓ ଦକ୍ଷତା ବୃଦ୍ଧିରେ ସହାୟକ ହେବ। ବୈଠକରେ ୨୦୨୭ ଫେବୃଆରୀରେ ଓଡ଼ିଶାରେ ଏଫ୍ଆଇଭିବି ବେଳାଭୂମି ଭଲିବଲ୍ ଟୁର୍ ଚ୍ୟାଲେଞ୍ଜ୍ର ଦ୍ୱିତୀୟ ସଂସ୍କରଣ ଆୟୋଜନ ପ୍ରସ୍ତାବ ମଧ୍ୟ ରଖାଯାଇଥିଲା। ଏଥିସହ ଆନ୍ତଃଜିଲ୍ଲା ବେଳାଭୂମି ଭଲିବଲ୍ ପ୍ରତିଯୋଗିତା ଆୟୋଜନ ପାଇଁ ପ୍ରସ୍ତାବକୁ ସଦସ୍ୟମାନେ ସମର୍ଥନ କରିଥିଲେ। ପୁରୀ ଜିଲ୍ଲା ଆଥଲେଟିକ୍ ସଂଘ ଏହାର ଆୟୋଜନ ପାଇଁ ଆଗ୍ରହ ଦେଖାଇଛି। ଓଡ଼ିଶା ଭଲିବଲ୍ ସଂଘର ଆଗାମୀ ନିର୍ବାଚନ ପରିଚାଳନା ପାଇଁ ଶିବପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ସମନ୍ୱୟ କମିଟି ଗଠନ କରାଯାଇଛି। ବୈଠକରେ ସଂଘ ସଭାପତି ପ୍ରଫେସର ଡ. ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିକାଶମୂଳକ ପଦକ୍ଷେପକୁ ସଦସ୍ୟମାନେ ପ୍ରଶଂସା କରିଥିଲେ।

ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ : କଟକ -ଅନୁଗୁଳ ଫାଇନାଲ

ପାଲଲହଡା, ୧.୧୧(ସବ୍ୟୁ) : ଗତ୨୭ ତାରିଖଠାରୁ ପାଲଲହଡା ଫୁଟବଲ କ୍ଲବ ଆନୁକୂଲ୍ୟରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ପାଲଲହଡା ଷ୍ଟାଡିଅମ ପରିସରରେ ଚାଲିଥିବା ୩୮ତମ ରାଜ୍ୟସ୍ତରୀୟ ପାଲଲହଡା କପ ଫୁଟବଲ ଟୁର୍ନାମେଣ୍ଟର ଆଜି ଥିଲା ସଷ୍ଠ ତଥା ଶେଷ ସେମିଫାଇନାଲ ମ୍ୟାଚ। ଆଜିର ଏହି ମ୍ୟାଚ ଅତ୍ୟନ୍ତ ଆକର୍ଷଣୀୟ ଓ ଚିତାକର୍ଷକ ଥିଲା। ଗତକାଲିର ବିଜେତା ରାଇକଲା ରାଇଜିଂଷ୍ଟାର କେନ୍ଦୁଝର ଦଳ ପ୍ରଥମରୁ ଆକ୍ରମାଣତ୍ମକ ଖେଳ ପ୍ରଦର୍ଶନ କରିଥିଲେମଧ୍ୟ ଅନୁଗୁଳ ଫୁଟବଲ କ୍ଲବର ରଣକୌଶଳ ଆଗରେ ହାର ମାନି ୩ -୦ଗୋଲରେ ପରାସ୍ତ ହୋଇଥିଲା। ଫଳରେ ଅନୁଗୁଳ ଫୁଟବଲ କ୍ଲବ ସିଧାସଳଖ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ଆସନ୍ତାକାଲି ଶେଷ ତଥା ଗ୍ରାଣ୍ଡ ଫାଇନାଲରେ ଗ୍ରୁପ ଏ ର ବିଜେତା କଟକ ଯୁବଜ୍ୟୋତି ଓ ଅନୁଗୁଳ ଏଫସିକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଅନୁଗୁଳ ଫୁଟବଲ କ୍ଲବର ଛବିଳ କିସାନ ଉତ୍ତମ ଖେଳ ପ୍ରଦର୍ଶନ କରି ଅନୁଗୁଳ ଦଳକୁ ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବାରୁ ଆୟୋଜକ କମିଟି ପକ୍ଷରୁ ମେନ ଅଫ ଦି ମ୍ୟାଚ ଭାବେ ମନୋନୀତ ହୋଇ ଆଜିର ମୁଖ୍ୟ ଅତିଥି ଦେବଗଡ଼ ନିର୍ବାଚନମଣ୍ଡଳୀର ପ୍ରାକ୍ତନ ବିଧାୟକ ସୁବାସ ପାଣିଗ୍ରାହୀ, ଦେବଗଡ଼ ବିଜେପି ଜିଲ୍ଲା ସଭାପତି ଅରୁଣ କୁମାର ସାହୁ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ ଏବଂ ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁଙ୍କଠାରୁ ସ୍ଥାନୀୟ ଏଚଡିଏଫସି ପ୍ରାୟୋଜିତ ନଗଦ ଅର୍ଥରାଶି ଦ୍ୱାରା ପୁରସ୍କୃତ ହୋଇଥିଲେ ।ଆଜିର ମ୍ୟାଚକୁ ଓଡ଼ିଶାର ଖ୍ୟାତନାମା ରାଜ୍ୟସ୍ତରୀୟ ରେଫରୀ ଦିଲ୍ଲୀପ କୁମାର ରାଉତ,ଉତ୍କଳମଣି ବେହେରା, ସଳିଳ ବେହେରା ଓ ଚତୁର୍ଥ ରେଫରୀ ଭାବେ ଚନ୍ଦନ ସାହୁ ପ୍ରମୁଖ ଖେଳକୁ ପରିଚାଳନା କରିଥିବାବେଳେ ଆୟୋଜକ ପାଲଲହଡା କପର ସଭାପତି ଇଞ୍ଜିନିଅର ନୀଳାମ୍ବର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଆଜି ମ୍ୟାଚର ଧାରବିବରଣୀ ବରିଷ୍ଠ ଖେଳାଳି ଅଭୟ କୁମାର ନାଏକ ଓ ହରିହର ବେହେରା ପ୍ରଦାନ କରିଥିବାବେଳେ ଆସନ୍ତାକାଲି ଗ୍ରାଣ୍ଡଫାଇନାଲ ମ୍ୟାଚପାଇଁ ବ୍ୟାପକ ପ୍ରସ୍ତୁତି ସଓ୍ବରୂପ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଥିବାରୁ ଟ୍ରାଫିକ ସମସ୍ୟା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯିବ ବୋଲି ଆୟୋଜକ କମିଟି ସାଧାରଣ ସମ୍ପାଦକ ଆଶିଷ କୁମାର ସାମଲଙ୍କ ସୂତ୍ରରୁ ପ୍ରକାଶ ।

ଅନ୍ତର୍ଜାତୀୟ ବାଳିକା ଖୋ-ଖୋରେ ଡିଏଭି, ଏନଟିପିସିକୁ ବ୍ରୋଞ୍ଜ ପଦକ

କଣିହାଁ,(ସବ୍ୟୁ) : ଚଳିତ ୨୦୨୬ ମସିହା ଅକ୍ଟୋବର ୨୪ ତାରିଖରୁ ୨୬ତାରିଖ ପର୍ଯ୍ୟନ୍ତ ଓ୍ୱାଏମସିଏ ସ୍ପୋର୍ଟସ କମ୍ପ୍ଲେକ୍ସ ଗ୍ରେଟର ନୋଏଡା, ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ଡିଏଭି ଜାତୀୟ କ୍ରୀଡା ସମାରୋହ- ୨୦୨୬ରେ ୧୭ବର୍ଷରୁ କମ ଓଡ଼ିଶା ଖୋ-ଖୋ(ବାଳିକା) ଦଳ ବ୍ରୋଞ୍ଜ ପଦକ ହାସଲ କରି ବିଜୟୀ ହୋଇଛନ୍ତି। ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକକୁ ୩ ପଏଣ୍ଟରେ ହରାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହେଲେ। ତୃତୀୟ ସ୍ଥାନ ହାସିଲ କରିବା ନିମନ୍ତେ ତେଲେଙ୍ଗନା ଓ ତାମିଲନାଡୁ ଦଳକୁ ପରାସ୍ତ କରି ସେକେଣ୍ଡ ରନର ଅପ ଭାବେ ଘୋଷିତ ହୋଇଥିଲେ । ତାଙ୍କର ଏହି ସଫଳତା ଡିଏଭି ଏନଟିପିସି, ଦୀପଶିଖା, କଣିହାଁ ସମେତ ସମଗ୍ର ଅନୁଗୋଳ ଜିଲ୍ଲା ପାଇଁ ଗୌରବ ଆଣିଦେଇଛି। ଓଡ଼ିଶା ଦଳରେ ଡିଏଭି ପବ୍ଲିକ ସ୍କୁଲ, ଏନଟିପିସି ଦୀପଶିଖା, କଣିହାଁର ଏଲିନା କୁଜୁର (କ୍ୟାପଟେନ), ଅମ୍ରିତା ନାଏକ, ଆନ୍ୟା ପାଣ୍ଡେ, ଇପସିତା ବେହେରା, ଚୈତାଳୀ ହେମ୍ବ୍ରମ , ଉଦିତା ଶୁକ୍ଲା, ନିୟତି ସାହୁ ଏବଂ ଡିଏଭି ପବ୍ଲିକ ସ୍କୁଲ, ଆଇଟିପିଏସ , ବନହରପାଲ୍ଲୀର ୪ ଜଣ ଛାତ୍ରୀ ଯଥାକ୍ରମ ପ୍ରଣତି ସା, ରତ୍ରିକା କେରକେଟା, ବିଦୁସ୍ମିତା ସୌନ୍ତା ଏବଂ ଅଙ୍କିତା ତିର୍କି ପ୍ରମୁଖ ପ୍ରତିଭାଗୀ ଓଡିଶା ଦଳ ଭାବରେ ଯୋଗ ଦେଇଥିଲେ। ଅକ୍ଟୋବର ୨୮ ତାରିଖ ଦିନ ଭୁବନେଶ୍ୱର ରେଲେଓ୍ୱ ଷ୍ଟେସନଠାରୁ ରାଜ୍ୟ କ୍ରୀଡା ସଂଯୋଜିକା ଶ୍ରୀମତୀ ଇପସିତା ଦାସ ଡିଏଭି , ପୋଖରୀପୁଟର ଅଧକ୍ଷ ଡ.ବିପିନ କୁମାର ସାହୁ ଓ ସହକର୍ମୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଗଲା । ଡିଏଭି ଏନଟିପିସିର ଅଧ୍ୟକ୍ଷ ସଦାନନ୍ଦ ହୋତା, ବରିଷ୍ଠ ଶିକ୍ଷକଗଣ, ଶୁଭେଚ୍ଛୁ, ଅଭିଭାବକ ଏବଂ ସମସ୍ତ ଛାତ୍ରଛାତ୍ରୀ ବିଜୟୀ ଦଳକୁ ତଥା କ୍ରୀଡା ଶିକ୍ଷକ ଡି. ଚନ୍ଦ୍ରଶେଖର ରେଡ୍ଡୀ , ଉଦି ଗଡ଼ନାୟକ, ଏସକର୍ଟ ଶିକ୍ଷୟିତ୍ରୀ ସୋମ୍ୟାପ୍ରିୟା ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।କଠିନ ପରିଶ୍ରମଦ୍ୱାରା ଜୀବନର ପ୍ରତିପାଦରେ ସଫଳତା ହାସଲ କରାଯାଇ ପାରିବ ବୋଲି ଅଧକ୍ଷ ସଦାନନ୍ଦ ହୋତା ଛାତ୍ରଛାତ୍ରୀଙ୍କୁ କହିଥିଲେ । ଏନଟିପିସି ପ୍ରକଳ୍ପ ଅଧିକାରୀ ଅଜୟ ସିଂ ଯାଦବ, ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ଼ଃ କେଶବ ଚନ୍ଦ୍ର ଶତପଥୀ, ଡିଏଭି ଜୋନ-ଡିର ଏଆରଓ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଏହି ସଫଳତା ନିମନ୍ତେ ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଓସିଏ ନିର୍ବାଚନ ପାଇଁ ସହମତୀ

ଭୁବନେଶ୍ୱର, ୧।୧୧ (ସବ୍ୟୁ) : ଓଡିଶା କ୍ରିକେଟ ଆସୋସିଏସନ୍ (ଓସିଏ) ନିର୍ବାଚନ ଚିତ୍ର ସ୍ପଷ୍ଟ ହୋଇଛି। ଆଗାମୀ ଡିସେମ୍ବର ୨୪ ରେ ବାରବାଟୀ ଷ୍ଟାଡିୟମରେ ଟି -୨୦ ମ୍ୟାଚ ଖେଳାଯିବ। ଏହା ପରେ ଓସିଏ ନିର୍ବାଚନ ହେବ। ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକରେ ନିର୍ବାଚନ ପାଇଁ ସମସ୍ତେ ସହମତୀ ଜଣାଇଛନ୍ତି। ବୈଠକରେ ୭୩ ଜଣ ସଦସ୍ୟ ଉପସ୍ଥିତ ଥିଲେ। ତେବେ ଏହି ବୈଠକକୁ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କୁ ଡକା ଯାଇନଥିବା ଅଭିଯୋଗ ହୋଇଛି। ନିର୍ବାଚନ ଲଢିବା ପାଇଁ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଆଶାୟୀ ପ୍ରାର୍ଥୀ ଥିବା ଚର୍ଚ୍ଚା ହେଉଛି। ସୋମବାର ହାଇକୋର୍ଟରେ ଓସିଏ ନିର୍ବାଚନ ସମ୍ପର୍କିତ ମାମଲାର ଗୁରୁତ୍ୱପୂର୍ଣ୍ଣ ଶୁଣାଣି ରହିଛି। ଏହା ପୂର୍ବରୁ ନିର୍ବାଚନ ନେଇ ଓସିଏ ନିଷ୍ପତ୍ତି ନେଇଛି। ଖୁବ୍‌ଶୀଘ୍ର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି ସୂଚନା ଦେଇଛନ୍ତି।



ସୁନେଲିତା ପାଇବେ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୧।୧୧(ସବ୍ୟୁ): ଓଡ଼ିଶାର ଉଦୀୟମାନ ହକି ଖେଳାଳି ସୁନେଲିତା ଟପ୍ପୋ ୩୪ତମ ଏକଲବ୍ୟ ପୁରସ୍କାର-୨୦୨୬ ପାଇଁ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ଏକଲବ୍ୟ ପୁରସ୍କାର କମିଟିର ବୈଠକରେ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ଜୁରୀ ସଦସ୍ୟଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ସୁନେଲିତାଙ୍କୁ ପୁରସ୍କାର ବାବଦରେ ୭ ଲକ୍ଷ ଟଙ୍କାର ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯିବ। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ହକି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ସଫଳତା ପାଇଁ ସୁନେଲିତାଙ୍କୁ ଏହି ସମ୍ମାନ ମିଳିବ। ଆଗାମୀ ଏକଲବ୍ୟ ପୁରସ୍କାର ପ୍ରଦାନ ସମାରୋହରେ ତାଙ୍କୁ ଟ୍ରଫି ଓ ନଗଦ ଅର୍ଥରାଶି ଦିଆଯିବ। ଏହି ପୁରସ୍କାର ପାଇଁ ହକି ଖେଳାଳି ଅମନଦୀପ ଲାକ୍ରା ଓ ବ୍ୟାଡମିଣ୍ଟନ ଖେଳାଳି ତନଭୀ ପାତ୍ରୀଙ୍କୁ ଉପବିଜେତା ଭାବେ ମନୋନୀତ କରାଯାଇଛି। ଉଭୟ ଖେଳାଳି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏହି ସ୍ୱୀକୃତି ପାଇଛନ୍ତି। ସେମାନଙ୍କୁ ମାନପତ୍ର ସହ ପ୍ରତ୍ୟେକଙ୍କୁ ୧.୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ୧୯୯୩ ମସିହାରେ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ଦ୍ୱାରା ପ୍ରତିଷ୍ଠିତ ଏକଲବ୍ୟ ପୁରସ୍କାର ଓଡ଼ିଶାର ଅନ୍ୟତମ ମର୍ଯ୍ୟାଦାଜନକ କ୍ରୀଡ଼ା ସମ୍ମାନ। ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟଜ୍ ଲିମିଟେଡ୍ (ଇମ୍ଫା) ଦ୍ୱାରା ପରିଚାଳିତ ଏହି ପୁରସ୍କାର ମାଧ୍ୟମରେ ପ୍ରତିବର୍ଷ ଓଡ଼ିଶାର ଯୁବ କ୍ରୀଡ଼ାବିତଙ୍କୁ ବିଗତ ଦୁଇ ବର୍ଷର ଉଲ୍ଲେଖନୀୟ କ୍ରୀଡ଼ା ସଫଳତା ପାଇଁ ସମ୍ମାନିତ କରାଯାଏ। ଏହା ରାଜ୍ୟର ନୂଆ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇ ଆସୁଛି। ପୁରସ୍କାର ଘୋଷଣା କରି ଏକଲବ୍ୟ ପୁରସ୍କାର କମିଟିର ଅଧ୍ୟକ୍ଷ ତଥା ଇମ୍ପାକ୍ଟ ଟ୍ରଷ୍ଟି ବୈଜୟନ୍ତ ପଣ୍ଡା କହିଛନ୍ତି ଯେ, ଓଡ଼ିଶାରେ କ୍ରୀଡ଼ା କ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଯୁବ ଖେଳାଳିଙ୍କୁ ସେମାନଙ୍କ ଯୋଗ୍ୟତା ଅନୁସାରେ ସ୍ୱୀକୃତି ଓ ପ୍ରୋତ୍ସାହନ ଦେବା ଜରୁରୀ। ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏକଲବ୍ୟ ପୁରସ୍କାର ପ୍ରତିଭାବାନ ଖେଳାଳିଙ୍କୁ ସମ୍ମାନିତ କରିବା ସହ ଆଗାମୀ ପିଢ଼ିକୁ କ୍ରୀଡ଼ା କ୍ଷେତ୍ରରେ ଉଚ୍ଚ ଲକ୍ଷ୍ୟ ରଖିବାକୁ ପ୍ରେରିତ କରୁଛି। ଚୟନ କମିଟି ବୈଠକର କାର୍ଯ୍ୟଧାରାକୁ ଏକଲବ୍ୟ ପୁରସ୍କାର କମିଟିର ଆବାହକ ଅଶ୍ୱିନୀ ପ୍ରସାଦ ମହାନ୍ତି ସଂଯୋଜନା କରିଥିଲେ।







Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି